



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ............

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର, ୧୦ ଅଗଷ୍ଟ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 10 AUGUST 2022

Vol.No. 35 ■ No. 209 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ :

ସୁବର୍ଣ୍ଣଶ୍ରୀ ପ୍ରକାଶିନୀ

ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ପ୍ରାପ୍ତିସ୍ଥାନ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


# ବିହାରରେ ଭାଙ୍ଗିଲା ବିଜେପି-ଜେଡିୟୁ ମେଣ୍ଟ

## ଆଜି ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ନୀତୀଶ କୁମାର



ପାଟନା, ୦୯/୦୮ (ନି.ପ୍ର): ବିଜେପି ଠାରୁ ଅଲଗା ହେବା ପରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ନୀତୀଶ କୁମାର। ଏହାପରେ ସେ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ ସହ ମିଶି ରାଜ୍ୟପାଳ ଫଗୁ ଚୌହାନଙ୍କ ସହ ବୈଠକ କରିଛନ୍ତି। ଏଥିସହ ସରକାର ଗଠନ କରିବାକୁ ଦାବି ଜଣାଇଛନ୍ତି। ଆସନ୍ତାକାଲି ସେ ବିହାରରେ ୮ମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ସେହିପରି ତେଜସ୍ୱୀ ଯାଦବ ତାଙ୍କ ଡେପୁଟି ଭାବେ ପଦ ଓ ଗୋପନୀୟତାର ଶପଥ ନେବେ। ଅପରାହ୍ନ ୪ଟାରେ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ନୀତୀଶ କୁମାରଙ୍କ ନୂଆ ସରକାରରେ କଂଗ୍ରେସକୁ ୩ଟି ମନ୍ତ୍ରୀ ପଦ ମିଳିବ। ବାଚସ୍ପତି କଂଗ୍ରେସରୁ ହୋଇ ପାରନ୍ତି। ଯଦି କଂଗ୍ରେସକୁ ବାଚସ୍ପତି ପଦ ନ ମିଳିବ, ତା'ହେଲେ ନୀତୀଶ ସରକାରରେ ଦଳର ୪ ଜଣ ସଦସ୍ୟ ମନ୍ତ୍ରୀ ଭାବେ କାମ କରିବେ ବୋଲି ଜଣାପଡ଼ିଛି। ବିଜେପି ଠାରୁ ଅଲଗା ହୋଇ ନୀତୀଶ କୁମାର ବିହାରରେ ମହାଗଠବନ୍ଧନ ସରକାର ଚଳାଇବେ। ସେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାକୁ ଥିବା ବେଳେ ଏହି ମହାମେଣ୍ଟରେ ୭ଟି ରାଜନୀତିକ ଦଳ ସାମିଲ ହେବେ। ଏଥିସହ ଜଣେ ସ୍ୱାଧୀନ ବିଧାୟକ ମଧ ନୀତୀଶ କୁମାରଙ୍କୁ ସମର୍ଥନ କରିବେ। ମହାଗଠବନ୍ଧନରେ କଂଗ୍ରେସ ଓ ବାମଦଳ ରହିଛନ୍ତି। ରାଜ୍ୟପାଳଙ୍କୁ ଭେଟିବା ପରେ ନୀତୀଶ କୁମାର କହିଛନ୍ତି, “ଆମ ପାଖରେ ୭ ଦଳର ସମର୍ଥନ ରହିଛି। ସେହିପରି ଜଣେ ସ୍ୱାଧୀନ ବିଧାୟକ ଆମ ସହ ରହିଛନ୍ତି। ସମର୍ଥନ କରୁଥିବା ସଦସ୍ୟଙ୍କ ଦସ୍ତଖତ ରାଜ୍ୟପାଳଙ୍କ ପାଖରେ ଉପସ୍ଥାପନ କରାଯାଇଛି। ଆମ ପାଖରେ ଏବେ ୧୬୪ ଜଣ ବିଧାୟକ ରହିଛନ୍ତି। ସମର୍ଥନ କରୁଥିବା ବିଧାୟଙ୍କ ଦସ୍ତଖତ ଥିବା ଚିଠି ରାଜ୍ୟପାଳଙ୍କୁ ଦିଆଯାଇଛି। ଏବେ ନୂଆ ସରକାର କେବେ ଗଠନ ହେବ ତା'ର ନିଷ୍ପତ୍ତି ରାଜ୍ୟପାଳ ନେବେ। ମୁଁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ସାରିଛି। ଏ ସମ୍ପର୍କରେ ବିଧାୟକମାନଙ୍କୁ ଅବଗତ କରାଇ ସାରିଛି। ଦଳୀୟ ସାଂସଦ ଓ ବିଧାୟକଙ୍କ ସମର୍ଥନରେ ଏନଡିଏ ଠାରୁ ଜେଡିୟୁ ଅଲଗା ହୋଇଛି। ” ସ୍ମିତ ହାସ୍ୟ ଦେଇ ନୀତୀଶ କୁମାର ଆହୁରି କହିଛନ୍ତି, “ରାଜନୀତି ଆରମ୍ଭରୁ ମୁଁ କେବେ ହେଲେ ଦୁର୍ନୀତିକୁ ପ୍ରଶୟ ଦେଇନାହିଁ। ଆମେ ସମାଜରେ ଭାଇଚାରା ଚାହୁଁ। ବର୍ତ୍ତମାନ ଓ ଭବିଷ୍ୟତରେ ଆମେ ଏକାଠି ରହିବୁ।” ରାଜ୍ୟପାଳଙ୍କୁ ନୀତୀଶ କୁମାରଙ୍କ ସହ ତେଜସ୍ୱୀ ମଧ ଭେଟିଛନ୍ତି। ଉଭୟ ରାଜଭବନରୁ ବାହାରିବା ପରେ ତେଜସ୍ୱୀ କହିଛନ୍ତି, “ଦାଦା-ପୁତୁରା ସରକାର ପୁଣି କମବ୍ୟାକ କରିଛି। ନୀତୀଶ କୁମାର ଦେଶର ସବୁଠାରୁ ଅଭିଜ୍ଞ ମୁଖ୍ୟମନ୍ତ୍ରୀ। ବିଜେପି କେବଳ ଲୋକଙ୍କୁ କେମିତି ଧର୍ମ ନାଁରେ ବଣ୍ଟା ଯିବ, ସେକଥା ଜାଣିଛି। ଜେଡିୟୁ ସହ ମେଣ୍ଟ ବେଳେ ସେମାନେ କ'ଣ କଲେ ଥରେ ଦେଖନ୍ତୁ। ସେ ଏହାକୁ ଶେଷ କରି ଦେବାକୁ ବସିଥିଲେ। ପଞ୍ଜାବ ଓ ମହାରାଷ୍ଟ୍ରକୁ ବି ଆପଣ ଉଦାହରଣ ଭାବେ ନେଇପାରିବେ। ସେମାନଙ୍କ ସହ ଯିଏ ବି ମେଣ୍ଟ କରିଛି, ସେମାନେ ତା'କୁ ହିଁ ଦୁର୍ବଳ କରିବାରେ ଲାଗନ୍ତି। ବିହାରରେ ବିଜେପି ଏଜେଣ୍ଡା ଯେମିତି କାର୍ଯ୍ୟକାରୀ ନ ହେବ, ସେକଥା ଆମେ ସମସ୍ତେ ଚାହୁଁଛୁ।”

# ତାଇୱାନକୁ ଭୟ ଚୀନ ଭୂତାଣୁ ! ନୂଆ ଭାଇରସରେ ଆକ୍ରାନ୍ତ ୩୫ଜଣଙ୍କୁ ଚିହ୍ନଟ



ନୂଆଦିଲ୍ଲୀ, ୦୯/୦୮ : ଚୀନରେ ନୂଆ ଭାଇରସର ସଂକ୍ରମଣ ବ୍ୟାପିବାରେ ଲାଗିଛି । 'ଜୁନୋଟିକ ଲଙ୍ଗ୍ୟା' ନାମକ ଏହି ଭାଇରସରେ ଆକ୍ରାନ୍ତ ୩୫ଜଣଙ୍କୁ ଚିହ୍ନଟ କରାଯାଇଛି । ଚୀନର ସାନଡଙ୍ଗ ଓ ହେନାନ ପ୍ରାନ୍ତରେ ଲୋକଙ୍କ ଭିତରେ ଏହି ଭୂତାଣୁ ସଂକ୍ରମଣ ହୋଇଥିବା ଜଣାପଡିଛି । ଗଣମାଧମରେ ପ୍ରକାଶ ପାଇଥିବା ରିପୋର୍ଟ ଅନୁସାରେ ତାଇୱାନ ସେଣ୍ଟର ଫର ଡିଜିଜ କଣ୍ଟ୍ରୋଲ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି । ଏବଂ ଚୀନରେ ଏହି ଭୂତାଣୁ ସଂକ୍ରମଣ ବ୍ୟାପୁଥିବା କୁହାଯାଇଛି । ତେବେ ଏନେଇ ଅଧିକ ତଥ୍ୟ ହାସଲ କରିବା ପାଇଁ ନ୍ୟୁକ୍ଲିକ ଏସିଡ ପରୀକ୍ଷଣ କରାଯିବ ବୋଲଇ ତାଇୱାନ ସେଣ୍ଟର ଫର ଡିଜିଜ କଣ୍ଟ୍ରୋଲ ପକ୍ଷରୁ କୁହାଯାଇଛି । ଭୂତାଣୁ ଓ ଏହାର ସଂକ୍ରମଣ ଉପରେ ଅଧିକ ତଥ୍ୟ ହାସଲ କରିବା ପାଇଁ ପରୀକ୍ଷଣ କରିବ ତାଇୱାନ ସେଣ୍ଟର ଫର ଡିଜିଜ କଣ୍ଟ୍ରୋଲ । ଏହା ପଶୁଙ୍କ ଠାରୁ ମଣିଷଙ୍କୁ ବ୍ୟାପିଥାଇପାରେ । ତେବେ ମଣିଷ ଠାରୁ ମଣିଷକୁ ବ୍ୟାପିବା ନେଇ କୌଣସି ସୂଚନା ମିଳିନାହିଁ । ଏନେଇ ଅଧିକ ତଥ୍ୟ ହାସଲ କରାଯାଉଥିବା ତାଇୱାନ ସିଡିସି ପକ୍ଷରୁ କୁହାଯାଇଛି । ଆମେରିକା ସଂସଦ ସ୍ପିକର ନେନ୍ସି ପେଲୋସିଙ୍କ ତାଇୱାନ ଗସ୍ତ ପରେ ଚିହିଁକି ଉଠିଛି ଚୀନ୍ । ତାଇୱାନକୁ ନିଜର ଅଂଚଳ ବୋଲି ଦାବି କରି ଆସୁଥିବା ବେଜିଂ ତାଇୱାନକୁ କବଜା କରିବାକୁ ସବୁ ପ୍ରକାର କୌଶଳ ଆପଣାଇଛି । ତାଇୱାନ ତଟବର୍ତ୍ତୀ ଅଞ୍ଚଳରେ ଯୁଦ୍ଧାଭ୍ୟାସ କରିଛି ଚୀନ୍ । ତାଇୱାନ ଠାରୁ ମାତ୍ର ୯ ନଟିକଲ ମାଇଲ ଦୂରରେ ସମରାଭ୍ୟାସ କରିଛି ପିପୁଲ୍ସ ଲିବରେସନ ଆର୍ମି । ସମରାଭ୍ୟାସରେ ସାମିଲ ହୋଇଥିଲା ବୁଡାଜାହାଜ, ଯୁଦ୍ଧ ବିମାନ ଓ ମିଜାଇଲ ମୁତୟନ କରିଛି । ତାଇୱାନ ପୂର୍ବ-ତଟବର୍ତ୍ତୀ ଅଞ୍ଚଳରେ ଲଙ୍ଗ ରେଞ୍ଜ ମିଜାଇଲ ଉତକ୍ଷେପଣ ବି କରିଥିଲା ପିପୁଲ୍ସ ଲିବରେସନ୍ ଆର୍ମି । ତାଇୱାନର ୬ଟି ଦ୍ୱୀପରେ ଗୋଳା ବାରୁଦ ଚଳାଇ କରିଥିଲା ଯୁଦ୍ଧାଭ୍ୟାସ । ଏପରିକି ▶▶ପୃଷ୍ଠା ୭

# ବିଜେପି ନେତା ଶ୍ରୀକାନ୍ତ ତ୍ୟାଗୀ ଗିରଫ

ଲକ୍ଷ୍ନୌ, ୦୯/୦୮ (ନି.ପ୍ର):: ଧରାପଡିଲେ ଫେରାର ବିଜେପି ନେତା ଶ୍ରୀକାନ୍ତ ତ୍ୟାଗୀ। ଜଣେ ମହିଳାଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗରେ ତାଙ୍କୁ ଗିରଫ କଲା ପୁଲିସ୍। ନଏଡାର ଗ୍ରାଣ୍ଡ ଓମ୍ୟାକ୍ସ କଲୋନୀରେ ଜଣେ ମହିଳାଙ୍କୁ ଗାଳିଗୁଲଜ ସହ ଅଭଦ୍ରାମୀ କରିଥିବା ନେଇ ତ୍ୟାଗୀଙ୍କ ବିରୋଧରେ ଅଭିଯୋଗ ହେବା ପରେ ମାମଲା ରୁଜୁ ହୋଇଥିଲା। ଏହାପରଠାରୁ ସେ ଫେରାର ଥିଲେ। ଶ୍ରୀକାନ୍ତ ତ୍ୟାଗୀ ଶନିବାର ଦିନ ଠାରୁ ଫେରାର ଥିଲେ। ଘଟଣାର ତିନି ଦିନ ପରେ ପୁଲି ତାଙ୍କୁ ଆଜି ଗିରଫ କରିଛି। ଶ୍ରୀକାନ୍ତ ତ୍ୟାଗୀ ଲଗାତାର ତାଙ୍କ ପତ୍ନୀ ଓ ଓକିଲଙ୍କ ସହ କଥା ହେବାକୁ ଚେଷ୍ଟା କରୁଥିଲା। ଏଥିରୁ ହିଁ ପୁଲିସ ଶ୍ରୀକାନ୍ତଙ୍କ ଲୋକେସନ ଜାଣି ପାରିଥିଲ। ଏହାପରେ ପୁଲିସର ଏକ ଟିମ୍ ମେରଠରୁ ତାଙ୍କୁ କାବୁ କରିଥିଲା। ଶ୍ରୀକାନ୍ତ ତ୍ୟାଗୀ ଫେରର ହେବା ପରେ ନଏଡା ପୁଲିସ ମଙ୍ଗଳବାର ଦିନ ତାଙ୍କ ପତ୍ନୀଙ୍କୁ ଅଟକ ରଖିଥିଲା। ଶୁକ୍ରବାର ଦିନ ମଧ ଶ୍ରୀକାନ୍ତଙ୍କ ପତ୍ନୀଙ୍କୁ ପୁଲିସ ଅଟକ ରଖି ୨୪ ଘଣ୍ଟା ଧରି ▶▶ପୃଷ୍ଠା ୭

# ଦେଢ଼ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ କୃଷି ଅଧିକାରୀଙ୍କୁ ଧରିଲା ଭିଜିଲାନ୍ସ



ପଦ୍ମପୁର, ୦୯/୦୮ (ନି.ପ୍ର): ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାବୁଡ଼ରେ ପଡ଼ିଲେ ଆଉ ଜଣେ ସରକାରୀ ବାବୁ। ବିନା ଲାଇସେନ୍ସରେ ସାର ଦୋକାନ ଖୋଲିବାକୁ ଜଣେ ବ୍ୟକ୍ତିଙ୍କ ଠାରୁ ଦେଢ଼ ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ପଦ୍ମପୁର ଉପଖଣ୍ଡ ପାଇକମାଳ ବ୍ଲକ୍ କୃଷି ଅଧିକାରୀ ପ୍ରଣୟ କୁମାର ମନ୍ତ୍ରୀଙ୍କୁ ଧରିଛି ଭିଜିଲାନ୍ସ। ଭିଜିଲାନ୍ସ ଲାଞ୍ଚ ଟଙ୍କା ଜବତ କରିବା ସହ ପ୍ରଣୟଙ୍କୁ ଗିରଫ କରି ପଚରାଉଚରା କରୁଛି। ଏହାସହ ଭିଜିଲାନ୍ସ ପ୍ରଣୟଙ୍କ ଭୁବନେଶ୍ୱରର ଶୈଳଶ୍ରୀ ବିହାର ସ୍ଥିତ ଘର, କଟକ ତିନିଘରିଆରେ ଥିବା ପୈତୃକ ଘର ଓ ପାଇକମାଳରେ ଥିବା ସରକାରୀ ବାସଭବନରେ ଚଢ଼ାଉ କରିଛି। ପାଇକମାଳରେ ଜଣେ ଦୋକାନୀ ଉଚ୍ଚା ଦରରେ ସାର ବିକ୍ରି କରୁଥିଲେ। କୃଷି ବିଭାଗର ଅଧିକାରୀମାନେ ଖବର ପାଇ ତାଙ୍କ ଦୋକାନରେ ଚଢ଼ାଉ କରିଥିଲେ। ଏହାସହ ଦୋକାନର ଲାଇଲେନ୍ସକୁ ସିଜ୍ ? କରିଥିଲେ। ସାର ଦୋକାନୀ ଜଣଙ୍କ ଲାଇସେନ୍ସ ରିନ୍ୟୁ କରିବା ପାଇଁ କୃଷି ଅଧିକାରୀ ପ୍ରଣୟ କୁମାର ମନ୍ତ୍ରୀଙ୍କ ପାଖକୁ ଯାଇଥିଲେ। ତେବେ ପ୍ରଣୟ କୁମାର ମନ୍ତ୍ରୀ ସେଠାରେ ଦୋକାନୀଙ୍କୁ ଦେଢ଼ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଅଭିଯୋଗ ଅନୁଯାୟୀ, ସେ ସାର ଦୋକାନୀଙ୍କୁ କହିଥିଲେ ଯେ ତାଙ୍କର ଲାଇସେନ୍ସ ରିନ୍ୟୁ ହୋଇପାରିବ ନାହିଁ। ଏଥିପାଇଁ ସମୟ ଲାଗିବ। ଏହା ସହିତ ସେ ସାର ଦୋକାନରଙ୍କୁ ବିନା ଲାଇଲେନ୍ସରେ ଦୋକାନ ଖୋଲିବାକୁ କହିବା ସହ ପରେ ଲାଇସେନ୍ସ ରିନ୍ୟୁ କରାଇ ଦେବେ ବୋଲି ପ୍ରଣୟ କହିଥିଲେ ଓ ଏଥିପାଇଁ ଦେଢ଼ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ସାର ଦୋକାନୀ ଜଣଙ୍କ କୃଷି ଅଧିକାରୀଙ୍କ କଥାରେ ରାଜି ହୋଇଯାଇଥିଲେ। ଏହା ସହିତ ଏ ସଂପର୍କରେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। କୃଷି ଅଧିକାରୀ ପ୍ରଣୟ କୁମାର ମନ୍ତ୍ରୀଙ୍କ ନିର୍ଦ୍ଦେଶ ପ୍ରକାରେ ଲାଞ୍ଚ ଟଙ୍କା ଦେବା ପାଇଁ ସାର ଦୋକାନୀ ଜଣଙ୍କ ଆଜି ପାଇକମାଳ ବସ୍ ?ଷ୍ଟାଣ୍ଡରେ ପହଞ୍ଚିଥିଲେ। ସେଠାରେ ପ୍ରଣୟ କୁମାର ମନ୍ତ୍ରୀ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ଲୁଚି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରି ପକାଇଥିଲେ। ବରଗଡ଼ ଓ ସମ୍ବଲପୁର ଜିଲ୍ଲାର ଭିଜିଲାନ୍ସ ଟିମ୍ ଏଥିରେ ସାମିଲ ହୋଇଥିଲେ।

# ଇଡି ଅଧିକାରୀଙ୍କୁ ଜେରା ପାଇଁ ଭୁବନେଶ୍ୱରରେ କୋଲକାତା ପୋଲିସ୍




ଭୁବନେଶ୍ୱର,୦୯/୦୮ (ନି.ପ୍ର): ଏକ ମାମଲାରେ ଓଡିଶାର ଇଡି ଅଧିକାରୀଙ୍କୁ ଜେରା କରିବାକୁ ଭୁବନେଶ୍ୱରରେ ପହଂଚିଛି କୋଲକାତା ପୋଲିସର ଏକ ସ୍ୱତନ୍ତ୍ର ଟିମ୍। ପ୍ରବର୍ତନ ନିର୍ଦ୍ଦେଶା (ଇଡି)ର ଡେପୁଟି ଡାଇରେକ୍ଟର ସୁବୋଧ କୁମାରଙ୍କୁ ପଚରାଉଚରା ପାଇଁ କୋଲକାତା ଡିଟେକ୍ଟିଭ ଡିପାର୍ଟମେଂଟର ଏସିପି ଅମିତ ରକସିତଙ୍କ ନେତୃତ୍ୱରେ ଦୁଇଜଣିଆ ଟିମ ଭୁବନେଶ୍ୱର ଆସିଛନ୍ତି। ସୂଚନା ଅନୁସାରେ ପୂର୍ବରୁ ସୁବୋଧ କୁମାର ଝାଡ଼ଖଣ୍ଡର ରାଂଚିରେ ଇଡିର ଡେପୁଟି ଡାଇରେକ୍ଟର ଥିଲେ । ସେହି ସମୟରେ ଝାଡ଼ଖଣ୍ଡର ଓକିଲ ରାଜୀବ କୁମାରଙ୍କ ସହ ସମ୍ପର୍କ ଥିଲା । ରାଜୀବ କୋଲକାତାର ଜଣେ ବ୍ୟବସାୟୀଙ୍କ ନାଁରେ ରାଂଚି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଏହି ମାମଲାକୁ ହଟାଇବା ପାଇଁ ୧୦ କୋଟି ଦାବି କରିଥିଲେ ବୋଲି ବ୍ୟବସାୟୀ ଜଣକ ଥାନାରେ ଅଭିଯୋଗ କରିଥିଲେ। ଗତ ସପ୍ତାହରେ କୋଲକାତା ପୁଲିସ ରାଜୀବଙ୍କୁ ଏକ ମଲରୁ ୬୦ଲକ୍ଷ ଟଙ୍କା ସହ ଗିରଫ କରିଥିଲା । ଗିରଫଦାରି ପରେ ସେହି ଟଙ୍କା ଜଣେ ବ୍ୟବସାୟୀଙ୍କର ବୋଲି ଜଣା ପଡିଥିଲା। ରାଜୀବଙ୍କ ସହ ସୁବୋଧଙ୍କ ସମ୍ପର୍କ, କଲରେକର୍ଡ଼ ଓ ଡାଏରିର ତଥ୍ୟକୁ ନେଇ ଖୋଳତାଡ଼ ଆରମ୍ଭ ହୋଇଛି । ଏନେଇ ଗତ ୧ ତାରିଖରେ କୋଲକାତା ପୁଲିସ ଡେପୁଟି ଡାଇରେକ୍ଟର ସୁବୋଧ କୁମାରଙ୍କୁ ନୋଟିସ କରିଥିଲା। କୋଲକାତା ପୁଲିସ ଝାଡ଼ଖଣ୍ଡର ଓକିଲ ରାଜୀବ କୁମାରଙ୍କ ଗିରଫଦାରୀ ସମ୍ପର୍କରେ ସୁବୋଧଙ୍କୁ ପଚରାଉଚୁରା କରିବ। ଏଥିପାଇଁ ଜଣେ ଏସିପି ରାଙ୍କର ଅଫିସର ଓ ଆଉ ଜଣେ ଏସଆଇ ଆଜି ଆସି ଭୁବନେଶ୍ୱରରେ ପହଂଚିଛନ୍ତି ।

# କଂଗ୍ରେସ ଛାଡିଲେ ୩୦ରୁ ଅଧିକ ନେତା ଓ କର୍ମୀ

ଭୁବନେଶ୍ୱର,୦୯/୦୮ (ନି.ପ୍ର): କଂଗ୍ରେସ ଦଳ ଛାଡିଛନ୍ତି ୩୦ରୁ ଅଧିକ ବରିଷ୍ଠ ନେତା ଓ କର୍ମୀ। ଏହା ଫଳରେ ରାଜ୍ୟ କଂଗ୍ରେସକୁ ବଡ ଝଟକା ଲାଗିଛି। ଏମାନଙ୍କ ମଧ୍ୟରେ ବହୁ ପୂର୍ବତନ ସାଂସଦ ଓ ବିଧାୟକ ସାମିଲ ଅଛନ୍ତି । ସମସ୍ତ ନେତା ହାଇକମାଣ୍ଡଙ୍କ ନିକଟକୁ ଇସ୍ତଫା ପତ୍ର ପଠାଇଛନ୍ତି। ପୂର୍ବତନ ସାଂସଦ ରାଧାକାନ୍ତ ଦିଗଲ, ପୂର୍ବତନ ବିଧାୟକ ରବି ବେହେରା , ଛାତ୍ର କଂଗ୍ରେସ ସାଧାରଣ ସଂପାଦକ ଅକ୍ଷୟ ମଲ୍ଲ , ପିସିସିର ପୂର୍ବତନ ସଂପାଦକ ନିକୁଞ୍ଜ ପଶାୟତ, ପୂର୍ବତନ ମୁଖପାତ୍ର ଅଶୋକ ସାମଲ, ଜାତୀୟ ସଂଯୋଜକ ସୌମ୍ୟ ମିଶ୍ର, ପୂର୍ବତନ ସାଧାରଣ ସଂପାଦକ ବିଶ୍ୱଜିତ ଦାସ ଦଳ ଛାଡିଛନ୍ତି । ତେବେ ଏହି ସବୁ ନେତା କଣ ପାଇଁ କଂଗ୍ରେସ ଛାଡିଛନ୍ତି ତାହା ଜଣାପଡିନାହିଁ । ଅପରପକ୍ଷରେ କଂଗ୍ରେସ ନେତାଙ୍କ ଇସ୍ତଫା ପରେ କଟକ ବିଧାୟକ ମହମ୍ମଦ ମୋକିମ କହିଛନ୍ତି ଯେ, ଏହା ଆଶ୍ଚର୍ଯ୍ୟଜନକ ଏବଂ ଦୁଃଖଦାୟକ। ମୋ ସହ କେହି ଆଲୋଚନା କରିନାହାନ୍ତି। କିନ୍ତୁ ସେମାନଙ୍କ ସହ ମୁଁ ଆଲୋଚନା କରିବି । ୩୦ ଜଣ ଇସ୍ତଫା ଦେଇଥିବା ନେତାଙ୍କ ଭିତରେ କଟକ କଂଗ୍ରେସ ସଂଗଠନର ଅନେକ ନେତା ରହିଛନ୍ତି।

# ଡୋନାଲ୍ଡ ଟ୍ରମ୍ପଙ୍କ ଘର ସିଜ୍ : ରେଡ୍ କଲା ଏଫ୍‌ବିଆଇ

ୱାଶିଂଟନ୍, ୦୯/୦୮ (ନି.ପ୍ର): ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘରେ ଏଫ୍‌ବିଆଇ ରେଡ୍। ସୋମବାର ଫ୍ଲୋରିଡାର ପାମ୍ ବିଚ୍ ସ୍ଥିତି ଟ୍ରମ୍ପଙ୍କ ମାର୍-ଏ-ଲାଗୋ ଘରେ ଏଫ୍‌ବିଆଇ ଚଢ଼ାଉ କରି ସିଜ୍ କରିଛି । ଏନେଇ ଖୋଦ୍ ଡୋନାଲ୍ଡ ଟ୍ରମ୍ପ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଆମେରିକାର ରାଷ୍ଟ୍ରପତି ଥିବା ବେଳେ ଟ୍ରମ୍ପ ହ୍ୱାଇଟ୍ ହାଉସରୁ କିଛି ଅତ୍ୟବଶ୍ୟକ ଡକ୍ୟୁମେଣ୍ଟ ତାଙ୍କ ଘରକୁ ନେଇ ଆସିଥିବା ଅଭିଯୋଗ ହୋଇଛି। ରିପୋର୍ଟ ଅନୁସାରେ ଟ୍ରମ୍ପଙ୍କ ଘରେ ଚଢ଼ାଉ ବେଳେ ଏଫ୍‌ବିଆଇ ହାତରେ ଅନେକ ସିକ୍ରେଟ୍ ଡକ୍ୟୁମେଣ୍ଟ ଲାଗିଛି। ତେବେ ଟ୍ରମ୍ପ ଜାଣିଶୁଣି ଏହି ଡକ୍ୟୁମେଣ୍ଟଗୁଡିକୁ ନିଜ ଘରକୁ ଆଣିଥିଲେ ନା ଭୁଲ୍‌ବଶତଃ ଆସିଥିଲା, ସେ ନେଇ ତଦନ୍ତ ହେବ। ସେପଟେ ଆମେରିକାର ନ୍ୟାୟ ବିଭାଗ ଦ୍ୱାରା ଟ୍ରମ୍ପଙ୍କ ବିରୋଧରେ ଅଭିଯୋଗ ଆସିବା ପରେ ସୋମବାର ସକାଳେ ଚଢ଼ାଉ ଆରମ୍ଭ ▶▶ପୃଷ୍ଠା ୭

# ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପ୍ୟାରେଡ୍‌ରେ ଭାଗ ନେବେନି ଛାତ୍ରଛାତ୍ରୀ

ଭୁବନେଶ୍ୱର,୦୯/୦୮ (ନି.ପ୍ର): ଚଳିତ ବର୍ଷ ମଧ୍ୟରେ କୋଭିଡ କଟକଣା ଭିତରେ ପାଳିତ ହେବ ସ୍ୱାଧୀନତା ଦିବସ। ଏଥର ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସ ଅବସରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପରେଡ୍ ରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନେ ଭାଗ ନେବେନାହିଁ। କେବଳ ୩ଟି କଂଟିଜେଂଟ ଏହି ପରେଡରେ ସାମିଲ ହେବେ। ପରେଡରେ ସାମିଲ ଓଏସଏପି, ଓଡ୍ରାଫ୍ ଓ ବିଏସଏଫ୍ କଂଟିଜେଂଟ ୟୁନିଟ୍ ୩ ପ୍ରଦର୍ଶନୀ ପଡ଼ିଆରେ ୧୧ ତାରିଖରୁ ୩ଦିନ ପାଇଁ ପ୍ରାକ୍ଟିସ୍ କରିବେ। କୋଭିଡ୍ ସଂକ୍ରମଣ ପାଇଁ ରାଜ୍ୟ ସରକାର ଏହି କଟକଣା ଲଗାଇଛନ୍ତି। ସୂଚନା ଅନୁଯାୟୀ, ରିହର୍ସଲ ଦିନ ନିର୍ଦ୍ଧାରିତ ସମୟର ଅଧାଘଂଟା ପୂର୍ବରୁ କଂଟିଜେଂଟ ପହଂଚିବେ। ସେମାନଙ୍କ ଲାଗି କୋଭିଡ ଟେଷ୍ଟକୁ ବାଧ୍ୟତାମୂଳକ କରାଯାଇଛି। ସମସ୍ତେ ସାମାଜିକ ଦୂରତା ବଜାୟ ରଖିବେ। ଫ୍ଲାଗ୍ ପୋଷ୍ଟ ପାଖରେ ନିୟୋଜିତ ହେବାକୁ ଥିବା ଅଫିସର କୋଭିଡ ନେଗେଟିଭ ହେବା ସହ ମାସ୍କ ଓ ଗ୍ଲୋଭ୍ସ ପିନ୍ଧିବାକୁ ବି ନିର୍ଦ୍ଦେଶ ଦିଆଯାଇଛି। ଏଥର ସ୍ୱାଧୀନତା ଦିବସ ସମାରୋହରେ ଜନ ସମାଗମକୁ ବି ବାରଣ କରାଯାଇଛି। ଏଥର ପ୍ରଦର୍ଶନୀ ପଡ଼ିଆରେ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବେ।

# ୪୦ ଦିନ ପରେ ଗଠନହେଲା ମନ୍ତ୍ରିମଣ୍ଡଳ



ନୂଆଦିଲ୍ଲୀ, ୦୯/୦୮ : ଶିବସେନାର ବିଦ୍ରୋହୀ ନେତା ଏକାନାଥ ସିନ୍ଦେଙ୍କ ଗୋଷ୍ଠୀ ବିଜେପି ସହ ମିଶି ମହାରାଷ୍ଟ୍ରରେ ସରକାର ଗଠନ କରିବାର ୪୦ ଦିନ ପରେ ମନ୍ତ୍ରିମଣ୍ଡଳ ଗଠନ କରିଛନ୍ତି । ସୁପ୍ରିମକୋର୍ଟର ଚାପ ସତ୍ତ୍ୱେ ୨ କ୍ୟାବିନେଟ୍ ମନ୍ତ୍ରୀଙ୍କ ସହ ୧୮ ମନ୍ତ୍ରୀ ମଙ୍ଗଳବାର ଶପଥ ଗ୍ରହଣ କରିଛନ୍ତି । ମହାରାଷ୍ଟ୍ର ରାଜ୍ୟପାଳ ବି ଏସ କୋଶିଆରୀ ଦକ୍ଷିଣ ମୁମ୍ବାଇସ୍ଥିତ ରାଜଭବନରେ ମନ୍ତ୍ରୀମାନଙ୍କୁ ପଦ ଏବଂ ଗୋପନିୟତାର ଶପଥ ପାଠ କରାଇଛନ୍ତି । ସଂଖ୍ୟାରେ ବହୁତ କମ ହୋଇଥିଲ ବି ମନ୍ତ୍ରିମଣ୍ଡଳରେ ଏକାନାଥ ସିନ୍ଦେ ଗୋଷ୍ଠୀକୁ ସମାନ ଅଧିକାର ଦେଇଛି ବିଜେପି । ୧୮ ମନ୍ତ୍ରୀଙ୍କ ମଧ୍ୟରୁ ବିଜେପି ଏବଂ ଏକନାଥ ଗୋଷ୍ଠୀରୁ ୯ ଜଣ ଲେଖାଏ ମନ୍ତ୍ରୀ ଶପଥ ନେଇଛନ୍ତି । ମହାରାଷ୍ଟ୍ର ବିଜେପି ସଭାପତି ଚନ୍ଦ୍ରକାନ୍ତ ପାଟିଲଙ୍କୁ ମଧ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଛି । ଜୁନ୍ ୩୦ରୁ ଶପଥ ନେଇଥିବା ଏକନାଥ ସିନ୍ଦେ ସରକାରରେ ମନ୍ତ୍ରିମଣ୍ଡଳ ଗଠନରେ ବିଳମ୍ବ ଯୋଗୁ ବିରୋଧୀ ସମାଲୋଚନା କରିଥିଲେ । ମନ୍ତ୍ରୀମଣ୍ଡଳ ଗଠନ ଉପରେ ଆଲୋଚନା ନେଇ ଏକନାଥ ସିନ୍ଦେ ବହୁବାର ରାତିରେ ଦିଲ୍ଲୀ ଗସ୍ତ କରି ମଧ ସମାଲୋଚିତ ହୋଇଥଲେ । ଶେଷରେ ମନ୍ତ୍ରିମଣ୍ଡଳ ଗଠନ ହୋଇଥିଲେ ବି ଅଧାରୁ ଅଧିକ ସିଟ୍ ଖଲକା ରହିଛି । ୪୩ ସଦସ୍ୟ ବିଶିଷ୍ଟ ମହାରାଷ୍ଟ୍ର ମନ୍ତ୍ରିମଣ୍ଡଳରେ ଆହୁରି ୨୫ ପଦବୀ ଫାଙ୍କା ରହିଛି । ତେବେ ଏପର୍ଯ୍ୟନ୍ତ ବିଭାଗ ଭାଗବଣ୍ଟା କରାଯାଇନାହିଁ । କାହାକୁ କେଉଁ ବିଭାଗ ମିଳିବ ସେନେଇ ଚର୍ଚ୍ଚା ହେଉଥିବା ବେଳେ ଉପ-ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କୁ ଗୁରୁତ୍ୱପୂର୍ଣ୍ଣ ଗୃହ ବିଭାଗର ଦାୟିତ୍ୱ ମିଳିବ ବୋଲି ସୂଚନା ମିଳିଛି । ▶▶ପୃଷ୍ଠା ୭

# ଅବପାତର ରୂପ ନେଲା ଲଘୁଚାପ : ଅତି ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୦୯/୦୮ (ନି.ପ୍ର): ଉତର ପଶ୍ଚିମ ବଙ୍ଗୋପସାଗରରେ ସୁଦୃଶ-ଲଘୁଚାପ କ୍ଷେତ୍ର ମଙ୍ଗଳବାର ସକାଳେ ଘନୀଭୂତ ହୋଇ ଗୋଟିଏ ଅବପାତରେ ପରିଣତ ହୋଇଛି। ସକ୍ରିୟ ଅବପାତ ଗତ ୩ ଘଂଟା ମଧ୍ୟରେ ଘଂଟା ପ୍ରତି ୧୦କିମି ବେଗରେ ପଶ୍ଚିମ ଦିଗରେ ଗତିକରିବା ସହ, ଦିନ ୧୧.୩୦ ସୁଦ୍ଧା ଭୁବନେଶ୍ୱର ଠାରୁ ଉତର-ପଶ୍ଚିମ ଦିଗରେ ୮୫ କିମି ଦୂରରେ ଓଡିଶା ଉପକୂଳ ଏବଂ ପାର୍ଶ୍ୱବର୍ତୀ ଅଞ୍ଚଳରେ କେନ୍ଦ୍ରୀଭୂତ ଅଛି। ଏହା ପଶ୍ଚିମ-ଉତର-ପଶ୍ଚିମ ଦିଗରେ ଗତି କରି ଛତିଶଗଡ ଆଡକୁ ମୁହାଁଇବ ସହ ନିଜର ତୀବ୍ରତା ବଜାୟ ରଖି, ଆସନ୍ତା କାଲି ଛତିଶଗଡ ପହଂଚିବା ବେଳକୁ ଦୁର୍ବଳ ହୋଇ ସୁଦୃଶଃ ଲଘୁଚାପ କ୍ଷେତ୍ରରେ ପରିଣତ ହେବ। ଏହାର ପ୍ରଭାବରେ ଓଡିଶାର ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଭୀଷଣ ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି ।ସେହିପରି ଅଧିକ ବର୍ଷାକୁ ଦୃଷ୍ଟି ରଖି ସମସ୍ତ ଜିଲ୍ଲାପାଳମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର ବା ଏସଆରସି । ପାଣିପାଗ କେନ୍ଦ୍ର ▶▶ପୃଷ୍ଠା ୭

# ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ କାର୍ଯ୍ୟକାରିଣୀ ବୈଠକ

ମାଲକାନଗିରି,୦୯/୦୮ (ନି.ପ୍ର): କୁଡୁମୁଲୁଗୁମ୍ମା ଶିକ୍ଷା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ଆହ୍ୱାନ କ୍ରମେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ, ମାଲକାନଗିରି ଜିଲ୍ଲାର କାର୍ଯ୍ୟକାରିଣୀ ବୈଠକ ନୋଡାଲ୍ ସରକାରୀ ଉଚ୍ଚ ବିଦ୍ୟାଳୟ, କୁଡୁମୁଲୁଗୁମ୍ମାର ଉତ୍କଳ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ତାରକ ମଣ୍ଡଳ, ଉପ ସଭାପତି କେଶବ ବେହେରା, ସାଧାରଣ ସଂପାଦକ ଦାମୋଦର ସାହୁ, ସହ ସଂପାଦକ ଦୟାଳ ବୈରାଗୀ, କୋଷାଧକ୍ଷ ଚିତରଞ୍ଜନ ସରକାର ଓ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ମାଲକାନଗିରିର ବରିଷ୍ଠ ଶିକ୍ଷାବିତ ତଥା ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଯୋଗଦାନ କରିବା ସହ ମାଲକାନଗିରି ଜିଲ୍ଲାର ସାତୋଟି ବ୍ଲକ ର ସଭାପତି ଓ ସଂପାଦକ ଯୋଗଦାନ କରିଥିଲେ । ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ, କୁଡୁମୁଲୁଗୁମ୍ମା ତରଫରୁ ସମସ୍ତ ନିମନ୍ତ୍ରିତ ଅତିଥି ଓ କର୍ମକର୍ତା ଓ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ବ୍ଲକ ଶିକ୍ଷକ ସଂଘ ର ସଭାପତି ରମେଶ ଚନ୍ଦ୍ର ନେଲୁରୁ ଓ ସମ୍ପାଦକ ବଳରାମ ପୂଜାରୀ, ଉପ ସଭାପତି ତ୍ରିନାଥ ପାଳ,ଉପ ସଭାନେତ୍ରୀ ପ୍ରୀୟମ୍ୱଦା ରାଉତ ,ସଂଗଠନ ସମ୍ପାଦକ ସୁଧାକର ନାୟକ, ବିଜୟ ଚୌଧୁରୀ, କର୍ଣ ଭତ୍ରା, ଡମ୍ବରୁ ଭତ୍ରା ଅତିଥି ଦେବୋ ଭବ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ସମସ୍ତ ନିମନ୍ତ୍ରିତ ଅତିଥି ମାନଙ୍କ ପାଦ ଧୋଇଦେବା ସହ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଗୁରୁ ପୂଜନର ଏହି ନିଆରା ମୂହୁର୍ତକୁ ସମସ୍ତେ ପ୍ରଶଂସା କରିବା ସହ ବୈଦିକ ଗୁରୁକୁଳ ପରମ୍ପରାକୁ ମନେ ପକାଇଥିଲେ । ଆଦିଭୂମି ମାଲକାନଗିରି ମାଟିର କଥା ଓ ବ୍ୟଥାକୁ ସାରସ୍ୱତ ସାଧନା ମାଧ୍ୟମରେ ଆଗକୁ ପରିବର୍ଧନ କରିଥିବାରୁ ବରିଷ୍ଠ ସାହିତ୍ୟିକ ତଥା କବି ବଳରାମ ପୂଜାରୀଙ୍କୁ ଇତ୍ୟ ବସରେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ, ମାଲକାନଗିରି ତରଫରୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା ସଂଘର କର୍ମକର୍ତା ମାନେ ନିର୍ଦ୍ଧାରଣ ସବୁ ଆଲୋଚନା କରି ବିଭିନ୍ନ ଶିକ୍ଷକ ସମସ୍ୟା ଓ ଅଭାବ ଅସୁବିଧା ସଂପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆହ୍ୱାନ କରିଥିଲେ । ଶେଷରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ସାହିତ୍ୟିକ ତଥା ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଓ ରମେଶ ଚନ୍ଦ୍ର ନେଲୁରୁଙ୍କୁ କୁଡୁମୁଲୁଗୁମ୍ମା ମାଟି ର କବି ତଥା ସାହିତ୍ୟିକ ଶ୍ରୀ ପୂଜାରୀ ସମ୍ବର୍ଦ୍ଧିତ କରିଥିଲେ ।

ସମସ୍ତ ବୈଠକକୁ ଜିଲ୍ଲା ସାଧାରଣ ସମ୍ପାଦକ ଦାମୋଦର ସାହୁ ପରିଚାଳନା କରିବା ସହ ପୂର୍ବତନ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଠାରୁ ସମସ୍ତ ଦାୟିତ୍ୱ ଗ୍ରହଣ କରିଥିଲେ । ଲଘୁଚାପଜନିତ ବର୍ଷା ସତ୍ୱେ ସୁଦୂର କାଲିମେଳା, ପଡିଆ, ମାଲକାନଗିରି, ମାଥିଲି, ଖଇରପୁଟ, କୋରକୋଣ୍ଡା, କୁଡୁମୁଲୁଗୁମ୍ମାର ସମସ୍ତ କର୍ମକର୍ତା ଯୋଗଦାନ କରିଥିବାରୁ ବ୍ଲକ୍ ସମ୍ପାଦକ ଶ୍ରୀ ପୂଜାରୀ ସମସ୍ତ କର୍ମକର୍ତା ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାଗୀରଥି ନେପାକ ସାହିତ୍ୟ ପରିକ୍ରମା -୨୦୨୨ ସମାରୋହ

ବଲାଙ୍ଗିର,୦୯/୦୮ (ନି.ପ୍ର): ସ୍ଥାନୀୟ ଐତିହାସିକ ପୂର୍ଣ୍ଣଚନ୍ଦ୍ର ପାଠାଗାର ସମ୍ମିଳନୀ କକ୍ଷରେ ଅଭିନନ୍ଦନ ସାହିତ୍ୟ ପରିଷଦ ପକ୍ଷରୁ ଡ. ରାଧାକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଭାଗୀରଥି ନେପାକ ସାହିତ୍ୟ ପରିକ୍ରମା ୨୦୨୨ ସମାରୋହ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ମର୍ଯ୍ୟଦାରେ ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁ, ବରେଣ୍ୟ ଅତିଥି ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ସଂପାଦକ ଦିବାକର ହୋତା ମଂଚାସୀନ ଥିଲେ । ବାଗଦେବୀ ସରସ୍ୱତୀଙ୍କ ଫଟୋଚିତ୍ରରେ ଅତିଥିଗଣ ମାଲ୍ୟାର୍ପଣ କରିବା ପରେ ସଂଗଠନ ସଂପାଦକ ଧର୍ମବ୍ରତ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ । ଲେଖିକା କସ୍ତୁରୀ ରଥ ମଂଚ ପରିଚାଳନା କରିଥିଲେ । ଏହି ଅବସରରେ ଉପସ୍ଥିତ ଅତିଥିବୃନ୍ଦ ବିଶିଷ୍ଟ ନାଟ୍ୟକାର ଅବଦୁଲ ଜମାଲ ଖାନଙ୍କୁ "ଭାଗୀରଥି ନେପାକ ସାହିତ୍ୟ ସମ୍ମାନ"ରେ ସମ୍ମାନିତ କରିବା ସହିତ ପ୍ରବୀଣ ଶିକ୍ଷକ ଶିବ ପ୍ରସାଦ ଶତପଥିଙ୍କୁ "ଅଭିନନ୍ଦନ ସାହିତ୍ୟ ସମ୍ମାନ" ରେ ସମ୍ମାନିତ କରିଥିଲେ । ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ତମନ୍ନା ନାଏକ, ସୁଚିସ୍ମିତା ମାହାପାତ୍ର, ଜାଗୃତି ଶତପଥି, ପ୍ରିୟାଂଶି ଷଡଙ୍ଗୀ, ଖୁସି ଅଗ୍ରୱାଲ, ନୈତିକ ନୟନ ଦାଶ, କନକ ମଞ୍ଜରୀ ମହାନନ୍ଦ, ଓଁ ସାଇ ଅବତାର, ଆରତି କୁମାରୀ, ବିଶ୍ୱ ରଂଜନ ମୁଣ୍ଡା, ଶୃତି ଉଦ୍ଗାତା ପ୍ରମୁଖ କୃତି ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସଭ୍ୟ ମଦନ ମୋହନ ରଥ, ସାମାଜିକ କର୍ମୀ ଆକୁଳ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସାହାଯ୍ୟ କରିଥିଲେ । ସତ୍ୟବନ୍ତ ବେଦବାକ, ଡ. ଅଶୋକ ସେଠୀ, ବ୍ରଜରାଜ ପୁରୋହିତ, ଅଶୋକ ମିଶ୍ର, ସତ୍ୟବ୍ରତ ବେହେରା, ସଂଜୟ ଶେଖର ଭୋଇ, ମନୀଷା ଷଡଙ୍ଗୀ, ମିନି ଉଦ୍ଗାତା, ସାରଦା ଶତପଥି, ସୁମିତ ସାହୁ, ସ୍ୱାଗତ ଶତପଥି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଷାଠିଏ ଘର ଡୁମାଲ ସମାଜର ସାଂଗଠନିକ ବୈଠକ

ବଲାଙ୍ଗିର,୦୯/୦୮ (ନି.ପ୍ର): ଷାଠିଏ ଘର ଡୁମାଲ ସମାଜର ସାଂଗଠନିକ ବୈଠକ ବ୍ରାହ୍ମଣୀଡୁଙ୍ଗୁରୀ ଗ୍ରାମ୍ୟ ମଣ୍ଡପ ଠାରେ ଜିଲ୍ଲା ସଭାପତି ଲମ୍ୱୋଦର ମହାକୁରଙ୍କ ସଭାପତିତ୍ୱରେ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକକୁ ବ୍ରାହ୍ମଣୀଡୁଙ୍ଗୁରୀର ସଭାପତି ବୃଷଭ ଦନ୍ତା ଏବଂ ସଂପାଦକ ବାହାଦୁର ଖମାରୀ ତଥା ଗ୍ରାମବାସୀବୃନ୍ଦ ଆୟୋଜନ କରିଥିଲେ । ଉପଦେଷ୍ଟା ମଣ୍ଡଳିର ସଭ୍ୟ ମଳିଆ ଗଡୁଆ ସଭା ସଂଯୋଜନା କରିଥିଲେ ।

ବୈଠକରେ ଜିଲ୍ଲା ସଂପାଦକ ଇନ୍ଦ୍ରମଣି ବାରିକ, ଉପଦେଷ୍ଟା ମଣ୍ଡଳିର ସଭ୍ୟ ଚକାନନ୍ଦ କମ୍ପ ଓ ସଂଜୟ କୁମାର ମହାକୁର, କାର୍ଯ୍ୟକାରିଣୀ ସଭ୍ୟ ସୁବଳ ଖମାରୀ, ଶଙ୍କର୍ଷଣ ଭୋଇ, ସିନ୍ଧୁରବାହାଲ କେନ୍ଦ୍ରର ସଭାପତି ଆନନ୍ଦ ଡାଙ୍ଗ ଓ ସଂପାଦକ ବନମାଳି ପାତ୍ର, ବ୍ରାହ୍ମଣୀଡୁଙ୍ଗୁରିର ଶିଶୁ ଅନନ୍ତ ମେର୍ଲି, ଟିକାନନ୍ଦ ମେର୍ଲି, ବୁଦ୍ଧଦେବ ମେର୍ଲି, ଲାଦେରବାହାଲ ଗ୍ରାମର ଟେଙ୍ଗୁନୁ ବଘାର ଉପସ୍ଥିତ ରହି ସକ୍ରିୟ ଅଂଶଗ୍ରହଣ କରିଥିଲେ । ଉପଦେଷ୍ଟା ମଣ୍ଡଳୀର ସଭ୍ୟ ଶ୍ରୀ ଗଡୁଆ ପରିସଂଖ୍ୟାନ (ଜନଗଣନା) ବିଷୟରେ ବିଶଦ ଭାବରେ ଆଲୋଚନା କରିଥିବା ବେଳେ ଅନ୍ୟତମ ସଭ୍ୟ ଶ୍ରୀ କମ୍ପ ସଂଗଠନ ବିଷୟରେ ଆଲୋକପାତ କରିଥିଲେ । ଏହି କେନ୍ଦ୍ର ଅଧିନରେ ଥିବା ପ୍ରତ୍ୟେକ ଗ୍ରାମ ଏବଂ ପ୍ରତ୍ୟେକ ପରିବାର ଅନୁସାରେ ସର୍ଭେ ଫର୍ମ ବିତରଣ କରାଯାଇଥିଲା । ପରିଶେଷରେ ସୁବଳ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଡାଇରିଆ ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗିର,୦୯/୦୮ (ନି.ପ୍ର): ସଇଁନ୍ତଲା ବ୍ଲକ ଅନ୍ତର୍ଗତ ଡେଙ୍ଗ ସ୍ଥିତ ସରକାରୀ ଉନ୍ନୀତ ବିଦ୍ୟାଳୟ ଠାରେ ଜୁନିୟର ରେଡକ୍ରସ ଆନୁକୁଲ୍ୟରେ ଡାଇରିଆ ନିରାକରଣ ଉପଲକ୍ଷେ ଏକ ଜନ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଚାଣ୍ଡାଳ ମିଶ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେରମେଲି ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ବ୍ଲକ କଲୋନୀ ସି.ଆର.ସି.ସି ଚିନ୍ତାମଣି ସାହୁ ଯୋଗ ଦେଇଥିଲେ । ବରିଷ୍ଠ ଶିକ୍ଷକ ବିଶ୍ୱନାଥ ମେହେର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜୁନିୟର ରେଡକ୍ରସ କାଉନସିଲର ରାମ ନାରାୟଣ ଦାଶ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଡାଇରିଆରୁ ରକ୍ଷା ପାଇବା ପାଇଁ ହାଲୋଜେନ ବଟିକା ପଡିଥିବା ପାଣି ବା ବିଶୁଦ୍ଧ ଫୁଟାପାଣି ପାଣି ପିଇବା, ବାହାରେ ମଳତ୍ୟାଗ ନ କରି ପାଇଖାନା ବ୍ୟବହାର କରିବା, ହାତକୁ ଭଲ ଭାବରେ ସର୍ବଦା ଧୋଇବା, ତଟକା ଏବଂ ଗରମ ଖାଦ୍ୟ ଖାଇବା, ତରଳ ଝାଡା ହେଲେ ଓ.ଆର.ଏସ୍ ଦ୍ରବତା ସହିତ ଜିଙ୍କ ବଟିକା ୧୪ ଦିନ ପର୍ଯ୍ୟନ୍ତ ନିୟମିତ ସେବନ କରିବା ସହ ସ୍ୱାସ୍ଥ୍ୟକର୍ମୀ ତଥା ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ମୁଖ୍ୟଅତିଥି ଶ୍ରୀମିଶ୍ର ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଶିକ୍ଷକ ଲିଙ୍ଗରାଜ ନନ୍ଦ, ହିମାଂଶୁ ଶେଖର ବିଶ୍ୱାଳ, ସମୀର ସେଠୀ, ଦୀପକ ସେନ୍ ଧରୁଆ, ଶିକ୍ଷୟତ୍ରୀ ଗାୟତ୍ରୀ ବାରିକ, କାନ୍ତୀ ଭାଇ, ଯଶୋବନ୍ତୀ ସୁନା, ଦ୍ରୋପଦୀ ଭୋଇ, ଆଶାକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ସୁଦର୍ଶନ ଦାଶ ପରିଚାଳନା କରିଥିବା ବେଳେ ଶିକ୍ଷୟତ୍ରୀ ରେଣୁକା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିକ୍ଷକମାନେ ଶିକ୍ଷାଦାନକୁ ନିଜର ବ୍ରତ ଭାବରେ ଗ୍ରହଣ କରନ୍ତୁ : ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଦାଶ

ଭୁବନେଶ୍ୱର,୦୯/୦୮ (ନି.ପ୍ର): ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାଶ ଭୁବନେଶ୍ୱର ସ୍ଥିତ ଲେମୋନ ଟ୍ରି ପ୍ରିମିୟମ ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟର ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କ ଏକ ଦିନିକିଆ ସମିଳନୀରେ ମୁଖ୍ୟ ଅତିଥି ରୂପେ ଯୋଗ ଦାନ କରି ଶିକ୍ଷକ ଶିକ୍ଷୟିତ୍ରୀମାନେ ଶିକ୍ଷାଦାନକୁ ନିଜର ବ୍ରତ ଭାବରେ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଦାଶ ମୁଖ୍ୟମନ୍ତ୍ରୀଙ୍କ ଫାଇଭଟି ଉଚ୍ଚ ବିଦ୍ୟାଳୟ ଗୁଡିକର ରୂପାନ୍ତରୀକରଣ, ସମସ୍ତଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଏବଂ ସର୍ବପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସର୍ବାଙ୍ଗୀନ ବିକାଶ କରିବା ନିମନ୍ତେ ସାମୁହିକ ପ୍ରଚେଷ୍ଟା ପାଇଁ ଆହ୍ୱାନ ଦେଇଥିଲେ । ନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଯେଉଁ ଶିକ୍ଷାର ଗୁଣାତ୍ମକ ବିକାଶ ନିମନ୍ତେ ଯେଉଁ ଆଶାଭରସା ରହିଛି ତାହାର ତ୍ୱରିତ ରୂପାୟନ ନିମନ୍ତେ ମନ୍ତ୍ରୀ ଶ୍ରୀ ଦାଶ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା, ଜେ ପାଲ ଓ ବ୍ରେକ ଥ୍ରୁ ଟ୍ରଷ୍ଟ ଆନୁକୂଲ୍ୟରେ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ମାଧ୍ୟମିକ ସ୍କୁଲରେ ଲିଙ୍ଗଗତ ସମାନତା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଅଛି । ଏହି କାର୍ଯ୍ୟକ୍ରମରେ ଆଗାମୀ ଶିକ୍ଷା ବର୍ଷରୁ ପିଲାମାନଙ୍କ ପାଠ୍ୟ ପୁସ୍ତକରେ ଲିଙ୍ଗଗତ ସମାନତା ପାଠ୍ୟ କ୍ରମରେ ସାମିଲ କରାଯିବ । ବର୍ତମାନ ପିଲାମାନଙ୍କୁ ଏକ ସହାୟକ ପୁସ୍ତିକା ମାଧ୍ୟମରେ ଲିଙ୍ଗଗତ ସମାନତା ପାଠ ଅଧ୍ୟୟନ କରିବେ । ଏହି କାର୍ଯ୍ୟକ୍ରମ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳନା କରାଯିବ । , ଜେ ପାଲ ଓ ବ୍ରେକ ଥ୍ରୁ ବୈଷୟିକ ଓ ଗବେଷଣା ସହାୟତା ଯୋଗାଇ ଦେବ ବୋଲି ସମ୍ମିଳନୀରେ ଆଲୋଚନା କରାଯାଇଥିଲା ।

ଏହି ଅବସରରେ ବିଦ୍ୟାଳୟ ବାହାରେ ଥିବା, ଅଧାରୁ ପାଠ ଛାଡିଥିବା ପିଲାମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଧନ୍ଦାମୂଳକ ଶିକ୍ଷାର ପ୍ରଚଳନ ପାଇଁ ଏକ ପେଟିକାକୁ ମାନ୍ୟବର ମନ୍ତ୍ରୀ ଓ ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ଉନ୍ମଚିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ୧୦ଟି ଆକାଂକ୍ଷୀ ଜିଲା ଗୁଡିକରେ ୧୦୦ ଗୋଟି ବିଦ୍ୟାଳୟରେ ପ୍ରଚଳନ କରାଯାଇଛି, ଯାହାକି ବିଦ୍ୟାଳୟ ସମୟ ନିର୍ଘଂଟ ବାହାରେ କ୍ଲାସ ହେବାର ଯୋଜନା ରହିଛି । ଏହି ଅବସରରେ 'ଶିକ୍ଷଣ ଭରଣା ଯୋଜନା' କାର୍ଯ୍ୟକ୍ରମର ପୁସ୍ତିକା ଓ ସଫ୍ଟୱେୟାର ମଧ ର ମନ୍ତ୍ରୀଙ୍କ ଦ୍ୱାରା ପିଲାମାନଙ୍କ ପାଇଁ ଲୋକାର୍ପିତ ହୋଇଥିଲା । ଏହା ଦ୍ୱାରା ୪୩,୯୧,୨୮୭ ଛାତ୍ରଛାତ୍ରୀ ଉପକୃତ ହେବେ ।

ଉକ୍ତ ସମ୍ମିଳନୀରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠି, ଶ୍ରୀ ଅନୁପମ ସାହା, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓସେପା, ଅତିରିକ୍ତ ଶାସନ ସଚିବ ତଥା ଅଧକ୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡିଶା, ଶ୍ରୀ ଅଶ୍ୱିନୀ କୁମାର ମିଶ୍ର, ଅଧକ୍ଷ ମାଧ୍ୟମିକ ଶିକ୍ଷା ପରିଷଦ, ଶ୍ରୀ ରାମଶିଷ ହାଜରା, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀ ସତ୍ୟ ରଞ୍ଜନ ସାହୁ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ଶ୍ରୀ ବୃନ୍ଦାବନ ଶତପଥୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଉକ୍ତ ସମ୍ମିଳନୀରେ ବିଭାଗୀୟ ବରିଷ୍ଠ ପଦାଧିକାରୀଙ୍କ ସମେତ ସମସ୍ତ ଜିଲ୍ଲାର ଶିକ୍ଷା ଅଧିକାରୀ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ପରିଶେଷରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନ, ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

# ସାନମହେଶ୍ୱର ପଂଚାୟତରେ ଜନଶୁଣାଣି

ନୂଆପଡା,୦୯/୦୮ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ସାନମହେଶ୍ୱର ଠାରେ ଗାଁ ରେ ପ୍ରଶାସନ କାର୍ଯ୍ୟକ୍ରମ ।ଲୋକେ ଆଉ ପ୍ରଶାସନ ପାଖକୁ ଯିବେ ନାହିଁ, ପ୍ରଶାସନ ଲୋକଙ୍କ ପାଖରେ ପହଂଚିବ ।ଏମିତି ଏକ ନିଆରା ପଦକ୍ଷେପ ନେଇଛି ନୂଆପଡା ଜିଲ୍ଲା ପ୍ରଶାସନ ।ନୂତନ ଜିଲ୍ଲାପାଳ ଭାବରେ ଦାୟିତ୍ୱ ନେଲା ପରେ ହେମନ୍ତ ସାଏ ଗାଁ ରେ ପ୍ରଶାସନ ନାମରେ ଏକ ନୂଆଁ ଅଭିଯୋଗ ଶୁଣାଣି ଶିବିର ଆରମ୍ଭ କରିଛନ୍ତି ।ପୂର୍ବରୁ ପ୍ରତିମାସରେ ଗୋଟିଏ ଦିନ ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେଉଥିବା ବେଳେ ଅଧିକାଂଶ ଲୋକ ଶିବିରକୁ ଆସି ପାରୁ ନଥିଲେ ।ତେଣୁ ଜିଲ୍ଲା ପ୍ରଶାସନ ଏହି ନୂତନ କାର୍ଯ୍ୟକ୍ରମର ଚିନ୍ତା କରିଛି ।ଏହା ପ୍ରତ୍ୟେକ ଗ୍ରାମ ପଂଚାୟତରେ ରୋଟେସନ ଭିତିରେ ଆୟୋଜନ ହେବ, ଯହିଁରେ ଜିଲ୍ଲା ଓ ବ୍ଲକ ପ୍ରଶାସନର ଉଚ୍ଚ ପଦାଧିକାରୀ ସମେତ ବିଭାଗୀୟ କର୍ମକର୍ତା ମାନେ ଯୋଗ ଦେବେ ଓ ଲୋକଙ୍କ ଅଭିଯୋଗ ଗ୍ରହଣ କରି ତ୍ୱରିତ ପଦକ୍ଷେପ ପାଇଁ କାର୍ଯ୍ୟ କରିବେ ।ଏହି କ୍ରମରେ ଆଜି ଖଡ଼ିଆଳ ବ୍ଲକର ସାନ ମହେଶ୍ୱର ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଠାରେ 'ଗାଁ ରେ ପ୍ରଶାସନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏଥିରେ ଖଡ଼ିଆଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାରାୟଣ ସାହୁ ଯୋଗଦେଇ ଲୋକଙ୍କ ସମସ୍ୟା ବୁଝିଥିଲେ ।ଖଡ଼ିଆଳ ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି,ସ୍ଥାନୀୟ ସରପଂଚ ଆହ୍ଲାଦିନୀ ବେହେରା ଓ ବିଭିନ୍ନ ବିଭାଗର କର୍ମକର୍ତା ଯୋଗଦେଇ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ୩୪ ଜଣ ବ୍ୟକ୍ତି ନିଜ ନିଜ ସମସ୍ୟା ଉପରେ ଅଭିଯୋଗ ପତ୍ର ଦାଖଲ କରିଥିଲେ।ବିଶେଷ କରି ସାମାଜିକ ମଙ୍ଗଳ ଯୋଜନା, ରାସନ କାର୍ଡ ସମସ୍ୟା ଉପରେ ଲୋକେ ଅଭିଯୋଗ କରିଥିଲେ ।ଲୋକଙ୍କ ଅଭିଯୋଗକୁ ଜିଲ୍ଲା ପ୍ରଶାସନ ପାଖରେ ଉପସ୍ଥାପନ କରାଯିବ ଓ ନିୟମାନୁସାରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଖଡ଼ିଆଳ ବିଡିଓ କହିଛନ୍ତି।

# ବ୍ରାଉନ ସୁଗାର ବିକିବା ଅଭିଯୋଗରେ ୩ ଗିରଫ

କେନ୍ଦ୍ରାପଡ଼ା,୦୯/୦୮ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ଧଳା ଜହର ବିକ୍ରି କାରବାର ବୃଦ୍ଧି ପାଇବାରେ ଲାଗିଛି। କେନ୍ଦ୍ରାପଡ଼ା ସହର ସମେତ ଜିଲ୍ଲାର ବିଭିନ୍ନ ଅଂଚଳରେ ବ୍ରାଉନ ସୁଗାର ବ୍ୟବସାୟର ନେଟ୍ୱାର୍କ ବହୁଳ ଭାବରେ ବ୍ୟାପିବାରେ ଲାଗିଛି। ପୋଲିସ ପକ୍ଷରୁ ବିଭିନ୍ନ ସମୟରେ ଚଢାଉ କରାଯାଇ ଚେରା ବେପାରୀଙ୍କୁ ଧରା ଯାଉଥିବାବେଳେ ବ୍ରାଉନ ସୁଗାର କାରବାର ନିୟନ୍ତ୍ରଣ ମଧକୁ ଆସୁନଥିବା ଜଣାପଡ଼ିଛି। ବିଶେଷକରି ଛାତ୍ର, ଯୁବକମାନଙ୍କୁ ଗ୍ରାହକ ବନାଇ ନିଶାଶକ୍ତ କରିବା ପାଇଁ ଯୋଜନାବଦ୍ଧ ଉପାୟରେ ଉଦ୍ୟମ କରାଯାଉ ଥିବା ଜଣାପଡ଼ିଛି। ଅନେକଥର ଧଳା ଜହର ବିକି ଜେଲ ଯାଇଥିବା ଯୁବକମାନେ ଜେଲ୍‌ରୁ ଜାମିନରେ ଆସି ପୁଣି ଏହି ବ୍ୟବସାୟରେ ଲିପ୍ତରହି ନିରିହ ଯୁବକମାନଙ୍କୁ ଧଳା ଜହର ବିକ୍ରି କରୁଥିବା ଅଭିଯୋଗ ପାଇବା ପରେ କେନ୍ଦ୍ରାପଡ଼ା ଟାଉନ ଥାନା ପକ୍ଷରୁ ୩ଜଣ ଯୁବକଙ୍କୁ ପୋଲିସ ଗିରଫ କରିବା ସହିତ ସେମାନଙ୍କ ପାଖରୁ ୯ ଗ୍ରାମ ୯୭ ମିଲି ଗ୍ରାମ ବ୍ରାଉନ ସୁଗାର ଜବତ କରିଥିବା ଜଣାପଡ଼ିଛି। ଏହି ୩ଜଣ ଯୁବକ ହେଲେ କେନ୍ଦ୍ରାପଡ଼ା ବଡ଼ହାଟ ଗ୍ରାମର ସେକ ରାହିଲ, ଫକିରାବାଦ୍‌ର ମହମ୍ମଦ ଇନଜାଉଲ ହକ ଏବଂ ବଡ଼ହାଟର ସେକ ଅରସଦଙ୍କୁ ଟାଉନ ପୋଲିସ କୋର୍ଟ ଚାଲାଣ କରିଛି। ଏହି ୩ଜଣ ଅଭିଯୁକ୍ତ ବ୍ରାଉନ ସୁଗାର ବିକିବା ପାଇଁ ପ୍ରସ୍ତୁତ ଥିବାବେଳେ କୌଣସି ସୂତ୍ରରୁ ଖବର ପାଇ ଟାଉନ ପୋଲିସ ସେମାନଙ୍କୁ କେନାଲ ବନ୍ଧରୁ ଗିରଫ କରିଥିଲା।

# କୋଭିଡ ଟିକା ନେଇ ମହିଳାଙ୍କ ମୃତ୍ୟୁ: ସ୍ଥାନୀୟ ଅଂଚଳରେ ଉତ୍ତେଜନା

ଧର୍ମଶାଳା,୦୯/୦୮ (ନି.ପ୍ର): କୋଭିଡ ମହାମାରୀ ସମସ୍ତ ଆଖିରୁ ନିଦ ହଜାଇ ଦେଇଥିଲା। ସମସ୍ତେ ଗୃହବନ୍ଦୀ ହୋଇ ୨ ବର୍ଷ ହଇରାଣ ହରକତ ହେବା ସହ ଜୀବନ ଜୀବିକା ଉପରେ ପ୍ରଭାବ ପକାଇ ଥିଲା । ତେବେ ସରକାର ଜନସାଧାରଣଙ୍କ ଜୀବନ ବଂଚାଇବା ପାଇଁ ଯୁଦ୍ଧକାଳୀନ ଭିତିରେ ଟୀକାକରଣ ପାଇଁ ବ୍ୟାପକ ବ୍ୟବସ୍ଥା କରିଥିଲେ। ତେବେ ଏହି ଟୀକାକରଣ ଆଜି ପର୍ଯ୍ୟନ୍ତ ଚାଲୁରହିଛି। ଆଜି ଯାଜପୁର ଜିଲାରେ ଟୀକାକରଣକୁ ନେଇ ଅଘଟଣ ଘଟିଛି। ବରୀ ବ୍ଲକ ରତାଳଙ୍ଗ ପଂଚାୟତସ୍ଥ ରତଳାଙ୍ଗ ଗ୍ରାମର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଆଜି ଟୀକାକରଣ ପାଇଁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ତେବେ ଏହି ଟୀକାକରଣ କେନ୍ଦ୍ରକୁ ଶହଶହ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ରହି ଟୀକା ନେଇଥିଲେ। ତେବେ ରତାଳଙ୍ଗ ଗ୍ରାମର ଜଗବନ୍ଧୁ ମଲ୍ଲିକଙ୍କ ପତ୍ନୀ ପାକେଇ(୬୫) ଟୀକା ନେବା ପାଇଁ ଏହି କେନ୍ଦ୍ରକୁ ଆସିଥିଲେ। ଟୀକା ନେବାର କିଛି ସମୟପରେ ଟଳି ପଡ଼ିଥିଲେ। ଗୁରୁତର ହେବା ଫଳରେ ସ୍ୱାସ୍ଥ୍ୟ କର୍ମଚାରୀ ତୁରନ୍ତ ତାଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଭଳି ଘଟଣାକୁ ନେଇ ଟୀକା ନେଇଥିବା ଜନସାଧାରଣ ମନରେ ଭୟ ସଂଚାର ହୋଇଛି।

# ବ୍ରହ୍ମପୁର ଡକ୍ଟରସ ଫୋରମର ପଂଚଦ୍ୱିବାର୍ଷିକ ସମ୍ମିଳନୀ

ଗଞ୍ଜାମ,୦୯/୦୮ (ନି.ପ୍ର): ବ୍ରହ୍ମପୁର ଡକ୍ଟରସ ଫୋରମର ପଂଚଦ୍ୱିବାର୍ଷିକ ସମ୍ମିଳନୀ ବ୍ରହ୍ମପୁରୟୁନିୟନ କ୍ଲବସମ୍ମିଳନୀ କକ୍ଷରେ ଡାକ୍ତର ଶଙ୍କର୍ଷଣ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଗତ ସଂନ୍ଧ୍ୟାରେ ପ୍ରାରମ୍ଭରେ ଡାକ୍ତର କିରଣ କୁମାର ପାଣିଗ୍ରାହି ସ୍ୱାଗତ ଭାଷଣ ଦେଇଥିଲେ। ସଂପାଦକ ଡାକ୍ତର ଅତୁଲ୍ୟ କୁମାର ପଟ୍ଟନାୟକ ସଂପାଦକୀୟ ବିବରଣୀ ପ୍ରଦାନ କରିଥିଲେ । ଡାକ୍ତର ସାଗର ରଂଜନ ତ୍ରିପାଠୀ ବେଦପାଠ କରିଥିଲେ। ସିଡିଏମଓ ଡାକ୍ତର ଉମାଶଙ୍କର ମିଶ୍ର ଏଥିରେ ସମ୍ମାନୀତ ଅତିଥି, ପ୍ରଫେସର ଅବନୀକାନ୍ତ ମିଶ୍ର ମୂଖ୍ୟବକ୍ତା, ବିଏମସି କମିଶନର ଜେ. ସୋନାଲ ମୂଖ୍ୟ ଅତିଥି ରୂପେ ଯୋଗଦେଇ ଉଦବୋଧନ ଦେଇଥିଲେ। ମୁଖ୍ୟଅତିଥି ସ୍ମରଣୀକା ଉନ୍ମୋଚନ କରିଥିଲେ। ପରିଶେଷରେ ଡାକ୍ତର ଭାସ୍ୱତି ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ୨୧ଜଣ ଆଜୀବନ ସଦସ୍ୟଙ୍କ ସମେତ ସର୍ବଶ୍ରୀ ଡାକ୍ତର ପି.ସି. ସାହୁ, ପଦ୍ମଶ୍ରୀ କେ.ଏମ. ପାଠୀ, ପ୍ରମୋଦ କୁମାର ଅଗ୍ରୱାଲ, ଅନ୍ନଦାପ୍ରସାଦ ଷଡ଼ଙ୍ଗୀ , ଶିବପ୍ରସାଦ ରାଉତ, କାଶୀନାଥ ସାହୁ, ସୁକାନ୍ତ କୁମାର ଶତପଥୀ, ଇନ୍ଦୁଭୂଷଣ ପଟ୍ଟନାୟକ, ନିଳିମା ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପ୍ରାରମ୍ଭରେ ଏଲୋପାଥି, ହୋମିଓ ଏବଂ ଆୟୁର୍ବେଦ ଡାକ୍ତର ମାନଙ୍କୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଶିବପ୍ରସାଦ ରାଉତ, ଅନ୍ନଦାପ୍ରସାଦ ଷଡଙ୍ଗୀ ଓ ପ୍ରମୋଦ କୁମାର ଅଗ୍ରୱାଲ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଭାପତି ଶଙ୍କର୍ଷଣ ପାତ୍ର, କେ.ଏମ. ପାଠୀ ଓ ଉପଦେଷ୍ଟା ପି.ସି. ସାହୁ ନିଜ ନିଜର ବକ୍ତବ୍ୟ ପ୍ରଦାନକରିଥିଲେ।

# ରସୁଲପୁର ବିଡିଓଙ୍କୁ ବିଦାୟ ସମ୍ବର୍ଦ୍ଧନା, କାନ୍ଦିଲେ ସମସ୍ତ କର୍ମଚାରୀ

ଧର୍ମଶାଳା,୦୯/୦୮ (ନି.ପ୍ର): ଯାଜପୁର ଜିଲ୍ଲା ରସୁଲପୁର ବିଡିଓ ଉମାକାନ୍ତ ପରିଡ଼ାଙ୍କୁ ଆଜି ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଡିଓ ଯିବା ସମୟରେ ସମସ୍ତେ ଭାବବିହ୍ୱଳ ହୋଇଯାଇଥିଲେ। ସମସ୍ତ ଆଖିରେ ଲୁହ। ରସୁଲପୁର ବିଡିଓ ଶ୍ରୀ ପରିଡ଼ା ଅନ୍ୟ ବଦଳି ହେବାପରେ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦାୟ ସମୟରେ ଉପସ୍ଥିତ ବ୍ଲକ କର୍ମଚାରୀ, ଲୋକ ପ୍ରତିନିଧି, ଜନସାଧାରଣ ଓ ଖୋଦ ବିଡିଓ କାନ୍ଦିବା ଦୃଶ୍ୟ ଏକ ଭାବ ବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। ସୂଚନା ମୁତାବକ ବିଡିଓ ଉମାକାନ୍ତ ପରିଡ଼ା ରସୁଲପୁର ବିଡିଓ ଭାବେ ୩ବର୍ଷ ୮ମାସ ଧରି କାର୍ଯ୍ୟ କରିବାପରେ ନିକଟରେ ତାଙ୍କର କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକକୁ ବଦଳି ହୋଇଯାଇଛି। ତେଣୁ ଆଜି ରସୁଲପୁର ବ୍ଲକରେ ନୂତନ ବିଡିଓ ଭାବେ ଅବନୀକାନ୍ତ ସାହୁ ଯୋଗଦେବା ପରେ ଶ୍ରୀ ପରିଡ଼ା ତାଙ୍କୁ କାର୍ଯ୍ୟଭାର ଦେଇ ବ୍ଲକରୁ ବିଦାୟ ନେଇଥିଲେ। ତେବେ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବାପାଇଁ ସ୍ଥାନୀୟ ଅଂଚଳର ଶତାଧିକ ଲୋକ ଓ ଜନପ୍ରତିନିଧି ବ୍ଲକ କାର୍ଯ୍ୟାଳୟ ପରିସରରେ ଭିଡ଼ ଜମାଇ ଥିଲେ। ପୂର୍ବତନ ବିଡିଓ ଶ୍ରୀ ପରିଡ଼ାଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମସ୍ତେ ସମ୍ବର୍ଦ୍ଧିତ କରିଥିଲେ। ବାଜା, ବାଣ ଫୁଟାଇ ବିଡିଓଙ୍କୁ କାନ୍ଧରେ ବସାଇ ଲୋକେ ବ୍ଲକ ପରିସରରେ ବୁଲାଇଥିଲେ। ପରେ ବିଡିଓ ଯିବା ସମୟରେ ସମସ୍ତେ ଭାବବିହ୍ୱଳ ହୋଇ ପଡ଼ିଥିଲେ।


# ବଲାଙ୍ଗିର ତହସିଲଦାର ନଥିବାରୁ ଅଚଳାବସ୍ଥା: ଓକିଲମାନେ ଆନ୍ଦୋଳନରେ ବସିଲେ

ବଲାଙ୍ଗିର,୦୯/୦୮ (ନି.ପ୍ର): ବଲାଙ୍ଗିର ତହସିଲରେ ବହୁଚର୍ଚ୍ଚିତ ଜମି କେଳେଙ୍କାରୀ ପରେ ତହସିଲଦର ନିଲମ୍ବିତ ହେଲେ ଏବଂ ଏଠାରେ ଜଣେ ଆଡିସିନାଲ ତହସିଲଦାରଙ୍କୁ ଦାୟିତ୍ୱ ଦିଆଗଲା । ଏବେ ଆଡିସିନାଲ ତହସିଲଦାର ଜଣକ ଛୁଟିରେ ରହିଥିବା ଯୋଗୁଁ ବଲାଙ୍ଗିର ତହସିଲରେ ଜମବାଡି ସଂକ୍ରାନ୍ତୀୟ କାମ ଠାରୁ ଆରମ୍ଭ କରି ବିଭିନ୍ନ ସାର୍ଟିଫିକେଟ ଇସ୍ୟୁ ପର୍ଯ୍ୟନ୍ତ କୌଣସି କାମ ହୋଇପାରୁ ନାହିଁ। ବର୍ତମାନ ସ୍କୁଲ କଲେଜ ଏଡ୍ମିଶନ ସମୟରେ ଜାତିଗତ ପ୍ରମାଣପତ୍ର, ଲିଗାଲ ହେୟାର କିମ୍ବା ସ୍ଥାୟୀ ପ୍ରମାଣପତ୍ରଟିଏ ପାଇବା ପାଇଁ ଜଣକୁ ମାସ ମାସ ଧରି ତହସିଲକୁ ଦୌଡିବାକୁ ପଡୁଛି । ଏ ସଂକ୍ରାନ୍ତରେ ଆଜି ବଲାଙ୍ଗିର ଓକିଲ ସଂଘର ବହୁ ସଭ୍ୟ ବଲାଙ୍ଗିର ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ । ତହସିଲ ଅଫିସରେ ଲାଗିଥିବା ଅଚଳାବସ୍ଥାକୁ ଦୂର କରିବା ସହ ଏଠାରେ ଜଣେ ସ୍ଥାୟୀ ଆଡିସିନାଲ୍ ତହସିଲଦାରଙ୍କୁ ନିଯୁକ୍ତି ଦେବା ପାଇଁ ଓକିଲ ମାନେ ଦାବି କରିଛନ୍ତି। ସଂଘର ଯୁଗ୍ମ ସମ୍ପାଦକ ସୁମିତ କୁମାର ଖୁଆସଙ୍କ ନେତୃତରେ ଆଜିର ଏହି ଧାରଣାରେ ସଂଘର ସଭ୍ୟ ଶ୍ରୀନିବାସ ରାଓ, ଉପସଭାପତି ସରୋଜ ଗୁପ୍ତା, ସୁରେନ୍ଦ୍ର ମିଶ୍ର, ଦେବେନ ପାଣିଗ୍ରାହୀ, ବାଳକୃଷ୍ଣ ଷଡଙ୍ଗୀ, ସୁବ୍ରତ ରଣା, ପ୍ରଭାସ ମିଶ୍ର, ସବ୍ୟସାଚୀ ହୋତା, ଦୟାନିଧି ସତପଥୀ ପ୍ରମୁଖ ସାମିଲ ହୋଇଥିଲେ । ପରେ ଉପଜିଲ୍ଲାପାଳ ଘଟଣାସ୍ଥଳରେ ପହଂଚି ଓକିଲ ମାନଙ୍କୁ ବୁଝାସୁଝା କରିବା ସହ ସାଧାରଣ ଲୋକଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଖୁବଶୀଘ୍ର ଏଠାରେ ଜଣେ ଆଡିସିନାଲ ତହସିଲଦାରଙ୍କୁ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶୃତି ଦେବା ପରେ ଓକିଲମାନେ ଧାରଣାରୁ ଓହରିଥିଲେ।

# ଦେବାଳୟ ସୁରକ୍ଷା କମିଟିର ୫ ଦଫା ଦାବିପତ୍ର ପ୍ରଦାନ

ବଲାଙ୍ଗିର,୦୯/୦୮ (ନି.ପ୍ର): ପଶ୍ଚିମ ଓଡିଶାର ଗଣପର୍ବ ନୁଆଁଖାଇ ଉପଲକ୍ଷେ ମାଁ ସମଲେଶ୍ୱରୀ ମନ୍ଦିର ଓ ମାଁ ପାଟଣେଶ୍ୱରୀ ମନ୍ଦିର ସାଜସଜ୍ଜା, ରଙ୍ଗ ଦେବା ଏବଂ ସ୍ୱତନ୍ତ୍ର ପ୍ୟାକେଜ ପ୍ରଦାନ କରାଯାଉ । ଉପ-ଜିଲ୍ଲାପାଳ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୋତର ବଲାଙ୍ଗିର କାର୍ଯ୍ୟାଳୟକୁ ଯାଇ ଦେବାଳୟ ସୁରକ୍ଷା କମିଟି ଏବଂ କୋଶଳ ସେନାର କର୍ମକର୍ତାମାନେ ୫ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି । ସମଲେଇଶ୍ୱରୀ ମନ୍ଦିର ର ଗୁମ୍ଭଜରେ ଫାଟ ସୃଷ୍ଟି ହୋଇ ପାଶ୍ୱର୍ ଦେବା ଦେବି ବିଗ୍ରହ ଫାଟ ସୃଷ୍ଟି ହୋଇଛି । ବଲାଙ୍ଗିର ମାଁ ପାଟଣେଶ୍ୱରୀ ଗମ୍ଭିର ଘରର ପାଣି ଝରୁଥିବା ବେଳେ ମାଁଙ୍କ ସିଂହାସନ ଫାଟ ସୃଷ୍ଟି ହେଲାଣି । ମାଁଙ୍କ ମକୁଟ ମଧ ଫାଟି ଯାଇଛି । ଏହା ଏକ ଅଶୁଭ ସଂକେତ ବୋଲି ବଲାଙ୍ଗିର ଭକ୍ତମାନେ ସୁଚାଉଛନ୍ତି । ତେଣୁ ଜିଲ୍ଲାର ଜନସାଧାରଣ ଧର୍ମ ଭାବନା ଓ ପ୍ରାଚୀନ ସଂସ୍କୃତି ଓ ପରଂପରା ରକ୍ଷା ପାଇଁ ଆମେ ପୁଣି ନିମ୍ନଲିଖିତ ଦାବି ଉପସ୍ଥାପନ କରିଛନ୍ତି । ମାଁ ସମଲେଶ୍ୱରୀ ମନ୍ଦିର ଗର୍ଭଗୃହ ଓ ବେଢା ଚାରିପାଶ୍ୱର୍ ଫାଟ ସୃଷ୍ଟି ହେଲାଣି । ନୁଆଁଖାଇ ପୂର୍ବରୁ ସମଲେଇ ମନ୍ଦିର, ପାଟଣେଶ୍ୱରୀ ମନ୍ଦିର ସ୍ୱତନ୍ତ୍ର ଭାବରେ ରଙ୍ଗ ଏବଂ ସାଜସଜ୍ଜା କରାଯାଉ । ମାଁ ପାଟଣେଶ୍ୱରୀ ମନ୍ଦିର ସିଂହାସନ ଏବେ ଫାଟ ସୃଷ୍ଟି ହେଉଛି ମାଁ ପାଟଣେଶ୍ୱରୀ ମନ୍ଦିର ରୋଷଇ ଶାଳା ନ ଥିବାରୁ ମନ୍ଦିର ପାଶ୍ୱର୍ରେ ରନ୍ଧା ହେଉଛି । ଅତି ଶିଘ୍ର ରୋଷଇ ଶାଳା ଓ ପାଣି ବ୍ୟବସ୍ଥା କରାଯାଉ । ଚାରି ପାଶ୍ୱର୍ ଝରକା କବାଟକୁ ଶିଘ୍ର ବଦଳାଯାଉ । ମାଁ ପାଟଣେଶ୍ୱରୀ ମନ୍ଦିର ନାଳି ବ୍ୟବସ୍ଥା ଓ ଜବର ଦଖଲ ଉଚ୍ଛେଦ କରାଯାଉ । ବରିଷ୍ଠ ନାଗରିକ ମଂଚ ସଂପାଦକ ମନୋରଂଜନ ମିଶ୍ର, ଦେବାଳୟ ସୁରକ୍ଷା କମିଟିର ପ୍ରଶାନ୍ତ ମହାକୁର, ଶମ୍ଭୁ ପ୍ରସାଦ ଶତପଥି, ଯାଦବ ସମାଜ ସଭାପତି ପଙ୍କଜ ସେଲମା, କୋଶଳ ସେନାର ଇନ୍ଦ୍ରମଣି ସାହୁ, ଅଜିତ ପଟେଲ, ରାମଚନ୍ଦ୍ର ସାହୁ, ଆଶିଷ ମେହେର, ରାଜୁ ରଣା, ଶୁଶାନ୍ତ କୁମାର ପ୍ରଧାନ ପ୍ରମୁଖ ଦାବିପତ୍ର ଜଣାଇଛନ୍ତି ।

# ଅଜନ୍ତା ଗୁମ୍ଫା








ଅଜନ୍ତା ଗୁମ୍ଫା ମହାରାଷ୍ଟ୍ର ରାଜ୍ୟର ଔରଙ୍ଗାବାଦ ସହରଠାରୁ ପାଖାପାଖି ୧୦୫ କିଲୋମିଟର ଦୂରତା ଅବସ୍ଥିତ । ଅଜନ୍ତାର ପ୍ରାଚୀନ ଗୁମ୍ଫାକୁ ଭାରତ ଓ ବିଦେଶରୁ ଅଧିକ ପର୍ଯ୍ୟଟକ ଭ୍ରମଣ କରିବାକୁ ଯାଇଥାନ୍ତି । ଏହା ଭାରତୀୟ ଗୁମ୍ଫା କଳାର ଜୀବିତ ଉଦାହରଣ । ଅଜନ୍ତା ଗୁମ୍ଫା ଏଲୋରା ଗୁମ୍ଫାଠାରୁ ମଧ୍ୟ ପୁରାତନ ଓ ଏହା ଗୋଟିଏ ବା ଦୁଇଟି ନୁହେଁ ପୂରା ୩୦ଟି ଗୁମ୍ଫାର ସମୂହ ଯେଉଁଗୁଡ଼ିକୁ ହର୍ସ ସୁ ଆକାରର ପାହାଡ଼କୁ କଟାଯାଇ ନିର୍ମାଣ କରାଯାଇଛି । ଗୁମ୍ଫାଗୁଡ଼ିକ ବାଘୁର ନଦୀ କୂଳରେ ଏକ ପାହାଡ଼ ଉପରେ ଅବସ୍ଥିତ । ନିକଟରେ ଅବସ୍ଥିତ ଅଜନ୍ତା ଗ୍ରାମ ଅନୁସାରେ ଏହି ଗୁମ୍ଫାକୁ ନାମିତ କରାଯାଇଛି । ଇତିହାସ ବିଷୟରେ ଜାଣିବା ପାଇଁ ଇଚ୍ଛୁକ ଥିବା ପର୍ଯ୍ୟଟକମାନଙ୍କ ପାଇଁ ଅଜନ୍ତାର ଯାତ୍ରା ଆନନ୍ଦମୟ ପ୍ରମାଣିତ ହୋଇପାରେ । ଏହି ଗୁମ୍ଫାଗୁଡ଼ିକର କାରିଗରୀ ଓ ସୌନ୍ଦର୍ଯ୍ୟ ପର୍ଯ୍ୟଟକମାନଙ୍କୁ ଶାନ୍ତିର ଅନୁଭବ ଦେଇଥାଏ । ଏହା ଏକ ବୌଦ୍ଧ ଗୁମ୍ଫା ସ୍ମାରକ ଯେଉଁଠାରେ ବୌଦ୍ଧ ଧର୍ମର କଳାକୃତି ଦେଖିବାକୁ ମିଳିଥାଏ । ସେଠାରେ ଭଗବାନ ବୁଦ୍ଧଙ୍କର ଅନେକ ପ୍ରତିମା ଓ ବୌଦ୍ଧ ଧର୍ମ ସହିତ ଜଡ଼ିତ ଅନେକ ପେଣ୍ଟିଙ୍ଗ୍‌ସ ତିଆରି ହୋଇଛି । ଏହା ବ୍ୟତୀତ ଭଗବାନ ବୁଦ୍ଧଙ୍କର ପୂର୍ବଜନ୍ମ ସମ୍ବନ୍ଧରେ ମଧ୍ୟ କୁହାଯାଇଛି । ସେଠାରେ ଦୁଇ ପ୍ରକାରର ଗୁମ୍ଫା ରହିଛି- ବିହାର ଓ ଚୈତ୍ୟ ଗୃହ । ବିହାର ବୌଦ୍ଧ ମଠକୁ ରହିବା ଓ ପ୍ରାର୍ଥନା ପାଇଁ ବ୍ୟବହାର କରାଯାଏ । ସେଠାରେ ସ୍କୋୟାର ଶେପ୍‌ର ଛୋଟ ଛୋଟ ହଲ୍ ଓ ସେଲ୍ ରହିଛି । ସେଲ୍‌ରେ ବୌଦ୍ଧ ଭିକ୍ଷୁମାନଙ୍କ ଆରାମ ଓ ଅନ୍ୟ ଗତିବିଧି ପାଇଁ ବ୍ୟବହାର କରାଯାଏ । ମଧ୍ୟରେ ଥିବା ସ୍କୋୟାର ଶେପ୍‌ର ସ୍ଥାନଟିକୁ ପ୍ରାର୍ଥନା ପାଇଁ ବ୍ୟବହାର କରାଯାଉଥିଲା । ଚୈତ୍ୟ ଗୃହ ପ୍ରାର୍ଥନା ପାଇଁ ବ୍ୟବହାର ହେଉଥିଲା । ଏହି ଗୁମ୍ଫାର ଶେଷରେ ସ୍ତୁପର ନିର୍ମାଣ ହୋଇଛି ଯାହା ଭଗବାନ ବୁଦ୍ଧଙ୍କର ପ୍ରତୀକ ଥିଲା । ଯେପରି ଅଜନ୍ତା ଗୁମ୍ଫା ୩୦ଟି ଗୁମ୍ଫାର ସମୂହ ସହିପରି ଏଲୋରା ଗୁମ୍ଫାରେ ୩୪ଟି ମଠ ଓ ମନ୍ଦିର ରହିଛି ଯାହା ପାହାଡ଼ ପାର୍ଶ୍ୱରେ ଥିବା ୨ କି.ମି. ପରିମିତ ଜମିରେ ନିର୍ମିତ ହୋଇଛି । ଏହି ଗୁମ୍ଫାଗୁଡ଼ିକର ନିର୍ମାଣ ପଞ୍ଚମ ଓ ଦଶମ ଶତାବ୍ଦୀ ମଧ୍ୟରେ ହୋଇଥିବାର ଜଣାପଡ଼େ । ଅଜନ୍ତା ଗୁମ୍ଫାଗୁଡ଼ିକର ନିର୍ମାଣ ଦୁଇଟି ଶ୍ରେଣୀରେ ନିର୍ମିତ ହୋଇଛି । ପ୍ରଥମ ପର୍ଯ୍ୟାୟରେ ସାତବାହନ ଓ ପରେ ବାକାଟକ ଶାସକ ବଂଶର ରାଜାମାନେ ଏହାର ନିର୍ମାଣ କରିଥିଲେ । ଏହି ପର୍ଯ୍ୟାୟର ଗୁମ୍ଫାର ନିର୍ମାଣ ଦ୍ୱିତୀୟ ଶତାବ୍ଦୀରେ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ହୋଇଥିବା ଗୁମ୍ଫାଗୁଡ଼ିକର ସମ୍ବନ୍ଧ ବୌଦ୍ଧ ଧର୍ମ ସହିତ ରହିଛି । ଦ୍ୱିତୀୟ ପର୍ଯ୍ୟାୟର ଗୁମ୍ଫାଗୁଡ଼ିକର ନିର୍ମାଣ ପାଖାପାଖି ତିନି ଶତାବ୍ଦୀ ପରେ ହୋଇଛି । ଏହି ଗୁମ୍ଫାଗୁଡ଼ିକରେ ପ୍ରାଚୀନ ଭାରତର ଚିତ୍ରକଳା ଓ ମୂର୍ତ୍ତିକଳାର ନମୁନା ଦେଖିବାକୁ



ମିଳିଥାଏ । ଅଜନ୍ତା ଗୁମ୍ଫାକୁ ବୌଦ୍ଧ ଯୁଗର ମଠ ବା ସ୍ତୁପ ବୋଲି କୁହାଯାଇପାରେ । ସେଠାରେ ବୌଦ୍ଧ ଭିକ୍ଷୁମାନେ ଅବସ୍ଥାନ କରିବା ସହିତ ଅଧ୍ୟୟନ ଓ ପ୍ରାର୍ଥନା କରୁଥିଲେ । ୧୮୧୯ରେ ଜଣେ ବ୍ରିଟିଶ ଅଫିସର ଶିକାର କରିବାକୁ ଯାଇଥିବା ସମୟରେ ଗଛପତ୍ର, ପଥର ଦ୍ୱାରା ଢାଙ୍କି ହୋଇଥିବା ଏକ ଗୁମ୍ଫା ଦେଖିଥିଲେ । ତା' ପରେ ତାଙ୍କ ସୈନ୍ୟମାନେ ଗୁମ୍ଫା ଭିତରକୁ ଯିବା ପାଇଁ ରାସ୍ତା ବାହାର କରିଥିଲେ । ସେଠାରେ ପୁରାତନ ସମୟର ଅନେକ ଗୁମ୍ଫାସବୁ ଦେଖିବାକୁ ମିଳିଥିଲା । ଏହାପରେ ସେ ଏ ସମ୍ବନ୍ଧରେ ସରକାରଙ୍କୁ ତଥ୍ୟ ଦେଇଥିଲେ । ସେବେଠାରୁ ଆଜି ପର୍ଯ୍ୟନ୍ତ ଅଜନ୍ତା ଗୁମ୍ଫାର ଖନନ ଓ ଅଧ୍ୟୟନ ଜାରି ରହିଛି । ୧୯୮୩ରେ ଏହି ଗୁମ୍ଫାକୁ ବିଶ୍ୱ ଐତିହ୍ୟର ମାନ୍ୟତା ମିଳିଥିଲା । ଭାରତର ପୁରାତତ୍ତ୍ୱ ସର୍ବେକ୍ଷଣ ବର୍ତ୍ତମାନ ଏହି ଗୁମ୍ଫାଗୁଡ଼ିକର ଯତ୍ନ ନେଉଛି । ବର୍ଷସାରା ବୌଦ୍ଧ ଅନୁଗାମୀମାନେ ସେହି ପର୍ଯ୍ୟଟନ ସ୍ଥଳକୁ ଯାଇଥାନ୍ତି ।

ଅଜନ୍ତା ଗୁମ୍ଫାର କାନ୍ଥ ଓ ଛାତର ଭଗବାନ ବୁଦ୍ଧଙ୍କ ଜୀବନୀ ଓ ଶିକ୍ଷାଗୁଡ଼ିକୁ ଖୋଦନ କରାଯାଇ ଚିତ୍ର ଦ୍ୱାରା ଦର୍ଶାଯାଇଛି । ସେଠାରେ ୨୪ଟି ବୌଦ୍ଧ ବିହାର ଓ ୫ଟି ହିନ୍ଦୁ ମନ୍ଦିର ରହିଛି । ଏହି ସମସ୍ତ ଗୁମ୍ଫା ମଧ୍ୟରେ ୧,୨,୪,୧୬,୧୭ ନମ୍ବର ଗୁମ୍ଫା ସବୁଠାରୁ ସୁନ୍ଦର ଓ ୨୬ ନମ୍ବର ଗୁମ୍ଫାରେ ବୁଧଙ୍କର ପୁନଃନିର୍ମିତ ପ୍ରତିମା ଦେଖିବାକୁ ମିଳେ । ଏହି ସ୍ଥାନ ପ୍ରକୃତିର ଖୁବ୍ ନିକଟରେ ଓ ଭୌତିକବାଦୀ ଦୁନିଆଠାରୁ ବହୁତ ଦୂରରେ । ଅଜନ୍ତା ଗୁମ୍ଫାର ଚୈତ ଗୃହରେ ସୁନ୍ଦର ଚିତ୍ର, ଛାତ ଓ ବଡ଼ ବଡ଼ ଝରକା ରହିଛି । ଖନନ ସମୟରେ ମିଳିଥିବା କେତେକ ଗୁମ୍ଫା ଦେଖିବାକୁ କାଣ୍ଡୋନ, ପିଟାଲଖୋରା, ନାସିକରେ ଥିବା ଗୁମ୍ଫା ପରି । ଚତୁର୍ଥ ଶତାବ୍ଦୀର ଦ୍ୱିତୀୟ ପର୍ଯ୍ୟାୟରେ ଏହାର ନିର୍ମାଣ ଆରମ୍ଭ ହୋଇଥିଲା । ଚୀନୀ ବୌଦ୍ଧ ଯାତ୍ରୀ ଫାହିୟାନ (ଚନ୍ଦ୍ରଗୁପ୍ତ ଦ୍ୱିତୀୟଙ୍କ ଶାସକନକାଳ ସମୟ) ଓ ହୁଏନ୍‌ସାଂ (ସମ୍ରାଟ ହର୍ଷବର୍ଦ୍ଧନଙ୍କ ସମୟରେ)ଙ୍କ ଯାତ୍ରା ବୃତ୍ତାନ୍ତରେ ଅଜନ୍ତା ଗୁମ୍ଫାର ତଥ୍ୟ ଦେଖିବାକୁ ମିଳିଥାଏ । ଗୁମ୍ଫାଗୁଡ଼ିକରେ ଫ୍ରେସ୍କୋ ପେଣ୍ଟିଂର ଉପଯୋଗ କରାଯାଇଛି ।

### କେବେ ଯିବେ:

ଅଜନ୍ତା ଗୁମ୍ଫା ବର୍ଷର ସବୁ ସମୟରେ ଖୋଲା ରହେ । କିନ୍ତୁ ପ୍ରତ୍ୟେକ ସୋମବାର ଏହା ବନ୍ଦ ରହେ । ବର୍ଷର ଯେ କୌଣସି ସମୟରେ ଏହି ଗୁମ୍ଫାଗୁଡ଼ିକୁ ଦେଖିବାକୁ ଯାଇପାରିବେ । କିନ୍ତୁ ଅକ୍ଟୋବରରୁ ଫେବୃଆରୀ ପର୍ଯ୍ୟନ୍ତ ସେଠାରେ ଜଳବାୟୁ ଓ ଥଣ୍ଡା ପାଗ ଥିବାରୁ ପୂରା ବର୍ଷ ଅପେକ୍ଷା ଅଧିକ ମାତ୍ରାରେ ପର୍ଯ୍ୟଟକ ସେଠାକୁ ଯାଇଥାନ୍ତି । ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସେଠାରେ ବୁଲି ପାରିବେ ।

### କିପରି ଯିବେ:

ଔରଙ୍ଗାବାଦରୁ ୧୨୦ କି.ମି ଓ ଜଳଗାଓଁଠାରୁ ୬୦ କି.ମି. ଦୂରରେ ଅଜନ୍ତା ଗୁମ୍ଫା ଅବସ୍ଥିତ । ଏହି ଦୁଇଟି ସହରର ପର୍ଯ୍ୟଟନ ସହିତ ସଂଯୋଗ ରହିଛି । ତେଣୁ ଆକାଶମାର୍ଗରେ ଯିବାକୁ ହେଲେ ଔରଙ୍ଗାବାଦ ବିମାନ ବନ୍ଦର ପର୍ଯ୍ୟନ୍ତ ଯାଇପାରିବେ । ସେଠାରୁ ବସ୍ ବା ଟ୍ୟାକ୍ସି ଯୋଗେ ଅଜନ୍ତା ଗୁମ୍ଫା ପର୍ଯ୍ୟନ୍ତ ଯାଇପାରିବେ । ଟ୍ରେନରେ ଯିବାକୁ ଚାହୁଁଥିବା ପର୍ଯ୍ୟଟକମାନେ ଜଳଗାଓଁ ପର୍ଯ୍ୟନ୍ତ ଯାଇପାରିବେ । ଏହା ଭାରତର ସମସ୍ତ ସହର ସହିତ ଯୋଡ଼ି ହୋଇ ରହିଛି । ସଡ଼କ ମାର୍ଗରେ ଯିବାକୁ ଚାହୁଁଥିଲେ ମୁମ୍ବାଇ, ମାଣ୍ଡୁ, ବୁରହାନପୁର, ମହେଶ୍ୱର ଓ ନାଗପୁରଠାରୁ ସେଠାକୁ ଯାଇହେବ ।

## ଚମତ୍କାରୀ ଚଷମା



ଦୃଷ୍ଟିଦୋଷ ଦେଖାଗଲେ ଚଷମା ଲଗାଇବାକୁ ହୁଏ । ତେବେ ଅତ୍ୟାଧୁନିକ ଜ୍ଞାନକୌଶଳର ବିକାଶ ସହିତ ଏପରି ଚଷମାସବୁ ପ୍ରସ୍ତୁତ ହୋଇଛି ଯାହା ମୁଣ୍ଡବ୍ୟଥା, କ୍ଳାନ୍ତି ଆଦି ସମସ୍ୟାରୁ ଆରାମ ଦେଇପାରିବ । ତେବେ ଏହି ଚଷମାଗୁଡ଼ିକ ବଜାରକୁ ଆସିସାରିଥିଲେ ବି ଏଗୁଡ଼ିକୁ ନେଇ ଆହୁରି ପରୀକ୍ଷାନିରୀକ୍ଷା ଜାରି ରହିଛି । ଏପରି କେତେକ ହାଇଟେକ୍ ଚଷମା ହେଲା-

ଏୟୋ ଲାଇଟ୍ ଥେରାପି ଗ୍ଲାସେସ୍: ଏଲ୍‌ଇଡି ଲାଇଟ୍ ଥିବା ଏହି ଚଷମା ହାଲ୍‌କା ନୀଳ ରଙ୍ଗର ଅଲୋକ ଦେଇଥାଏ ଯାହା ଆଖିକୁ କ୍ଳାନ୍ତିମୁକ୍ତ କରି ଶରୀର ଏବଂ ମନକୁ ସତେଜ କରିଥାଏ । ଏହା ଶରୀରର ଘଣ୍ଟାକୁ ନିୟନ୍ତ୍ରିତ କରି ନିଦ୍ରାହୀନତାରୁ ମୁକ୍ତି ଦେଇପାରେ ।

**ଆମ୍ବ୍ଲିଓପିକ୍ସ ଇଲେକ୍ଟ୍ରୋନିକ ସଟର ଗ୍ଲାସେସ୍:**
ଏହି ଚଷମାରେ ଲାଗିଥିବା ଇଲେକ୍ଟ୍ରୋନିକ ସଟର ପ୍ରତି ପାଞ୍ଚ ସେକେଣ୍ଡରେ ଉଚ୍ଚ କ୍ଷମତାସମ୍ପନ୍ନ ଆଖି ସାମ୍ନାରେ ଥିବା ଦୃଶ୍ୟକୁ ଢାଙ୍କି ଦେଇଥାଏ । ତେଣୁ ମସ୍ତିଷ୍କ ଅପେକ୍ଷାକୃତ ଦୁର୍ବଳ ଆଖି ସହାୟତାରେ ଦୃଶ୍ୟ ଦେଖିବାକୁ ଚେଷ୍ଟା କରେ । ଏହାଦ୍ୱାରା ଦୁଇଟି ଆଖି ମଧ୍ୟରୁ ଦୁର୍ବଳ ଥିବା ଆଖିର ଦୃଷ୍ଟିଶକ୍ତିରେ ସୁଧାର ଆସିପାରେ । ଆମ୍ବ୍ଲୋପିୟା ବା 'ଲେଜି ଆଇ' ସମସ୍ୟା ଥିବ । ଲୋକଙ୍କ ପାଇଁ ଏହି ଚଷମା ଖୁବ୍ ଉପଯୋଗୀ ବୋଲି ବିଶେଷଜ୍ଞ କହନ୍ତି ।


ଭିଷ୍ଟାମେସ୍ କ୍ଲିପ୍-ଅନ୍ ଗ୍ଲାସେସ୍: ଏଥିରେ ଦୁଇ ଲେନ୍ସ ମଧ୍ୟରେ ମେଶ୍ ଫିଲ୍‌ଟର ଲଗାଯାଇଛି । ଫଳରେ ଆଖି ଉପରେ ଅଧିକ ଚାପ ପଡ଼ିପାରେ ନାହିଁ । ଉଜ୍ଜ୍ୱଳ ଆଲୋକ ଯୋଗୁ ହେଉଥିବା ସମସ୍ୟା ବି ରହିନଥାଏ । ତେଣୁ ଅଧିକ ପାଳି ଭଳି ଯନ୍ତ୍ରଣାରୁ ମୁକ୍ତ ରହିହୁଏ ।

ବ୍ଲେଫାଷ୍ଟିମ ଗଗ୍‌ଲସ: ଏହି ଚଷମାରେ ଛିଦ୍ରସବୁ ରହିଛି ଯେଉଁଥିରେର ମିନେରାଲ ୱାଟର କିମ୍ବା ସାଲାଇନ୍ ଭରାଯାଇଛି । ଅନ୍ କରିବା ଦ୍ୱାରା ଏହି ଛିଦ୍ରଗୁଡ଼ିକରେ ଥିବା ପାଣି କିମ୍ବା ସାଲାଇନ୍ ପଦାର୍ଥ ବାଷ୍ପ ହୋଇ ଆଖିର କୋଷଗୁଡ଼ିକୁ ଆର୍ଦ୍ର କରିଥାଏ । ଫଳରେ ଆଖିର କୋଷ ନଷ୍ଟ ହେବା ତଥା ଦୃଷ୍ଟିଶକ୍ତି ଦୁର୍ବଳ ହେବାର ଆଶଙ୍କା କମିଯାଏ । ଦିନକୁ ଦୁଇଥର ୧୦ ମିନିଟ୍ ଯାଏ ଏହାକୁ ଲଗାଇବା ଲାଭଦାୟକ । ଶୁଖିଲା ଆଖି ଏବଂ ଆଖି ଲାଲ୍ ପଡୁଥିବା ପରି ସମସ୍ୟାରେ ଏହା ଉପଯୋଗୀ ହୋଇପାରେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି ।

**ହୋଲୋରାସ୍ ପିନ୍‌ହୋଲ୍ ଗ୍ଲାସେସ୍:**
ଏହି ଚଷମାର ଦୁଇଟିଯାକ ଲେନ୍ସରେ ଛିଦ୍ରଯୁକ୍ତ ପରସ୍ତ ରହିଛି ଯାହା ପରୋକ୍ଷ ଆଲୋକକୁ ବାଧା ଦେଇଥାଏ । ଫଳରେ ବ୍ୟକ୍ତିଙ୍କୁ ସମ୍ମୁଖ ଦୃଶ୍ୟ ଅଧିକ ସ୍ୱଷ୍ଟ ଦେଖାଯାଏ । ଏହି ଚଷମା ଦୃଷ୍ଟିଶକ୍ତି ବଢ଼ିବାରେ ସହାୟକ ବୋଲି ନିର୍ମାତା ଜଣାଇଛନ୍ତି । ତେବେ ଏହାକୁ ପିନ୍ଧି ଗାଡ଼ି ଚଳାଇବାକୁ ବାରଣ କରାଯାଇଛି ।

## ସ୍ୱାସ୍ଥ୍ୟ ଟିପ୍‌ସ

ସକାଳର ସୂର୍ଯ୍ୟ କିରଣରୁ ମିଳେ ଭିଟାମିନ୍-ଡି; ଏହା ଶରୀର ପାଇଁ ଉପକାରୀ । ବ୍ରିଟେନ୍‌ର ସାଉଥ୍‌ଆମ୍ପ୍‌ଟନ୍ ଓ ଏଡିନ୍‌ବରା ବିଶ୍ୱବିଦ୍ୟାଳୟର ଗବେଷକଙ୍କ ସୂତ୍ରରୁ ପ୍ରକାଶ ଯେ, ଏହା ମଧ୍ୟ ଉଚ୍ଚ ରକ୍ତ ଚାପ ହ୍ରାସକାରୀ । ମଣିଷର ତ୍ୱଚା ନାଇଟ୍ରିକ୍ ଅକ୍‌ସାଇଡ୍ କଣିକାରେ ଭରପୂର । ଏଗୁଡ଼ିକ ରକ୍ତ ଚାପ ନିୟନ୍ତ୍ରଣକାରୀ । ସୂର୍ଯ୍ୟ କିରଣ ଦେହରେ ପଡ଼ିଲେ, ସ୍ୱଳ୍ପ ସଂଖ୍ୟକ ନାଇଟ୍ରିକ୍ ଅକ୍‌ସାଇଡ୍ କଣିକା ରକ୍ତରେ ମିଶି ରକ୍ତ ଚାପ ହ୍ରାସ କରାଉଥିବା ଗବେଷଣା ଫଳାଫଳରୁ ଜଣାପଡ଼ିଛି । ରକ୍ତ ଚାପ ହ୍ରାସ ପାଇଲେ ହୃତ୍‌ଘାତର ଆଶଙ୍କା ମଧ୍ୟ କମେ । ଭାରତର ସହରାଞ୍ଚଳରେ ବାସ କରୁଥିବା ସତୁରି ପ୍ରତିଶତ ଲୋକ ରକ୍ତ ଚାପ ଜନିତ ସମସ୍ୟା ଭୋଗୁଛନ୍ତି । ତେଣୁ, ସକାଳର ସୂର୍ଯ୍ୟାଲୋକରେ ସେମାନେ ଭ୍ରମଣର କରିବା ଉଚିତ ।




## କୁର୍ତ୍ତି ୱିଥ ଜିନ୍ସ



କୁର୍ତ୍ତି ଟ୍ରେଣ୍ଡ ସବୁବେଳେ ହିଟ୍ । ଝିଅମାନଙ୍କ ୱାର୍ଡରୋବରେ କୁର୍ତ୍ତି ଥିବା ସ୍ୱାଭାବିକ । ଆଉଟିଙ୍ଗ ହେଉ ବା ଅଫିସ୍, ଯେକୌଣସି ଅବସରରେ ପିନ୍ଧା ଯାଇପାରିବ । କିନ୍ତୁ ପିନ୍ଧିବାର ଉପାୟ ଜଣାଥିବା ଦରକାର । ସାଧାରଣ କୁର୍ତ୍ତିରେ ବି ଆପଣ କିପରି ଷ୍ଟାଇଲିଶ୍ ଦେଖାଯିବେ ଜାଣନ୍ତୁ କିଛି ଟିପ୍ସ ।

**କେଡିୟା କୁର୍ତ୍ତି:**
ଯଦି ଆପଣ ଭାବୁଛନ୍ତି କୁର୍ତ୍ତିରେ ଷ୍ଟାଇଲ୍‌ର କୌଣସି ଅପସନ୍ ନାହିଁ ତା ହେଲେ ଭୁଲ । ହୁଏତ ଆପଣ କେବେ କେଡିୟା କୁର୍ତ୍ତି ଟ୍ରାଏ କରିନଥିବେ । ଉଭୟ ଆଧୁନିକ ଏବଂ ଏଥନିକ ଲୁକ୍ ମିଳିଥାଏ । ଡେନିମ ଆଙ୍କେଲ ଲେନ୍‌ଥ ଜିନ୍ସ ସହିତ କ୍ୟାରି କରନ୍ତୁ । କ୍ଲାସି ଲୁକ୍ ପାଇପାରିବେ ।



**ଆସିମେଟ୍ରିକାଲ୍ କୁର୍ତ୍ତି:**
ଯଦି ଆପଣଙ୍କୁ ଲଙ୍ଗ୍ ଏବଂ ସର୍ଟ କୁର୍ତ୍ତି ପସନ୍ଦ ତା' ହେଲେ ଆସିମେଟ୍ରିକାଲ୍ କୁର୍ତ୍ତି ପରଫେକ୍ଟ । ଏହାର ଲଙ୍ଗ୍ ଏବଂ ସର୍ଟ ଷ୍ଟାଇଲ ଜିନ୍ସ ସହିତ ଭଲ ମାନିଥାଏ । କିନ୍ତୁ ଜିନ୍ସର ଲେନ୍‌ଥ ଆଙ୍କେଲ୍‌ରୁ ଅଧିକ ହୋଇନଥିବ । କ୍ୟାରି କରିବା ସହଜ ହୋଇଥାଏ ।

**ଡେନିମ୍ କୁର୍ତ୍ତି:**
ଡେନିମ୍ ଫ୍ୟାଶନ ସମସ୍ତଙ୍କୁ ପସନ୍ଦ । ଡେନିମ୍ କୁର୍ତ୍ତି ମଧ୍ୟ ଖୁବ୍ ଷ୍ଟାଇଲିଶ୍ ହୋଇଥାଏ । ଜିନ୍ସ ସହିତ ଷ୍ଟାଇଲ୍ କରିପାରିବେ । ଏହି ଷ୍ଟାଇଲ୍‌କୁ ସବୁଦିନ ଅଫିସ୍ କ୍ୟାରି କରି ଯାଇପାରିବେ । ଏହା ଏଲିଗାଣ୍ଟ ଲୁକ୍ ଦେଇଥାଏ ।



**ସ୍ଲିଟ୍ କୁର୍ତ୍ତି:**
ସ୍ଲିଟ୍ କୁର୍ତ୍ତି ଦେଖିବାକୁ ଷ୍ଟାଇଲିଶ୍ ଏବଂ ପିନ୍ଧିବାକୁ ଆରାମଦାୟକ । ବଲିଉଡ୍ ଡିଭାମାନେ ମଧ୍ୟ ଜିନ୍ସ ସହିତ ସ୍ଲିଟ୍ କୁର୍ତ୍ତି କ୍ୟାରି କରୁଥିବାର ଦେଖିବାକୁ ମିଳନ୍ତି । ତେବେ ଆପଣ ନିଜ ପସନ୍ଦ ଅନୁସାରେ ସାଇଡ୍ ସ୍ଲିଟ୍, ମିଡିଲ୍ ସ୍ଲିଟ୍ କିମ୍ବା ମଲ୍ଟିପଲ୍ ସ୍ଲିଟ୍ କୁର୍ତ୍ତିକୁ ଷ୍ଟାଇଲ କରିପାରିବେ । ପାର୍ଟି ୱିୟର ପାଇଁ ପରଫେକ୍ଟ ଲୁକ୍ ହୋଇଥାଏ । ପାର୍ଟିରେ ଅନ୍ୟମାନଙ୍କ ଠାରୁ ଅଲଗା ଦେଖାଯିବେ ।

**ଆକ୍ସେସରିଜ୍:**
କୁର୍ତ୍ତି ଜିନ୍ସ ସହିତ ମୋଜରି, ଜୁତି କିମ୍ବା ହାଇ ହିଲ୍ ଭଲ ମାନିଥାଏ । କାନରେ ଟ୍ରାଡିସନାଲ୍ ଝୁମ୍‌କା ଗଳାଇ ଦିଅନ୍ତୁ । ଷ୍ଟୋଲ୍ ବ୍ୟବହାର କଲେ ଆହୁରି ଭଲ । ହେୟାର ଷ୍ଟାଇଲ୍‌ରେ ସାଇଡ୍ ବ୍ରେଡ୍ ଏବଂ ବନ୍ ବନେଇ ପାରିବେ । ହଁ, କାଜଲ ଲଗାଇବାକୁ ଭୁଲନ୍ତୁ ନାହିଁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଜାତୀୟ ରାଜନୀତିର ମହତ୍ତ୍ୱ ବଢ଼ିଲା...

ସରିଯାଇଛି ଉପରାଷ୍ଟ୍ରପତି ନିର୍ବାଚନ ଏବଂ ବିଜେପି ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଂଟର ପ୍ରାର୍ଥୀ ଜଗଦୀପ ଧନକର ବିପୁଳ ଭୋଟରେ ବିଜୟ ଲାଭ କରିସାରିଛନ୍ତି । ରାଷ୍ଟ୍ରପତି ନିର୍ବାଚନ ପରେ ଉପରାଷ୍ଟ୍ରପତି ନିର୍ବାଚନରେ ଏହି ବିଜୟ ଜାତୀୟ ରାଜନୀତିରେ ବିଜେପିର ପ୍ରାଧାନ୍ୟକୁ ଆହୁରି ଅଧିକ ପ୍ରତିଷ୍ଠିତ କରିଛି । ଦୁଇଗୋଟିଯାକ ନିର୍ବାଚନରେ କେବଳ ବିଜେପି ବା ଏହାର ମିତ୍ର ଦଳମାନେ ନୁହନ୍ତି, ଆଚଂଳିକ ସ୍ତରରେ ଏମାନଙ୍କ ବିରୁଦ୍ଧରେ ନିର୍ବାଚନ ରଣାଙ୍ଗନରେ ଲଢୁଥିବା ବିଜେଡ଼ି ଏବଂ ୱାଇଏସ୍ଆରସିପି ଭଳି ନିରପେକ୍ଷ ଦଳମାନେ ମଧ୍ୟ ହତୋତ୍ସାହିତ ହୋଇ ପଡ଼ିଥିବା ବିରୋଧୀ ଦଳମାନଙ୍କ ଅପେକ୍ଷା ଏହାର ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ କରିଛନ୍ତି । ତେଣୁ ମାତ୍ର ଅଳ୍ପ କେତେ ସପ୍ତାହ ଭିତରେ ବଡ଼ ବଡ଼ ବିରୋଧୀ ଦଳମାନଙ୍କର ଅବସ୍ଥା କିପରି ତାସର ଘଳ ଭଳି ହୋଇଯାଇଛି, ତାହା ସାମନାକୁ ଆସିଛି । ସମସ୍ତଙ୍କୁ ଏହା ଭାବିବାକୁ ସୁଯୋଗ ପ୍ରଦାନ କରିଛି ଯେ ଉତ୍ତରପ୍ରଦେଶକୁ ମିଶାଇ ଚାରିଗୋଟି ରାଜ୍ୟର ବିଧାନଭା ନିର୍ବାଚନରେ ବିଜେପି ବିପୁଳ ସଂଖ୍ୟାରେ ଜନମତ ହାସଲ କରିବାରେ ସକ୍ଷମ ହେବାପରେ ସତେ ଯେମିତି ବିରୋଧୀ ଦଳମାନେ ଏହା ନିକଟରେ ଆତ୍ମସମର୍ପଣ କରି ଦେଇଛନ୍ତି । ଆଉ ଏସବୁ ଅପେକ୍ଷା ଯାହା ବେଳକୁ ବେଳ ସବୁଠୁ ବେଶୀ ଆଗକୁ ଆସିବାରେ ଲାଗିଛି, ତାହା ହେଉଛି– 'ଭାରତ ସମ୍ପର୍କରେ ଧାରଣା', 'ଗଣତନ୍ତ୍ର ଭୁଶୁଡ଼ି ପଡ଼ିବା' ଏବଂ 'ସରକାରୀ ଅନୁଷ୍ଠାନଗୁଡ଼ିକୁ ନିଜ ସପକ୍ଷକୁ ନେଇଯିବା' ଭଳି ଖଣ୍ଡବାକ୍ୟଗୁଡ଼ିକ, ଯେଉଁସବୁର ନିର୍ବାଚନ ସମୟରେ ପ୍ରୟୋଗ କରି ବିରୋଧୀମାନେ ଭୋଟରମାନଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବାକୁ ଉଦ୍ୟମ କରିଥାନ୍ତି, ସେସବୁ ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତି ନିର୍ବାଚନ ସମୟରେ କଦାଚିତ୍ ସେମାନଙ୍କ ନିଜର ଉଚ୍ଚାରଣରେ ଦେଖିବାକୁ ମିଳିଛି । ଅଳ୍ପ କେତେକ ଆଂଚଳିକ ବିରୋଧୀ ଦଳ ଏବଂ ସେମାନଙ୍କର ମୁଖ୍ୟମାନେ ତଥା ନିଜ ଭିତରେ ଗୋଡ଼ ଟଣାଟଣି, ଟଳମଳ ଅବସ୍ଥା ଦେଇ ଗତି କରୁଥିବା ଭାରତର ସର୍ବପ୍ରାଚୀନ ରାଜନୀତିକ ଦଳ କଂଗ୍ରେସ, ଯାହା ରାଷ୍ଟ୍ରପତି କି ଉପରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ ଦେବାରେ ସେମାନଙ୍କ ସହିତ ପୂର୍ଣ୍ଣ ପ୍ରାଣରେ ସହମତ ହୋଇପାରିନଥିଲା, ଏବେ ତାହା ଭାରତ ବାବଦରେ ଧାରଣା, ଧର୍ମନିରପେକ୍ଷତା ଏବଂ ଗଣତନ୍ତ୍ର ବିପଦରେ ଭଳି କଥାଗୁଡ଼ିକୁ ଦୋହରାଇବା ଆଶା କରାଯାଏ । ଆଉ ଏସବୁକୁ ଦେଶର ଜନସାଧାରଣ ଯେ କେବଳ ଫମ୍ପା ଆବାଜ ଏବଂ ପରସ୍ପରର ବିରୋଧାତ୍ମକ ବୋଲି ଜାଣି ସାରିଲେଣି, ତାହା କହିବାର କ୍ୱଚିତ୍ ଆବଶ୍ୟକତା ରହିଛି । ବର୍ତ୍ତମାନ ସାଧାରଣ ଜନତା ଯାହା ଆଶା କରୁଛନ୍ତି, ତାହା ହେଉଛି, ଆଉ ମାତ୍ର କୋଡ଼ିଏ ମାସ ବାକିଥିବା ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବିରୋଧୀମାନଙ୍କ ତରଫରୁ ସମ୍ଭାବ୍ୟ ପ୍ରଧାନମନ୍ତ୍ରୀ ବ୍ୟକ୍ତିତ୍ୱକୁ ଉପସ୍ଥାପନ କରାଯିବ । ଅପରପକ୍ଷରେ, ଉଭୟ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନରେ ବିପୁଳ ବିଜୟ ବିଜେପିକୁ ସଂସଦର ମୌସୁମୀ ଅଧିବେଶନର ସାମ୍ପ୍ରତିକ ଅବସ୍ଥା ସମ୍ପର୍କରେ ଚିନ୍ତା କରିବାକୁ ଖୋରାକ୍ ଯୋଗାଇବା ଉଚିତ୍ । ଏଥିରେ ସନ୍ଦେହ ନାହିଁ ଯେ ଶାସକ ଦଳ ସବୁବେଳେ ସଦନରେ ବିରୋଧୀମାନଙ୍କ ଅସନ୍ତୋଷର ସମ୍ମୁଖୀନ ହେବ । କିନ୍ତୁ ତାକୁ ସଫଳତାର ସହିତ ମୁକାବିଲା କରିବା ହିଁ ଶାସକ ଦଳର ବାହାଦୁରୀ । ସଂସଦୀୟ ରାଜନୀତିରେ ଆଇନ୍ ପ୍ରଣୟନ, ପ୍ରତିବାଦ, ତର୍କ ବିତର୍କ ଏବଂ ତର୍ଜମା ଇତ୍ୟାଦିର ସ୍ଥାନ ତ ରହିବ ହିଁ ରହିବ । ତେବେ ବର୍ତ୍ତମାନ ଯେଉଁଭଳି ଢ଼ଙ୍ଗରେ ସଂସଦର ଉଭୟ ସଦନ ଲୋକସଭା ଓ ରାଜ୍ୟସଭା ପରିଚାଳିତ ହେଉଛି, ତହିଁରେ କିଛି ପରିବର୍ତ୍ତନ ଆଣିବା ନିମନ୍ତେ ଲୋକସଭାର ବାଚସ୍ପତି ଓମ୍ ବିର୍ଲା ଏବଂ ରାଜ୍ୟସଭାରେ ଅଧ୍ୟକ୍ଷ ଭାବରେ ନବନିର୍ବାଚିତ ଉପରାଷ୍ଟ୍ରପତି ଧନକର ଅବଶ୍ୟ ଚିନ୍ତା କରିବା ଆବଶ୍ୟକ । ରାଜ୍ୟମାନଙ୍କର ବିଧାନସଭାରେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରୁଥିବା ବିଧାୟକମାନଙ୍କୁ ନିଲମ୍ବିତ କରାଯିବା ଏକ ସାଧାରଣ ଘଟଣା ହୋଇଥାଏ । କିନ୍ତୁ ସଂସଦରେ ସେଭଳି ନୀତିର ଅନୁସରଣ କରାଯିବା କଦାଚିତ୍ ସ୍ପୃହଣୀୟ, କାରଣ ଦେଶ ସମ୍ମୁଖରେ ଅନେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ରହିଥାଏ, ଯେଉଁସବୁ ଉପରେ ସୁସ୍ଥ ବିତର୍କ କରିବା ନିମନ୍ତେ ସଦନ ପରିଚାଳକମାନେ ସମସ୍ତଙ୍କୁ ଅନୁମତି ପ୍ରଦାନ କରିବା ସମସ୍ତ ଦେଶବାସୀଙ୍କ ନିମନ୍ତେ ଉତ୍ତମ ନୀତି ପ୍ରଣୟନ କରିବାର ସୁଯୋଗ ପ୍ରଦାନ କରିଥାଏ । ପୁନଶ୍ଚ, ଏଭଳି ସୁସ୍ଥ ଆଲୋଚନା ଏବଂ ତର୍କ ବିତର୍କ ରାଜ୍ୟମାନଙ୍କର ବିଧାନସଭା ନିମନ୍ତେ ଏକ ଉଦାହରଣ ସୃଷ୍ଟି କରିଥାଏ ।

## ଅବିବାହିତା ମହିଳାଙ୍କୁ ମିଳିବ ଗର୍ଭପାତର ଅଧିକାର



ଗୋପାଳ ମହାପାତ୍ର

ମାନ୍ୟବର ସୁପ୍ରିମକୋର୍ଟ ନିକଟରେ ଏକ ଐତିହାସିକ ରାୟ ଇେଛନ୍ତି । କୋର୍ଟଙ୍କ ରାୟ ଅନୁସାରେ ଏଣିକି ଅବିବାହିତା ମହିଳାଙ୍କୁ ଗର୍ଭପାତର ଅଧିକାର ମିଳିବ । ଅବିବାହିତା ମହିଳାମାନେ ପ୍ରେଗନାନ୍ସିର ୨୦ ରୁ ୨୪ ସପ୍ତାହ ମଧ୍ୟରେ ଭୃଣ ହତ୍ୟା (ଗର୍ଭପାତ) କରିପାରିବେ ଓ ଚିକିତ୍ସା ବିଶେଷଜ୍ଞମାନେ ଏଥିପାଇଁ ତାଙ୍କୁ ମନା କରିପାରିବେ ନାହିଁ । ଏ ପ୍ରସଙ୍ଗରେ ମାନ୍ୟବର କୋର୍ଟଙ୍କ ମତ ହେଉଛି ଏହି ନିଷ୍ପତ୍ତି ମହିଳା ସଶକ୍ତିକରଣ ଏବଂ ମହିଳାଙ୍କ ନିଜ ଶରୀର ଉପରେ ଅଧିକାର କ୍ଷେତ୍ରରେ ଏକ ମାଇଲ୍ଖୁଣ୍ଟ ସାବ୍ୟସ୍ତ ହୋଇପାରିବ । ଯେତେବେଳେ ଆମେରିକାରେ ମହିଳାମାନଙ୍କୁ ଦିଆଯାଇଥିବା ଗର୍ଭପାତର ଅଧିକାରକୁ ସେ ଦେଶର ସୁପ୍ରିମକୋର୍ଟ ରଦ୍ଦ କରିଦେଇଛନ୍ତି ସେତେବେଳେ ଭାରତର ସୁପ୍ରିମକୋର୍ଟ ଭାରତୀୟ ମହିଳାମାନଙ୍କ ସପକ୍ଷରେ ଏଭଳି ରାୟ ଦେଇଛନ୍ତି । ଗର୍ଭପାତକୁ ନେଇ ସାରା ବିଶ୍ୱରେ ବ୍ୟାପକ ଚର୍ଚ୍ଚା ଚାଲିଥିବା ବେଳେ ଭାରତର ସୁପ୍ରିମକୋର୍ଟ ଜୁଲାଇ ୨୧ ତାରିଖରେ ଅବିବାହିତା ମହିଳାମାଙ୍କୁ ଗର୍ଭପାତ କରାଇବାର ଅଧିକାର ଦେଇଛନ୍ତି । ସୁପ୍ରିମକୋର୍ଟର ବିଚାରପତି ଡି. ୱାଇ ଚନ୍ଦ୍ରଚୁଡ, ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଏ.ଏସ୍. ବୋପାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ଜଣେ ଅବିବାହିତ ମହିଳାଙ୍କୁ ସୁରକ୍ଷିତ ଗର୍ଭପାତ ଅଧିକାରରୁ ବଞ୍ଚିତ କରିବାର ଅର୍ଥ ହେଉଛି ତାଙ୍କର ବ୍ୟକ୍ତିଗତ ସ୍ୱାଧୀନତା ଓ ସ୍ୱାୟତ୍ତତାର ଉଲଙ୍ଘନ ।

ମଣିପୁରର ଜନୈକା ଯୁବତୀ ସହମତି ସମ୍ପର୍କର କାରଣରୁ ଗର୍ଭବତୀ ହୋଇଥିଲେ । କିନ୍ତୁ ତାଙ୍କ ପୁରୁଷ ବନ୍ଧୁ ଜଣକ ତାଙ୍କୁ ଧୋକା ଦେଇ ଛାଡ଼ି ଚାଲିଯାଇଥିଲେ । ଫଳତଃ ଯୁବତୀ ଜଣକ ଗର୍ଭପାତ କରିବା ପାଇଁ ଚାହୁଁଥିଲେ । ଏ ବାବଦରେ ସେ ଦିଲ୍ଲୀ ହାଇକୋର୍ଟ ଓ ପରେ ମାନ୍ୟବର ସୁପ୍ରିମ୍କୋର୍ଟଙ୍କ ଇଜଲାସରେ ଏକ ମାମଲା ଦାଏର କରିଥିଲେ । ମାନ୍ୟବର କୋର୍ଟ ଯୁବତୀଙ୍କ ଆବେଦନକୁ ବିଚାର କରି ଅଲ୍ ଇଣ୍ଡିଆ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସର ନିର୍ଦ୍ଦେଶକଙ୍କୁ ଏକ ଡାକ୍ତରୀ ବିଶେଷଜ୍ଞଙ୍କ କମିଟି ଗଠନ କରି ଯୁବତୀ ଜଣକ ସୁରକ୍ଷିତ ଭାବେ ଗର୍ଭପାତ କରାଇ ପାରିବେ କି ନାହିଁ ସେ ବାବଦରେ ରିପୋର୍ଟ ଦେବାକୁ ଆଦେଶ ଦେଇଥିଲେ । ଯୁବତୀ ଜଣକ ଅଦାଲତଙ୍କୁ ଦର୍ଶାଇଥିଲେ ଯେ ଜୁନ୍ ୨୦୨୨ରେ ଯେତେବେଳେ ସେ ଗର୍ଭବତୀ ବୋଲି ଜାଣିଥିଲେ ସେଇ ସମୟରେ ତାଙ୍କ ପୁରୁଷ ବନ୍ଧୁ ତାଙ୍କୁ ଛାଡ଼ି ଚାଲି ଯାଇଥିଲେ, ଫଳତଃ ସେ ମାନସିକ ଭାବେ ଚାପଗ୍ରସ୍ତ ଅଛନ୍ତି । ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପୂର୍ବରୁ ଯୁବତୀ ଜଣକ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିଥିଲେ, କିନ୍ତୁ ଏମ୍ଟିପି ଆଇନ୍ ଅନୁସାରେ ଅବିବାହିତ ଯୁବତୀ ବା ମହିଳାଙ୍କୁ ଗର୍ଭପାତ କରେଇବାର ସୁଯୋଗ ନାହିଁ କହି ଦିଲ୍ଲୀ ହାଇକୋର୍ଟ ଏଥିପାଇଁ ଅନୁମତି ଦେଇନଥିଲେ । ପରେ ଯୁବତୀ ଜଣକ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଓ ମାନ୍ୟବର କୋର୍ଟ ଏମ୍ଟିପି ଆଇନ୍ର ଧାରା ୩ର ବ୍ୟାପକ ତର୍ଜମା କରିବା ସହ ଯୁବତୀଙ୍କୁ ଗର୍ଭପାତ କରାଇବାର ଅନୁମତି ଦେଇଥିଲେ ।

ମାନ୍ୟବର ସୁପ୍ରିମକୋର୍ଟ ସ୍ପଷ୍ଟ ଭାବରେ କହିଥିଲେ ଯେ ଅବିବାହିତ ଯୁବତୀ / ମହିଳାଙ୍କ ଅବାଂଛିତ ଗର୍ଭକୁ ନଷ୍ଟ କରିବା ପାଇଁ ସେମାନଙ୍କୁ ସୁଯୋଗ ନ ଦେବାର ଅର୍ଥ ହେଉଛି ସେମାନଙ୍କ ସ୍ୱାଧୀନତା କ୍ଷୁର୍ଣ୍ଣ କରିବା । ସେମାନେ ଅବିବାହିତ ବୋଲି ସେମାନଙ୍କୁ ଏହି ଅଧିକାରରୁ ବଞ୍ଚିତ କରାଯାଇ ପାରିବ ନାହିଁ । ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ କହିଥିଲେ ଯେ ବିବାହିତା ଓ ଅବିବାହିତାଙ୍କ ମଧ୍ୟରେ କୌଣସି ତଫାତ୍ ରଖାଯିବା ଉଚିତ୍ ନୁହେଁ । ସୂଚନାଯୋଗ୍ୟ ଯେ ଏମ୍ଟିପି (ମେଡିକାଲ୍ ଟର୍ମିନେସନ୍ ଅଫ୍ ପ୍ରେଗନାନ୍ସି) ଆଇନର ଧାରା ୩ (୨) ପ୍ରସଙ୍ଗରେ ୨୦୨୧ ମସିହାରେ ସଂସଦରେ ଆଲୋଚନା ହୋଇଥିଲା ଓ ଆଇନ୍ରେ ଥିବା ସ୍ୱାମୀ (ପତି) ଶବ୍ଦକୁ ହଟାଯାଇ ପୁରୁଷବନ୍ଧୁ କରାଯିବା ପାଇଁ ଆଇନ୍ ପ୍ରଣୟନ କରାଯାଇଥିଲା । ସଂସଦରେ ଏହି ଆଇନ୍ରେ ପତି ଶବ୍ଦ ବଦଳରେ ପୁରୁଷବନ୍ଧୁ କରାଯିବାକୁ ଆଧାର କରି ମାନ୍ୟବର କୋର୍ଟ ଅବିବାହିତା ମହିଳାଙ୍କୁ ଗର୍ଭପାତର ଅଧିକାର ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଯଦିଓ ମାନ୍ୟବର କୋର୍ଟ ଏମ୍ଟିପି ଆଇନ୍ରେ ଥିବା ତ୍ରୁଟିକୁ ଦୂର କରିଛନ୍ତି ତଥାପି ପ୍ରଜନନ ଅଧିକାର ସନ୍ଦର୍ଭରେ ଅନେକ କିଛି କରାଯିବା ପାଇଁ ବାକି ରହିଛି । ୧୯୭୧ ମସିହାରେ ଏମ୍ଟିପି ଆଇନ୍ ଆଇପିସିର ଧାରା ୩୧୨ ଓ ୩୧୩ ଅନୁସାରେ ପ୍ରଣୟନ କରାଯାଇଥିଲା ଓ ଗର୍ଭପାତକୁ ଏକ ଅପରାଧ ଭାବେ ଗଣନା କରାଯାଉଥିଲା । ମହିଳା ନିଜ ଇଚ୍ଛା ଅନୁସାରେ ଗର୍ଭପାତ କରାଇଲେ ମଧ୍ୟ ଏହା ଅପରାଧ ବୋଲି କୁହାଯାଉଥିଲା । ୨୦୨୧ରେ ସଂସଦରେ ଆଇନ୍ ସଂଶୋଧନ ପରେ ମଧ୍ୟ ଏହା ଅପରାଧ ଶ୍ରେଣୀଭୁକ୍ତ ଥିଲା । ମହିଳା ଏମ୍ଟିପି ଆଇନ୍ର ପରିସର ମଧ୍ୟକୁ ଆସିଲେ କେବଳ ଗର୍ଭପାତର ସୁଯୋଗ ମିଳୁଥିଲା । ଏଣୁ ଦେଶରେ ଦୈନନ୍ଦିନ ବେଆଇନ୍ ଭାବେ ଲୁଚାଛପାରେ ହଜାର ହଜାର ଗର୍ଭପାତ କରାଯାଉଥିଲା ।

**ମାନ୍ୟବର ସୁପ୍ରିମକୋର୍ଟ ନିକଟରେ ଏକ ଐତିହାସିକ ରାୟ ଇେଛନ୍ତି । କୋର୍ଟଙ୍କ ରାୟ ଅନୁସାରେ ଏଣିକି ଅବିବାହିତା ମହିଳାଙ୍କୁ ଗର୍ଭପାତର ଅଧିକାର ମିଳିବ । ଅବିବାହିତା ମହିଳାମାନେ ପ୍ରେଗନାନ୍ସିର ୨୦ ରୁ ୨୪ ସପ୍ତାହ ମଧ୍ୟରେ ଭୃଣ ହତ୍ୟା (ଗର୍ଭପାତ) କରିପାରିବେ ଓ ଚିକିତ୍ସା ବିଶେଷଜ୍ଞମାନେ ଏଥିପାଇଁ ତାଙ୍କୁ ମନା କରିପାରିବେ ନାହିଁ । ଏ ପ୍ରସଙ୍ଗରେ ମାନ୍ୟବର କୋର୍ଟଙ୍କ ମତ ହେଉଛି ଏହି ନିଷ୍ପତ୍ତି ମହିଳା ସଶକ୍ତିକରଣ ଏବଂ ମହିଳାଙ୍କ ନିଜ ଶରୀର ଉପରେ ଅଧିକାର କ୍ଷେତ୍ରରେ ଏକ ମାଇଲ୍ଖୁଣ୍ଟ ସାବ୍ୟସ୍ତ ହୋଇପାରିବ ।**

ଏକ ତଥ୍ୟ ଅନୁସାରେ ଆମ ଦେଶରେ ପ୍ରତିବର୍ଷ ପାଖାପାଖି ୬୪ ଲକ୍ଷ ଗର୍ଭପାତ କରାଯାଇଥାଏ । ଏପରିକି ଅସୁରକ୍ଷିତ ଏବଂ ବେଆଇନ୍ ଗର୍ଭପାତ କାରଣରୁ ଦୈନିକ ୧୩ଜଣ ମହିଳାଙ୍କର ମୃତ୍ୟୁ ହୋଇଥାଏ । ଏହା ଏକ ଚିନ୍ତାଜନକ ସ୍ଥିତି ନିଶ୍ଚୟ । କେନ୍ଦ୍ର ସରକାର ଏମ୍ଟିପି ଆଇନ୍ର ସଂଶୋଧନ କରିବା ପୂର୍ବରୁ ଏକ ପ୍ରେସ୍ନୋଟ୍ରେ କହିଥିଲେ ଯେ, ଗର୍ଭପାତ କରାଉଥିବା ମହିଳାଙ୍କ ସମ୍ମାନ, ସ୍ୱାୟତ୍ତତା, ଗୋପନୀୟତା ଓ ନ୍ୟାୟ ସୁରକ୍ଷିତ ରହିବ । କିନ୍ତୁ ଆଇନ୍ଟି ଠିକ୍ ଭାବରେ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ସରକାର ସଂଶୋଧନ କରିବା ବେଳେ ସୁପ୍ରିମକୋର୍ଟଙ୍କ ୨୦୧୭ର ରାୟକୁ ମଧ୍ୟ ଅଣଦେଖା କରିଥିଲେ । ୨୦୧୭ରେ ସୁପ୍ରିମକୋର୍ଟ ବ୍ୟକ୍ତିଗତ ଘଟଣାକୁ ମୌଳିକ ଅଧିକାର ବୋଲି ଗ୍ରହଣ କରି ପ୍ରାଇଭେସିରେ ବ୍ୟକ୍ତିଗତତା ଆତ୍ମୀୟତା, ପାରିବାରିକ ଜୀବନ, ବିବାହ, ପ୍ରଜନନ, ଯୌନ ସମ୍ପର୍କକୁ ମୌଳିକ ଅଧିକାର ବୋଲି କହିବା ସହ ଏହାର ସଂରକ୍ଷଣ ଓ ସମ୍ମାନ ପ୍ରତି ଗୁରୁତ୍ୱ ଦେଇଥିଲେ । ପ୍ରାଇଭେସି ବ୍ୟକ୍ତିଗତ ସ୍ୱାୟତ୍ତତାର ସୁରକ୍ଷା କଥା କହିଥାଏ ଓ ବ୍ୟକ୍ତିକୁ ତା' ଜୀବନର ଗୁରୁତ୍ୱପୂର୍ଣ୍ଣ ଦିଗ ବା କାର୍ଯ୍ୟକୁ ନିୟନ୍ତ୍ରିତ କରିବାର ମାନ୍ୟତା ଦେଇଥାଏ । ସଂଶୋଧନରେ ମହିଳାଙ୍କ ପ୍ରଜନନ ସ୍ୱତନ୍ତ୍ରତାର ଅଧିକାର ଡାକ୍ତରୀ ଆଇନ୍ ଅଧିନରେ ଆସୁଛି । କିନ୍ତୁ ବର୍ତ୍ତମାନର ସୁପ୍ରିମକୋର୍ଟଙ୍କ ରାୟ ପରେ ଏଥିରେ ପରିବର୍ତ୍ତନର ଆବଶ୍ୟକତା ରହିଛି, ଏବେର କୋର୍ଟଙ୍କ ନିଷ୍ପତ୍ତି ଅନେକଙ୍କୁ ଅବୈଧ ଗର୍ଭଯନ୍ତ୍ରଣାରୁ ମୁକ୍ତି ଦେବ ନିଶ୍ଚୟ କିନ୍ତୁ ଅନ୍ୟପକ୍ଷରେ ଅବିବାହିତାଙ୍କ ପାଇଁ ଆଇନ୍ର ପ୍ରତିବନ୍ଧକ ନରହିବା କାରଣରୁ ଗର୍ଭଧାରଣ ଏକ ସାମାନ୍ୟ ଘଟଣାରେ ପରିଣତ ହେବ ନିଶ୍ଚୟ ।


+ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪


## କେବେ ଛାଡିବା ଗୋଲାମଗିରି



ରାଜୀବ ଗୋପାଳ ସ୍ୱାଇଁ

ଲୋକଟିଏ ବଂଚିବା ପାଇଁ ସାଧାରଣ ଆବଶ୍ୟକତା ହେଉଛି ଖାଦ୍ୟ, ବସ୍ତ୍ର ଓ ବାସଗୃହ । ଏହି ଆବଶ୍ୟକତା ଗୁଡିକ ପୁରଣ ପାଇଁ ତଥା ସାମାଜିକ ମାନଦଣ୍ଡରେ ନିଜ ସ୍ଥିତି ସୁଧାରିବା ଲାଗି ସାଧାରଣ ମଣିଷ ଅହରହ ସଂଗ୍ରାମରତ । ତା ପାଇଁ ସ୍ୱପ୍ନ ହେଉଛି ଗଣ୍ଡେ ଆହାର ଓ ଛୋଟ ଏକ ଆଶ୍ରୟସ୍ଥଳ । ଅନେକଙ୍କ ଭାଗ୍ୟରେ ସେତକ ବି ନଥାଏ, ଏଥିପାଇଁ ପ୍ରତିଦିନର ପରିଶ୍ରମ ନିଅଂଟିଆ ପଡେ । ଅଭାବୀ ରାଜ୍ୟରେ ଦିନ ମଜୁରୀଆର ରଙ୍ଗୀନ୍ ସ୍ୱପ୍ନ, ଏକ ପ୍ରକାର ଅବାସ୍ତବ ପରିକଳ୍ପନା । ସତେ ଯେମିତି ତା ଜୀବନରେ କିଛି ଉପଲବ୍ଧି ହାସଲ କରିବାର ନାହିଁ ଓ ସେ ଉଚ୍ଚ ଉଚ୍ଚ ସ୍ୱପ୍ନ ଦେଖିବାର ଅଧିକାର ହରାଇ ସାରିଛି ! ଏପରି ସ୍ଥଳେ ତା ଆବଶ୍ୟକତା ଗୁଡିକ ଯଦି ମାମୁଲି ମୂଲ୍ୟରେ ବା ମାଗଣାରେ ମିଳିଯାଏ ତେବେ, ଏ ସଂଗ୍ରାମର ଆବଶ୍ୟକତା ରହିବ ନାହିଁ । ଯେଉଁ ଉତ୍ସରୁ ଏ ସବୁ ମିଳିଯିବ, ସେ ତା ପାଖରେ ସବୁଦିନ ପାଇଁ ଋଣୀ ହୋଇଯିବ । ଫଳତଃ ଦାତାଙ୍କ ହଁ ରେ ହଁ, ଅବା ନାହିଁ ରେ ନାହିଁ କହି, ସେ ତାଙ୍କର ଗୋଲାମଗିରି କରିବା ପାଇଁ କୁଣ୍ଠା ପ୍ରକାଶ ନକରିବା ସ୍ୱଭାବିକ୍ ।

ଥରେ ନିରୋଳାରେ ଭାବିବା, ଆମ ସମାଜରେ ଏମିତି ପରିକଳ୍ପନାର ସଫଳ ଉଦାହରଣ କଣ ଅଭାବ ଅଛି ? ଏହାକୁ ଆଧାର କରି, ନିରଙ୍କୁଶ ଶାସନର ସ୍ୱପ୍ନ ଦେଖିବା ବା ଦେଖୁଥିବା ଲୋକଙ୍କର ସଂଖ୍ୟା କଣ କମ୍ ? ଏବେ ଗାଁରେ କି ସହରରେ, ଅର୍ଥ ଓ ବାହୁବଳରେ ବଳୀୟାନମାନେ ଏମିତି ହିଁ ସାଧାରଣଙ୍କୁ ନିୟନ୍ତ୍ରଣରେ ରଖି ଦାସତ୍ୱର ନୂତନ ପରମ୍ପରା ତିଆରି କରିଛନ୍ତି । ମାଗଣାରେ ମଦ, ମାଂସ ଓ ଅର୍ଥ ପ୍ରତିବଦଳରେ, ସାଧାରଣ ଜନତା ଠାରୁ ଅସାଧାରଣ ଲାଭ ହାସଲ କରାଯାଇ ପାରୁଛି । ଶାସନ ଅଛି ତ ସବୁକିଛି ଅଛି । ତେଣୁ ସାଧାରଣ ମଣିଷ ପାଇଁ ଆବଶ୍ୟକତାର ନୂତନ ସଂଜ୍ଞା ନିରୂପଣ କରି, ତାକୁ ବିଭିନ୍ନ ମାର୍ଗରେ ଆପ୍ୟାୟିତ ବା ସନ୍ତୁଷ୍ଟ କରି ଜାଣିଲେ, ଏ ଶାସନ ଭାରଟା ଉଠାଇବାରେ କିଛି ଅସୁବିଧା ହୋଇ ନପାରେ । ଆଉ ଯେତେ ଦିନ ଶାସନ ଥିବ, ସେଥିରେ କେବଳ ଲାଭ ହିଁ ହେବ । ସାଧାରଣ ପାଖରେ ଥିବା ଅସାଧାରଣ ଭୋଟ୍ କ୍ଷମତାକୁ ଉପଲବ୍ଧି କରି ଆଗକୁ ବଢି ଚାଲିଥିବା ସେହି ଉପର ପାହ୍ୟାର ମଣିଷମାନଙ୍କର ତଥା କଥିତ ଜାତି ପ୍ରେମରେ, ଦେଶର ଭବିଷ୍ୟତ କଥା ଭାବିଲେ ଶିହରି ଉଠେ ଦେହ । ମନରେ ପ୍ରଶ୍ନ ଆସେ, ସାଧାରଣ ମଣିଷଟି କେବେ କଣ ତା ଅସାଧାରଣ ଶକ୍ତିର ଆକଳନ କରିପାରିବନି ? ଆଜି ଖାଦ୍ୟ ଦ୍ରବ୍ୟ ତଥା ଅନ୍ୟାନ୍ୟ ସାମଗ୍ରୀର ଆକଶ ଛୁଆଁ ବଜାର ଦର ଦେଖିଲେ ଆମ ଗୋଲାମଗିରି ସ୍ପଷ୍ଟ ହୁଏ । ଚାଉଳକୁ ଟଙ୍କାଏ ଦୁଇଟଙ୍କାରେ ପାଇବା ପାଇଁ ଆମକୁ କେଉଁ ମୂଲ୍ୟ ଦେବାକୁ ପଡୁଛି, ତାହା ଆମେ ଊଣା ଅଧିକ ଜାଣି ବି ଏହାକୁ ଅଣଦେଖା କରିଥାନ୍ତି । ପ୍ରଭାବଶାଳୀଙ୍କ ଇଚ୍ଛାର ପିତୁଳା ପାଲଟି, ନିଜର କର୍ମକୁ ପରିତ୍ୟାଗ କରି, ଆମେ ସହଜ ପନ୍ଥାଟିକୁ ଆପଣାଇ ନେଇଛେ । ମାଗଣା ଖିଆ, ମାଗିଖିଆ, ଛତରଖିଆ ଇତ୍ୟାଦିଙ୍କ ପରି ଆମେ ନିଜ ଘୃଣ୍ୟ ଆଳସ୍ୟର ଅନ୍ତରାଳେ, ଦାତାଙ୍କ ମହାନତା କୁ ବଖାଣୁଛେ । କର୍ମହୀନ ମଣିଷ ପରି ଆମ ଜୀବନ ହୋଇ ଗଲାଣି । ଜହ୍ନି, ଲାଉ, ଶାଗ, ତୁରୁଡା, ଛଚିନ୍ଦ୍ରା, କଦଳୀ, କଖାରୁ, ଲଙ୍କା, ହରଡ, କୋଳଥ, ବିରି, ମୁଗ ପରି ଅନେକ ପରିବା ତଥା ଡାଲି ଜାତୀୟ ଫସଲ, କେବେଦିନେ ପ୍ରତି ଗ୍ରମୀଣ ମଣିଷର ଚିର ସହଚର ଥିଲେ କିନ୍ତୁ ସେମାନେ ଏବେ ଆଖିର ତାରା ହୋଇ ଗଲେଣି । ସବୁ କଥାରେ ଶାସନ, ପ୍ରଶାସନ କି ଅନ୍ୟ ଉପରେ ନିର୍ଭର କରି ସାଧାରଣ ମଣିଷ ପାଲଟି ଗଲାଣି ଜୋକର୍ । ଏବେ ତାର ନିଜ ଉପରେ ଆଉ ଆତ୍ମ ବିଶ୍ୱାସ ନାହିଁ ।

ମାଗଣାରେ ଜିନିଷ ପାଇ, ପେଟ ଚାଖଣ୍ଡକ ପାଇଁ ଆଉ ଚିନ୍ତା ନାହିଁ । ଅଦୃଶ୍ୟରେ କେହି ଯେମିତି କହିଦେଇଛି - ଆରାମ୍ରେ ଖାଇ ପିଇ ଶୋଇ ରୁହ ! ଦରକାର ବେଳେ ଆମ ସପକ୍ଷରେ ଜୟ ଜୟାକାର କର । ଦେଶ ଜାତିର ଚିନ୍ତା ଆମର, ତାକୁ ଆମ ଉପରେ ଛାଡିଦିଅ ।

କେବେ ଦିନେ ନୌବାଣିଜ୍ୟ ପାଇଁ ବିଖ୍ୟାତ ଥିବା ଉତ୍କଳ ସନ୍ତାନକୁ ଆଜି ସେହିସବୁ ଅମର ଗାଥାମାନ କାହାଣୀ ପରି ପ୍ରତୀତ ହେଉଛି । ଯଦି ଏପରି ଲାଗି ରହେ, ତେବେ ଦିନ ଆସିବ ଉତ୍କଳର ଅଗଣିତ ନରନାରୀଙ୍କ ପାଖରେ ସବୁଥାଇ ବି କିଛି ନଥିବ । ଆଳସ୍ୟର କବଳରେ ସେ ଏମିତି ଫଶିଯିବ ଯେ, ସେଥିରୁ ମୁକୁଳି ନପାରି ଅନ୍ୟ ରାଜ୍ୟ, ଦେଶ ଉପରେ ନିର୍ଭର କରିବ । ଫଳତଃ ଅମୂଲ୍ୟ ସମ୍ପଦ ପ୍ରତିବଦଳରେ ନିଜର ସାମର୍ଥ୍ୟ ଭିତରେ ଥିବା ଦ୍ରବ୍ୟ ଗୁଡିକୁ କିଣିବା ପାଇଁ ପଛଘୁଂଚା ଦେବ ନାହିଁ ।

ଆମେ ହୁଏତ ସେତେବେଳେ ଚିନ୍ତା କରିବା, ଯେତେବଳେ.......

ଆଭୁଷଣହୀନ ହେବ ରମଣୀ
ଆଳସ୍ୟର ଦାସ ଓଡିଆ ସମାଜ
ପାଇଁ ଅଟେ ଏହା ଚରମ ବାଣୀ

ସେତେବେଳେ ହୁଏତ ଅନେକ ତୁଙ୍ଗ ବ୍ୟକ୍ତିଙ୍କ ପ୍ରତି ଅପରିମାଣ ଦର୍ଶୀତା, ଶଠତା, ପ୍ରବଂଚନା, ପ୍ରତାରଣା ଇତ୍ୟାଦି ଇତ୍ୟାଦି ପରି ଅନେକ ବିଶେଷଣ ପ୍ରୟୋଗ ହୋଇପାରେ, ହେଲେ ସେତେବେଳକୁ ବହୁତ ଡେରି ହୋଇ ସାରିଥିବ । ତେଣୁ ଗୌରବମୟ ଅତୀତର ଧରୋହରମାନେ ଜାଗ୍ରର ହେବାର ବେଳ ଉପନୀତ । କିନ୍ତୁ ଧୀରେ ଧୀରେ ପଙ୍ଗୁ, ଅଥର୍ବ ହୋଇ ପଡୁଥିବା ଗୋଟେ ଜାତିର ଉତ୍ତର ଦାୟାଦମାନେ କେଉଁ ଦିଗଟିକୁ ପସନ୍ଦ କରିବେ କିଏ ଜାଣେ ? ହୁଏତ ସେମାନେ ଏମିତି ଗୋଲାମ ହୋଇ ମାଗଣା ଖାଇବା, ପିନ୍ଧିବା, ରହିବାର ନ୍ୟାୟରେ ନିଜର ଦୁର୍ଦ୍ଦଶ ଜାତି ମାନ୍ୟତାକୁ ହରାଇବେ, କିମ୍ୱା ଏବେଠାରୁ ଜାଗ୍ରତ ହୋଇ ସହଜ ସିଦ୍ଧ ଅବଲମ୍ବନ ସବୁକୁ ପ୍ରତ୍ୟାଖ୍ୟାନ କରିବେ ।

ତାହା ଅବଶ୍ୟ ଦେଖିବାକୁ ବାକି ରହିଛି ।


+ମୋ-୭୬୮୪୯୮୯୫୫୭





### ଅଭିସାରିକା

ରଘୁନାଥ ତ୍ରିପାଠୀ

ପାଦପ ଖୋଜୁଛି ଅମ୍ବୁଦର ଧାର
ଖସିବାରେ କେବେ ବିରାମ ନୋହୁ
ବରଷାର ଏହି ଆଦରକୁ ଚାହିଁ
ଅଂଶୁମାଳୀ ଜାଳ କେତେଯେ ସହୁ ।
କିଆ କେତକୀ ଓ କଦମ୍ବ କହନ୍ତି
ବରଷା ପୀରତି ବଡ଼ ମଧୁର
କୋକିଳର କୁହୁ ତାନ ଲିଭିଯିବ
ଜଳଦ କରିବ ତାକୁ ବିଧୁର ।
କେକା କେକୀ ଏବେ ଖୁସିରେ ନାଚିବେ
ଚାତକ ସମାନ ଅଛନ୍ତି ଚାହିଁ
ଗଗନୁ ନିସୃତ ଟପ ଟପ ବାରି
ଦେବ ପରା ଆମ ମନ ମଜେଇ ।
ବିଲବାଡି ଗେହେ ଭରା ଯଉବନ
ଗେରୁଆ ହୋଇବ ତଟିନୀ ଦେହ
ଆକାଶରେ କେବେକେବେ ଇନ୍ଦ୍ରଧନୁ
ମନରେ ଭରିବ ରଙ୍ଗିଲା ମୋହ ।
ମାଟିର ବାସରେ ଦିଗ ଚହଟିବ
ଟୁପୁରୁ ଟୁପୁରୁ ଗୀତ ଶୁଭିବ
ରଞ୍ଜାରେ ମାଡ଼ିବ ଜହ୍ନି ଓ କାକୁଡି
ଦାଣ୍ଡରେ ପିଲାଙ୍କ ଡ଼ଙ୍ଗା ଭାସିବ ।
ଗହୀର ବିଲଟା ଫାଟି ଆଁ କଲା
ଗଛଲତା ଦେହେ ନାହିଁ ପତର
ମେଘର ବାଟକୁ ଚାହିଁ ଚାହିଁ ପରା
ମାଟି ମାଆ ଛାତି ହେଲା ପଥର ।
ବେଙ୍ଗ ବେଙ୍ଗୁଲିଙ୍କ ମନ ଛନଛନ
ସାରୁ ଗଛ ମୂଳେ ଗାଇବେ ଗୀତ
କଥା ଦିଆନିଆ ମାଟି ଓ ବରଷା
ଜୀବନ ଭରିବା ପାଇଁକି ମିତ ।
ଅଭିସାରିକା ସେ ଜୀମୂତ ସାଥିରେ
ରହିପାରିବେନି କେହି ଦୂରରେ
ହରିତ ବରନେ ସଜେଇ ହେବ ସେ
ବରଷା କାଳଟି ଆସିଲେ ଥରେ ।


+ବାଲିସାହି, ମଧୁପାଟଣା
କଟକ ୮୭୬୩୩୪୩୨୬୩


### ସୁରକ୍ଷା କବଚ

ରମେଶ ଚନ୍ଦ୍ର ନାୟକ

ମୋ ଭାଇ ହାତରେ ବାନ୍ଧି ଦେବି ରାକ୍ଷୀ
ସୁରକ୍ଷା କବଚ ମୋର
ସ୍ନେହ ଶ୍ରଦ୍ଧା ଭକ୍ତି ପବିତ୍ର ପ୍ରେମର
ମଧୁର ସମ୍ପର୍କ ଡୋର ।
ସିନ୍ଦୁର ଚନ୍ଦନ ଟୀକା ମାଥେ ଦେଇ
ହାତେ ଦେବି ଶ୍ରଦ୍ଧା ଫୁଲ
ଦୀର୍ଘାୟୁ ଜୀବନ କରିବି କାମନା
ରାକ୍ଷୀର ମାଗିବି ମୂଲ ।
ମାଗିବି ନାହିଁ ମୁଁ ସୁନା ରୂପା ହୀରା
ମୋତି ଆଭରଣ ଯେତେ
ମାଗିବି ଏତିକି ଏ ନାରୀ ଛାତିକି
ସମ୍ମାନ ଦେବାକୁ ହୃଦେ ।
ଭାଇ ଭଉଣୀର ଅତୁଟ ବନ୍ଧନ
ଅଟେ ଏହି ସୂତା ଖିଅ
ବିପଦେ ଆପଦେ ଛିଡି ସେ ନଥାଏ
ଦୂର କରେ ମାୟା ମୋହ ।
ପିରତୀ ପୁଲକ ଖୁସିର ଝଲକ
ଭାଇ ଭଉଣୀର ସ୍ନେହଁ
ପ୍ରେମର ବନ୍ଧନ ଅମୂଲ୍ୟ ରତନ
ଗୋଟେ ମନ ଦୁଇ ଦେହ ।
ଶାନ୍ତି ପ୍ରୀତି ମୈତ୍ରୀ ବାରତା ବାଣ୍ଟିବ
ଭାଇ ହାତେ ରାକ୍ଷୀ ଡୋର
ଆଶା ବିଶ୍ୱାସର ସୁରକ୍ଷା କବଚ
ରହିଛି ରହିବ ଚିର ।


+କେଶରପୁର , ବକ୍ସି ବଜାର , କଟକ
ମୋ :- ୭୯୭୮୧୫୧୭୧୦


### ଝୁରିବ ଆମ ଗାଆଁ

ଜୟନ୍ତ କୁମାର ମଲ୍ଲିକ୍

ଆମେ ଓଡ଼ିଆ ଭାରି ବଢ଼ିଆ
ରଖିବା ପଢ଼ି ନାଆଁ
ପାଠ ପଢ଼ାରେ ଆଗୁଆ ଥିଲେ
ଝୁରିବ ଆମ ଗାଆଁ ।
ପାଇବେ ଭଲ ଆମକୁ ସବୁ
ଆମରି ଗୁଣ ଦେଖି
ସମ୍ବାଦପତ୍ର ଛାପିବେ କେତେ
ଆମରି କଥା ଲେଖି ।
ଦ୍ରୌପଦୀ ଅପା ହୋଇଲେ ଏବେ
ଦେଶର ରାଷ୍ଟ୍ରପତି
ଜନମି ଥିଲେ ଯେଉଁ ଜାଗାରେ
ଜଳୁ ନଥିଲା ବତୀ ।
ଗୌରବ କେତେ ଆମ ରାଇଜ
ପାଇଁ ସେ ଦେଲେ ଆଣି
କେତେଯେ ଦୁଃଖ ଜୀବନେ ତାଙ୍କ
ନଥିଲୁ ଆମେ ଜାଣି ।
ତଥାପି ସିଏ କରିଲେ ଦୃଢ଼
ନିଜର ମନୋବଳ
ମଣିଷ ଭାଗ୍ୟ ହୁଏ ଏମିତି
ସଦା ଉପର ତଳ ।
ତାଙ୍କରି କଥା ମନରେ ରଖି
ପଢ଼ିବା ଆମେ ପାଠ
ପେଟରେ ଯଦି ପାଠ ନଥିବ
ଅନ୍ଧାର ଦିଶେ ବାଟ ।


ଶୂରଡିହ,ନନ୍ଦିପୁର, ଦଶରଥପୁର, ଯାଜପୁର
ମୋ-୯୪୩୭୮୬୫୭୨୭


### ସମୟ ଗୋ !

ବିନୟ ମିଶ୍ର

ସମୟ ଗୋ !
କାହା ପାଇଁ ଥାଅ
କେଉଁଠି ନ ଥାଅ
ଅଦୃଶ୍ୟ ଅନନ୍ତ ତୁମେ,
କାହାକୁ ବା ଦିଅ
କାହାକୁ ନ ଦିଅ
ଥାଇ ନ ଥାଇ ଭରମେ ।
କେତେ ହସ କେତେ କାନ୍ଦ
କେତେ ସୁଖ ଦୁଃଖ ନେଇ ଆସ,
କେବେ ପତ୍ରଝଡା କଅଁଳ ବୟସୁ
ବାର୍ଦ୍ଧକ୍ୟରେ ଦିଅ ହସ ।
କେବେ ବା ଆଘାତ,
ପ୍ରତିଘାତ ପ୍ରଶ୍ନ କେବେ ତ ଉତ୍ତର,
ସମୟ ଗୋ ତୁମେ ବନ୍ଧନ କେବେ
କେବେ ତ ମୁକ୍ତିର ସ୍ୱର ।
ଆପଣାର କେବେ ପର କରି
ପର ଆପଣାର ଦିଅ କରି,
ଘୁରୁଛ ଅଦୃଶ୍ୟ ଶକ୍ତିର ନିର୍ଦ୍ଦେଶେ
ସୁଦର୍ଶନ ଚକ୍ର ପରି ।
କାଟୁଛ କାହାକୁ ଭେଟୁଛ କାହାକୁ
ଲୁଟୁଛ ସର୍ବସ୍ୱ କାର,
କାହାକୁ ହାଣୁଛ କାହାକୁ ମଣୁଛ
ବିଚାର ସବୁ ତୁମର ।
କାହା ମାଥେ ଦେଇ ବିଜୟ ସିନ୍ଦୁର
କାହା ଦେହେ ଫଗୁ ବୋଳି,
କାହା ହାତୁ ଶଙ୍ଖା ମଥାରୁ ସିନ୍ଦୁର
ନିମିଷକେ ଦିଅ ଦଳି ।
ସମୟ ଗୋ କୁହ କିଏ ଅଛି ତୁମ
ଶକତିକୁ ଯିବ ବଳି,
ଯନ୍ତ୍ରରେ ମନ୍ତ୍ରରେ ତନ୍ତ୍ରରେ ଅବା
ଦେବ ତୁମକୁ ଶାଂକୋଳି ?


+ମଲ୍ଲୀପୁର,ନିଆଳି
ଖୋର୍ଦ୍ଧା
ମୋ:୯୪୩୯୪୩୩୩୩୭




### ମନୀଷ ବିଶ୍ୱାସ ସ୍ୱର

ଈଶ୍ୱର ମଙ୍ଗରାଜ

ଅରୂପରେ ରୂପ ତୁମ
ରୂପରେ ଅରୂପ ।
ସର୍ବଜ୍ୟେଷ୍ଠ ସର୍ବଶ୍ରେଷ୍ଠ
ପ୍ରଣବ ପ୍ରତୀକ
ନାଭିରୁ ଆକାଶ ତୁମ
ମସ୍ତକରୁ ସ୍ୱର୍ଗ ।

ମନରୁ ଚନ୍ଦ୍ରମା ଜାତ
ନୟନରୁ ସୂର୍ଯ୍ୟ,
ପାଦରୁ ପୃଥିବୀ,
ଦଶଦିଗ ପାଳ ।
ନାଶାରୁ ପ୍ରାଣଦି ବାୟୁ
ଜିହ୍ୱାରୁ ଅନଳ ।
ଭୂତ, ଭବ୍ୟ, ଭବିଷ୍ୟତ
ତ୍ରିକାଳ, ସ୍ୱଗୁଣ,
ସତ୍ୟ, ଧର୍ମ, କର୍ମ ହିତ
ଈଶ୍ୱର ଶରଣ ।


ସର୍ବ ପାପ କ୍ଷୟ ଜାତ
ଭକ୍ତିର ଜଣାଣ,
ଧାୟ ପ୍ରଭୁ ଜଗନ୍ନାଥ
ସେହିଟି ରକ୍ଷଣ ।


ଖୋର୍ଦ୍ଧା
ମୋ: ୯୪୩୭୦୬୩୧୨୬

# ସୃଜନ ସ୍ୱାକ୍ଷର

ଧ୍ୱନି ପ୍ରତିଧ୍ୱନି

♣ ବାଲେଶ୍ୱର ♣ ବୁଧବାର, ଅଗଷ୍ଟ ୧୦, ୨୦୨୨ ୫


ସବୁ ଶୂନ୍ୟତା ଭିତରେ ଯାହା ଅନୁଭବ ହୁଏ, ସବୁ ପୂର୍ଣ୍ଣତା ଭିତରେ ଯେଉଁ ଅବସୋସ ରହିଯାଏ ତାହା ହିଁ ପ୍ରେମ । ସେଇ ପ୍ରେମର ଯାତ୍ରା ଖୁବ୍ ବନ୍ଧୁର; ଯାହା କବି ବିପିନ୍ ମହାନ୍ତିଙ୍କ ଗୀତିକବିତାଗୁଡ଼ିକରେ ସୁସ୍ପଷ୍ଟ । ଛଳଛଳ ଭାବ ପଳପଳ ଯନ୍ତ୍ରଣାରେ ଜର୍ଜରିତ ପ୍ରୀତିମୟ ଜୀବନକୁ ସେ ଅତି ନିକଟରୁ ଅବଲୋକନ କରିଛନ୍ତି ଯେମିତି । 'ହଜାଇଛି ତୁମ ପ୍ରୀତିର ଠିକଣା', 'ଦୁଷ୍ଟ ପ୍ରଜାପତି', 'ଫୁଲେଇ ଫଗୁଣ', 'ଚଗଲା ଚଇତି' ଭଳି ଉଚ୍ଚମାନର ଗୀତି ସଂକଳନ ଓଡ଼ିଆ ଭାଷା ସାହିତ୍ୟକୁ ଉପହାର ଦେଇ ସେ ହୋଇଛନ୍ତି ଅନନ୍ୟ । ପ୍ରେମକୁ ଉପାସନା ବୋଲି ଗ୍ରହଣ କରି ଆପଣା ହୃଦୟର ପବିତ୍ରତାର ସ୍ପଷ୍ଟ ପ୍ରମାଣ ରଖିଛନ୍ତି କବି । କବିତାର ଭାବମୟତା ଓ ଗୀତିମୟ ଛନ୍ଦର ସମନ୍ୱୟରେ ତାଙ୍କ କବିତାର ପ୍ରତିଟି ପଂକ୍ତି ଶିହରଣରେ ଭରପୁର । ଗୀତି କବିତା ଲେଖି ପାଠକଙ୍କ ମନକୁ ଛୁଁ ଥିବା କବି ବିପିନ୍ ମହାନ୍ତି ଏଥରର ସୃଜନ ସ୍ୱାକ୍ଷର ପୃଷ୍ଠାରେ...


**ବିପିନ ମହାନ୍ତି**

ଭିଙ୍ଗାରପୁର ଶାସନ, ବାଲିପାଟଣା,
ଖୋର୍ଦ୍ଧା-୭୫୨୧୦୨
ମୋ: ୯୮୬୧୧୪୪୯୯୧




# ଶବ୍ଦଙ୍କ ଆଢୁଆଳରେ ନିଃଶବ୍ଦ ପ୍ରତିମା କବି ବିପିନ୍ ମହାନ୍ତିଙ୍କ ଗୀତି କବିତା

ଜୀବନର ସ୍ୱପ୍ନ ଓ ଅନୁରାଗରେ ବଂଚୁଥିବା ମଣିଷଟିଏ ଖୁବ୍ ମାର୍ମିକ ମନେ ହୁଏ । ପ୍ରକୃତି ଓ ପ୍ରଣୟାତୁର ଜୀବନର ଏହି ନିର୍ଜନ ମୁହୂର୍ତ୍ତ ସବୁ ମଣିଷକୁ ଖୁବ୍ ଭାବପ୍ରବଣ କରେ ।

ଗୀତିକବି ବିପିନ ମହାନ୍ତି ସେହି ପରିଚିତ ମର୍ତ୍ତ୍ୟ ପ୍ରୀତି ଓ ମାନବାତ୍ମାର ସମ୍ପର୍କକୁ ନିଜ କବିତାରେ ପ୍ରତୀକିତ କରିବାରେ ଅନେକ ଭାବମୟ ପରିବେଶ ସୃଷ୍ଟି କରିଥିବା ନଜିର ଦେଖିବାକୁ ମିଳେ । ତାଙ୍କର ମାନବୀୟ ଆଶା ଆକାଂକ୍ଷା, ବେଦନାବୋଧ, ସ୍ୱପ୍ନସଂଘର୍ଷ, ପ୍ରେମପ୍ରଣୟ ଓ ସମ୍ବେଦନଶୀଳତା ପାଇଁ ସେ ଜଣେ ଅସାମାନ୍ୟ ଗୀତି-ସ୍ରଷ୍ଟା । ତାଙ୍କ ଗୀତିକବିତା ପଲ୍ଲୀଲଳନା ପରି ସରଳ ଓ ନିରୁଦ୍ୱିଗ୍ନ । ଏଥିରେ ନଥାଏ ନାରୀ ସୁଲଭ ଅଳଂକରଣ ଓ ଆଟୋପ । ଗିରିଝରଣା ପରି ଚଳଚଞ୍ଚଳତା ହିଁ ତା'ର ପ୍ରାଣ । କବିର ବ୍ୟକ୍ତିବାଦୀ ମନ ନିଜକୁ ମୁକ୍ତ କରି ଦେବାରେ, ଅଜାଡ଼ି ଦେବାରେ କେବେ କୁଣ୍ଠା ପ୍ରକଟ କରି ନାହିଁ କେଉଁଠି । ତାଙ୍କ ଗୀତି-କବିତା ଯେମିତି ଆପଣାର ସ୍ୱଭାବ ଛନ୍ଦରେ ଧୀରେ ଧୀରେ ଗୋଟିଏ ଛନ୍ଦରେ ତରଂଗାୟିତ ହୋଇ ପାଠକୀୟ ଚେତନାକୁ ଆଚ୍ଛାଦିତ କରେ । ଅକ୍ଷର ବୃତ୍ତ ଛନ୍ଦର ଆଙ୍ଗିକରେ ତାଙ୍କ କବିତା ସମୂହ ରଚିତ । କବି ନିଜ ଭାବ ପ୍ରକାଶନ କାଳୀନ ମିଜାସକୁ ଆଦୌ ସଂକୁଚିତ କରି ପାରିନାହାନ୍ତି କେଉଁଠି କେତେବେଳେ ଆପଣାର ଶିଳ୍ପୀପ୍ରାଣ ହୃଦୟରେ । 'ହଜାଇଛି ତୁମ ପ୍ରୀତିର ଠିକଣା', 'ଦୁଷ୍ଟ ପ୍ରଜାପତି', 'ଫୁଲେଇ ଫଗୁଣ' ଆଦି ପୁସ୍ତକ କବିଙ୍କ ଅସାମାନ୍ୟ କାବ୍ୟକୃତିର ନିଦର୍ଶନ । କବିତାର ପ୍ରତିଟି ପାଖୁଡ଼ାରେ କାବ୍ୟନାୟକର ଚିତ୍ରିତ ମନ ହୃଦୟର ପ୍ରତିଟି ନିଳୟରେ ନିଭୃତରେ ସ୍ୱଦେଶାନୁରାଗ, ସୌନ୍ଦର୍ଯ୍ୟାନୁଭୂତି ଓ ମାନବସଂପ୍ରୀତିର ସ୍ୱର ଆଙ୍କିବାକୁ ଚେଷ୍ଟା କରେ ।

ପ୍ରେମାନୁଭୂତି ସବୁକାଳରେ ବଡ଼ ସୂକ୍ଷ୍ମ ଓ ବ୍ୟକ୍ତିଗତ । ପ୍ରେମର ମହନୀୟତା ସବୁ କାଳରେ ଅମର ହୋଇ ରହେ ଏ ମାଟିରେ । ପ୍ରେମରେ ସ୍ୱାର୍ଥପରତା ସଂକ୍ରମିତ ହେଲେ ତାହା ପ୍ରାଣକୁ ଯନ୍ତ୍ରଣା ଦିଏ । ମନକୁ ସନ୍ଦିଗ୍ଧ କରେ । ସ୍ୱାର୍ଥପରତା, ଈର୍ଷା, ହିଂସା, ପରଶ୍ରୀକାତରତାର ସଂକୀର୍ଣ୍ଣ ବଳୟ ଭିତରକୁ ଠେଲିଦିଏ । ଅନ୍ୟପାଇଁ ଆତ୍ମଦାନ, ଆତ୍ମ ଉତ୍ସର୍ଗଗତ ତ୍ୟାଗ ଭାବନା ହିଁ ଜୀବନକୁ ଏକ ମହତ୍ତର ଚେତନା ଆଡ଼କୁ ଟାଣିନିଏ । ତ୍ୟାଗ ଓ ସମର୍ପଣ ଭାବନା ହିଁ ପ୍ରେମକୁ ପବିତ୍ର, ନିଷ୍କଳଙ୍କ କରେ ।

ପ୍ରେମ ବର୍ଣ୍ଣିଳ ପୃଥିବୀକୁ ଅଧିକ ରସଘନ କରେ । ପ୍ରେମ ଜୀବନର ଅନେକ ଅଫୁଟା ଫୁଲ ଫୁଟାଇ ଦେଇପାରେ । ପ୍ରେମପାଇଁ ତ ଜୀବନ ଦୁଃଖଶୋକର ନିଷ୍କପଟ ଦଲିଲ୍‌ଟିଏ ବି ହୋଇପାରେ । ଏଥିପାଇଁ ତ କବି ପ୍ରାଣଟିଏ କେତେବେଳେ 'ଦୁଷ୍ଟ ପ୍ରଜାପତି' ହୋଇ ନିଖିଳ ହୃଦୟର କୁସୁମ-ରସ ସଂଗ୍ରହରେ ମଗ୍ନ ରହେ ତ ପୁଣି କେତେବେଳେ 'ଫୁଲେଇ ଫଗୁଣ' ହୋଇ ସମକାଳୀନ ଜୀବନ ଓ ଯନ୍ତ୍ରଣାର ପ୍ରତିଲିପି ପାଲଟିଯାଏ ।

ଆଜିର ମଣିଷ ଯାବତୀୟ ଦୁଃସ୍ଥିତି ନେଇ ବଂଚିଛି । କେତେବେଳେ ସେ ସାମାଜିକ ତାଡ଼ନା ଓ ଲାଞ୍ଛନାରେ ଛଟପଟ ତ ପୁଣି କେତେବେଳେ ଆତ୍ମଗ୍ଲାନିର ହନ୍ତସନ୍ତ । ଆଜି ସମସ୍ତଙ୍କ ମୁହଁ ଜୀବନ ଅନୁଭବରେ ଆବେଗ ଛଳଛଳ । ସବୁଠି ନିଷ୍ଠୁର ସମୟର କ୍ରୂର ଅଟ୍ଟହସ୍ୟ ଆଜିର ମଣିଷକୁ ବ୍ୟକ୍ତିଗତ ଓ ସାମୂହିକ ସ୍ତରରେ ବ୍ୟସ୍ତ ବିବ୍ରତ କରିପକାଇଛି । ସେଇ ସବୁ ହାହାକାରିତ ପ୍ରାଣର ରେଖାଚିତ୍ରକୁ ଆଙ୍କିବାକୁ ଶ୍ରୀଯୁକ୍ତ ମହାନ୍ତି ଏଠି ଦୁଃସାହସ ପ୍ରଦର୍ଶନ କରିଛନ୍ତି । କବିଙ୍କ କଅଁଳ ଭାଷାରେ-

'ହଳଦୀ ରଂଗର ଦେହରେ ତୁମର
ରାତି ହୋଇଗଲେ ନେସି
ଲାଗଇ ଯେମିତି ମେଘ ଆଢୁଆଳେ
ଲାଜେଇ ହସୁଛି ଶଶୀ ।'
(ସେତିକି ସୁନ୍ଦର ଲାଗ: ଦୁଷ୍ଟ ପ୍ରଜାପତି)

ଦୁଃଖକୁ ନିଜ ଅନ୍ତରରେ ଅଭିଷିକ୍ତ କରିବାଠାରୁ ବଳି କବିତ୍ୱ ଆଉ କିଛି ନାହିଁ । ପୃଥିବୀର ସବୁ ଦେଶ, ସବୁ ସାହିତ୍ୟର କବି ମଣିଷ ମାନବୀୟ ଆତ୍ମାର ସୌନ୍ଦର୍ଯ୍ୟରେ ବିଭୋର ହୋଇଛନ୍ତି । ସବୁ ସାହିତ୍ୟର ଭାଷା ସମ୍ବେଦନଶୀଳତା ଓ ମାନବିକତାର କଥା କହେ । ପୃଥିବୀର ସୌନ୍ଦର୍ଯ୍ୟ ଶକ୍ତି ଓ ସମ୍ମୋହନ ଶକ୍ତି ପ୍ରତିଟି ମଣିଷକୁ ବଂଚିବା ଦିଗରେ ଦୁର୍ବାର ପ୍ରଲୋଭିତ କରେ । ଘର ବାନ୍ଧିବାର ସ୍ୱପ୍ନ ଦିଏ, ସ୍ନେହ ଦିଏ, ଆନନ୍ଦ ଦିଏ । ଚୈତ୍ରର କାନ୍ଦୁରା ମୁହଁ, ଜ୍ୟେଷ୍ଠର ଜରାଜୀର୍ଣ୍ଣ ଦେହ, କେବେ ମୃତ୍ୟୁକୁ ଡରେ ନାହିଁ । ଧୂସର ଆକାଶର ଖଣ୍ଡଖଣ୍ଡ ବିବର୍ଣ୍ଣମେଘ ଥୁଣ୍ଟା ଗଛର କଦର୍ଥିତ ଆବେଗକୁ କେବେ ଶୀର୍ଣ୍ଣ, ନିଃସଙ୍ଗ କରିପାରେ ନାହିଁ ତା ଆତ୍ମା ଅମରତ୍ୱର ସ୍ୱପ୍ନ ଦେଖେ ।

ପ୍ରେମ କିଛି ନୁହେଁ, ଅନୁଭବଟିଏ । ପ୍ରେମ କାହାପାଇଁ ଫୁଲ ତ କାହାପାଇଁ କଣ୍ଟା, ପୁଣି କାହାପାଇଁ ଅମାବାସ୍ୟାର ଅନ୍ଧାର ରାତି ତ ଆଉ କାହାପାଇଁ ପୂର୍ଣ୍ଣିମାର ଜ୍ୟୋତ୍ସ୍ନା । ସଚ୍ଚୋଟ ପ୍ରେମିକ ଓ ଜୀବନ ରସିକ ହେବାଟା ହିଁ ସବୁଠାରୁ ବଡ଼ ଆଶୀର୍ବାଦ । ପ୍ରେମର ରଂଗ ତ ଦେହ, ମନ ଓ ହୃଦୟକୁ ଆୟୁଷ୍ମାନ କରେ ।

କେଉଁ ଅମରାବତୀର ଜୀବନ ହୋଇପାରେ ଫୁଲପରି ପବିତ୍ର, ନିର୍ମଳ ଓ କମନୀୟ ତା'ର ଅପୂର୍ବ ରୂପରେଖ; ପୁଣି କେଉଁ ଅରଣ୍ୟରେ ଜୀବନ ହୋଇପାରେ ଅପେକ୍ଷାର, ଉପେକ୍ଷାର, ଦୁଃଖଯନ୍ତ୍ରଣାର ଦୁଃସ୍ଥ ଫୁଲଗଛ । ଭିନ୍ନ ଭିନ୍ନ ଅଗଣାରେ, ଭିନ୍ନ ଭିନ୍ନ ପରିବେଶ ଓ ପରିସ୍ଥିତିରେ ଜୀବନ ମଣିଷପଣିଆର ଅନୁଭବଟିଏ ହୋଇଯାଏ । ଜୀବନ ବିଶ୍ୱଭାବନାର କଥା କୁହେ । କବିଙ୍କ ଭାଷାରେ-

ମୋ କବିତା କେହି ନ ପଢ଼ିଲେ ନାହିଁ
ନ ହେଲେ ନାହିଁ ମୁଁ କବି
ଛୁଇଁ ଯାଏ ଯଦି ମୋ ଲେଖା ତୁମକୁ
ଲେଖୁଛି ମୁଁ ଲେଖୁଥିବି ।
ନ ଗାଉ ମୋ ଗୀତ ସଭାରେ ପଣ୍ଡିତ
ପଥପ୍ରାନ୍ତେ ଦୁଷ୍ଟମନା
ତୁମେ ଗୁଣୁଗୁଣୁ ହେଉଥିଲେ ମନେ
ଶ୍ରେଷ୍ଠ ସେ ମୋ ସରଜନା ।
ନ ଦେଉ ବା ସୁର କେଉଁ ସୁରକାର
ତାକୁ ଗୀତଟିଏ ଭାବି,
ମୋ କବିତା କେହି ନ ପଢ଼ିଲେ ନାହିଁ
ନ ହେଲେ ନାହିଁ ମୁଁ କବି ।
(ନ ହେଲେ ନାହିଁ ମୁଁ କବି: ଦୁଷ୍ଟ ପ୍ରଜାପତି)

ପ୍ରେମର ଉଦାରତାରେ ଜୀବନର ମହିମା ମହନୀୟ ହୋଇଉଠେ । ପ୍ରେମର ପବିତ୍ର ଓ ଶୀତଳ ସ୍ପର୍ଶରେ ବ୍ୟର୍ଥ ଜୀବନ, କ୍ଲାନ୍ତମନ, ଅସ୍ଥିର ହୃଦୟର ହାହାକାର ଜ୍ୱାଳା ପ୍ରଶମିତ ହୁଏ । ବିଭିନ୍ନ ପରିସ୍ଥିତି, ପରିବେଶ ଓ ସମୟ ଭିତରେ ବଂଚୁଥିବା ମଣିଷକୁ ପ୍ରେମ ହିଁ ସୁଦୀର୍ଘ ଚଲାପଥର ଯାତ୍ରୀ ହେବାପାଇଁ ପ୍ରେରଣା ଦିଏ । ଏଥିପାଇଁ ପ୍ରେମିକଟିଏ କାବ୍ୟ ଦର୍ପଣରେ ନିଜକୁ ଦେଖେ । ସମାଜକୁ ଆଙ୍କେ । କ୍ଷିତ୍-ଅପ୍-ତେଜ-ମରୁତ-ବ୍ୟୋମ ପରି ପଞ୍ଚଭୌତିକ ମହାସତ୍ତାଟିଏ ମଧ କବିତାରେ ଚରିତ୍ରାୟିତ ହୋଇଯାଏ । କବିଙ୍କ ଭାଷାରେ-

ଭସା ମେଘ ମୁଁ ଯେ ଜାଣିନି କିଏ ସେ
ସାଗର ବା ମରୁଭୂଇଁ
ଯିଏ ସେ ମାଗିଛି ହାତ ପାତି ମୋତେ
ବରଷିଛି ତା'ର ପାଇଁ ।
(ମୋର ଖୋଲା ଇସ୍ତାହାର: ଦୁଷ୍ଟ ପ୍ରଜାପତି)

କବିତା ତ ଆପଣାକୁ ଚିହ୍ନିବାର ଏକ ମାଧ୍ୟମ । କବିତା ମଣିଷକୁ ଧୈର୍ଯ୍ୟ ଦିଏ, ବିଶ୍ୱାସ ଦିଏ, ଅନ୍ଧାରର ବ୍ୟୁହ ଫିଟାଇ ନୂଆ ସୂର୍ଯ୍ୟୋଦୟ ଦେଖିବାର ସ୍ୱପ୍ନ ବି ଦେଇପାରେ । କବିତା ବଂଚିବାର ଅଭୀପ୍ସା ଓ ସଂଗ୍ରାମକୁ ଦ୍ୱିଗୁଣିତ କରେ । କବିତା ହୃଦୟର ମଂଚ ଭିତରେ ମର୍ମରିତ ହୋଇ ନୂଆ ରୂପ ପାଏ । ମାନବତାର ଚିରନ୍ତନ ଆଦର୍ଶ, ଅନାବିଳ ହୃଦୟବୋଧ ଓ ବିଶ୍ୱମାନବ ସହିତ ବ୍ୟକ୍ତି ମଣିଷର ମାର୍ମିକ ସମ୍ମୋହନ କବିତାର ଗୋଟିଏ ଗୋଟିଏ ନଂଦିତ ପରିପ୍ରକାଶ । କବି ବିପିନ୍ ମହାନ୍ତିଙ୍କ ଗୀତିକବିତା ତ ଇନ୍ଦ୍ରଧନୁର ରେଖାଟିଏ । ବିଚିତ୍ର, ବର୍ଣ୍ଣାଢ଼୍ୟ ଓ ଉଜ୍ଜ୍ୱଳ ବର୍ଣ୍ଣଛିଟାରେ ଏହା ସ୍ୱକୀୟତାର ବିମୁଗ୍ଧ ବିଭୋର ରୂପ । ଏଠି ଶିଳ୍ପୀର ପ୍ରବୀଣ ମନଟିଏ ନିର୍ମମ ଜଗତରୁ ଆତ୍ମରକ୍ଷା କରି ହୃଦୟବତ୍ତାକୁ ଉତ୍ତୀର୍ଣ୍ଣ ହୋଇଯାଇ ପରମେଶ୍ୱରଙ୍କ ପାଇଁ, ପଡ଼ୋଶୀଙ୍କ ପାଇଁ, ପ୍ରିୟତମା ପାଇଁ ଆତ୍ମ ଉତ୍ସର୍ଗ କରିବାକୁ ସକ୍ଷମ ହୁଏ । ଯେଉଁଠି ଜୀବନର ସହିଷ୍ଣୁତା ଓ ସବୁରି କଲ୍ୟାଣାର୍ଥେ ଆତ୍ମ ଉତ୍ସର୍ଗ ଭାବନା ନିହିତ; ସେଠି କବିତାଟିଏ, ମଣିଷଟିଏ ହେବା ହିଁ ତ ପରମ ସୌଭାଗ୍ୟ ।

କବିଙ୍କ ଭିନ୍ନ ଭିନ୍ନ ଗୀତିକବିତା ସମୂହଙ୍କ ମେଳରେ ସିନ୍ଦୂର ନହେଲି ନାହିଁ, ମୋର ଖୋଲା ଇସ୍ତାହାର, ଏ କି କଳା କାରିଗରି, ଜନ୍ମ ଜନ୍ମାନ୍ତର ପାଇଁ, ବାଦଲ ବରଷେ କାହିଁ, ପାନ୍ଥଶାଳା, ତୁମକୁ ପଢ଼ିବା ପାଇଁ, ଖୋଜେ ବଂଚିବାର ରାହା, ମିଛ ପରିଚୟ ନେଇ, ନିଇତି ଜଳୁଛି ଜୁଇ, ସୁଖର ପସରା ମେଲି; ଭଳି ଅନେକ ଗୀତି-କବିତାରେ କବିଙ୍କ ମାନବିକତା, ହୃଦୟବତା, ପ୍ରେମର ଅପୂର୍ବତାର ଭାବ, ଶବ୍ଦ, ଛନ୍ଦ ଓ ଆବେଗ ଏକ ଓ ଅଭିନ୍ନ ପରିଚୟ ।

ଶ୍ରୀଯୁକ୍ତ ମହାନ୍ତିଙ୍କ ଗୀତିକବିତାର ପ୍ରକାଶଭଙ୍ଗୀ ସଂଯତ ଓ ପ୍ରାଣବନ୍ତ । ତାଙ୍କ କବିତାର ଭାଷା ଓ ଭାବର ସ୍ୱତଃ ପ୍ରକାଶିତ ଛନ୍ଦ ହିଁ ଅଧିକ ମାଧୁର୍ଯ୍ୟ ମନେହୁଏ । କବିଙ୍କ କାବ୍ୟ ସଂସାର ବିଚିତ୍ରବର୍ଣ୍ଣା । ଯେମିତି ଋଗ୍‌ବେଦୀୟ ଉପାଦାନକୁ ନେଇ ତାଙ୍କ କବିତା ଗଢ଼ା । ତାଙ୍କ କବିତାରେ ମାଟିର ମହତ୍ୱ ପ୍ରତିପାଦିତ ହୁଏ । ଜୀବନ ପ୍ରବୃତ୍ତିର ଅନୁପମ ପରିପ୍ରକାଶ ପାଠକପ୍ରାଣକୁ ବିପୁଳ ଆନନ୍ଦ ଦିଏ । ତାଙ୍କ କବିତା ପଢ଼ିଲେ ନିଜକୁ ଭାବିବାକୁ ହୁଏ, ନିଜ ଜୀବନପ୍ରତି ଧିକ୍‌କାର ଆସେ । ମନୁଷ୍ୟତ୍ୱ ଅର୍ଜ୍ଜିବାକୁ ଇଚ୍ଛାହୁଏ ।

ଶ୍ରୀଯୁକ୍ତ ମହାନ୍ତିଙ୍କ କାବ୍ୟ ବିଶ୍ୱ, ସେଦିନ ଗୌତମ ବୁଦ୍ଧ ଦେଖିଥିବା ନୂଆବିଶ୍ୱ ଓ ଜାତିର ପିତା ମହାତ୍ମାଗାନ୍ଧିଙ୍କ ସ୍ୱପ୍ନର ବିଶ୍ୱ ଭିତରେ ପ୍ରାୟ ସମାନ୍ତର ।




**ପତିତପାବନ ଗିରି**


ପାଳଗୁଡ଼ା, ଅସନା, ବିଶୋଇ,
ମୟୂରଭଞ୍ଜ-୩୩
ମୋ: ୭୦୭୭୮୪୫୦୦୩


## ସ୍ମୃତି ସବୁ ଆଖି ଖୋଲେ

ସେପାରିରେ ତୁମେ ଚଉରା ମୂଳରେ
ଜାଳିଦେଲେ ଦୀପ ସଞ୍ଜେ,
ଏ ପାରିରେ ଆମ ପ୍ରୀତିର ମନ୍ଦିରେ
ସ୍ମୃତିର ଦରଜା ବୁଜେ ।

ସେପାରିରେ ତୁମ ପାଦର ପାଉଁଜି
ଝୁମୁରୁଝୁମୁରୁ ହେଲେ,
ଏପାରିରେ ତୁମ କୁଆଁରୀ ଦିନର
ସ୍ମୃତି ସବୁ ଆଖି ଖୋଲେ,
ସେପାରିରେ ତୁମ ମଥାର ସିନ୍ଦୂର
ଏପାରି ଟିକିଲି ଖୋଜେ ।

ସେପାରିରେ ତୁମେ ଓଢ଼ଣା ଫାଙ୍କରୁ
କଣେଇକି ଦେଲେ ହସି,
ଏପାରିରେ ଖେଳେ ଖୁସିର ଲହର
ତୁମରି ଖୁସିରେ ଖୁସି,
ତୁମରି ସୁଖର ସଂସାର ଦେଖି ମୋ'
ଅବୁଝା ମନ ବି ବୁଝେ ।




## ପ୍ରେମ ନକରି କବି ହେବା ଅସମ୍ଭବ




**ବିପିନ ମହାନ୍ତି**



କିଛି ଭାବିବାକୁ ଆରମ୍ଭ କରିବା ମାତ୍ରେ ତୁମରି ମୁହଁଟା ମୋ' ଆଖି ଆଗରେ ନାଚି ଉଠୁଛି । ତୁମରି ଲାଜଲାଜ ହସ, ବଙ୍କା ଚାହାଣି, ମିଠାମିଠା କଥା ମନଭୁଲାଣିଆ ଗୀତ, ଅମାବାସ୍ୟାର ଘନ ଅନ୍ଧାର ଭଳି ଅଭିମାନ ସବୁ ମନେ ପଡ଼ିଯାଉଛି । ସେଦିନ ଯେମିତି ଥିଲ ଆଜି ବି ଠିକ୍ ସେମିତି । ଖାଲି ବଦଳିଛି ତୁମ ପ୍ରେମ କରିବାର ନିଆରା କଳା ଆଉ କୌଶଳ ।

କେତେ ନେହୁରା ହୋଇଥିଲି । ତୁମେ ଯୁଆଡ଼େ ଯାଉଛ ଯାଅ; ହେଲେ ଏ ଫଗୁଣକୁ ତୁମ ସଙ୍ଗରେ ନେଇଯାଅ । ମାନିଲନି ! ଏବେ ମୁଁ ଫସିଛି ଏଇ ଫଗୁଣର ଫାଶରେ । ମୁଁ ଯୁଆଡ଼େ ଯାଉଛି ଏଇ ଫାଜିଲ ଫଗୁଣ ମୋର ପିଛା ଛାଡୁନି, ମୋତେ ବ୍ୟଥାତୁର କରୁଛି । ମୋତେ ପାଗଳ କରୁଛି । ସ୍ମୃତିର ସହର ଭିତରେ ମୁଁ ଅଣନିଃଶ୍ୱାସୀ ହୋଇ ପଡ଼ିଲିଣି । ମୁଁ ଆଜି ଉବୁଟୁବୁ ହେଉଛି ଆମର ସେଇ ଅସଂଖ୍ୟ ଅସମାହିତ ପ୍ରଶ୍ନର ଉତ୍ତରକୁ ନେଇ । ଖୋଜୁଛି ପ୍ରେମର ସଂଜ୍ଞା, ସ୍ୱରୂପ; ଯାହାର ଆୟତନ ନାହିଁ କିନ୍ତୁ ଅବସ୍ଥିତି ଅଛି, ଯାହା ଅଦୃଶ୍ୟ କିନ୍ତୁ ସର୍ବବ୍ୟାପ୍ତ, ଯାହାକୁ ଛୁଇଁ ହୁଏ ନାହିଁ କିନ୍ତୁ ଅନୁଭବି ହୁଏ, ହେଲେ କର୍ତ୍ତା ବିନା ଯେ କ୍ରିୟା ଅସମାପ୍ତ ! କେମିତି କହିବି ତୁମ ବିନା ମୋ' କୋଣାର୍କ ଅଧୁରା । ପ୍ରେମ ପରା ନିରବ ଭାଷାର ଦସ୍ତାବିଜ । ତୁମେ କଣ ବୁଝିପାରୁ ନଥିବ । ପାଦ ଚିପିଚିପି ନିଶ୍ଚୟ ଆସୁଥିବ । ମୋ' ଜଳିବାର ମେଞ୍ଚାମେଞ୍ଚା ଯନ୍ତ୍ରଣାକୁ ଦୂରରୁ ନିରୀକ୍ଷଣ କରୁଥିବ । ଦେଖିଥିବ ମୋ' ପୁରୁଷ ପଣିଆଟା କେମିତି ଭଙ୍ଗା ଦେଉଳର ପଥରଖଣ୍ଡ ଭଳି ଧରାଶାୟୀ ହେଉଛି ।

'ବୁଦ୍ଧଂ ଶରଣଂ ଗଚ୍ଛାମିଂ' କହୁକହୁ ଏଡ଼ିପାରି ନଥିଲି ଆମ୍ରପାଲିର ଆକସ୍ମିକ ଆକର୍ଷଣକୁ । ଡା. ଭିନ୍‌ସି ସାଜି ତୁମ ଓଠରେ ମୋନାଲିସାର ହସ ଆଙ୍କୁ ଆଙ୍କୁ ମୁଁ ହାରିଯାଇଥିଲି । ଆଉ ସେଇ ହସ ଭିତରେ ହଜି ଯାଇଥିଲା ମୋ ହସେଇବାର ପ୍ରଚେଷ୍ଟା ଓ ହସିବାର ପ୍ରୟାସ । ଧରା ପଡ଼ିଯାଇଥିଲି ଦୁନିଆ ଆଖିରେ ।

ସେଦିନ ଯେଉଁ ଚକ୍ଷୁ ଥିଲା ଦୀପ୍ତିମନ୍ତ, ଜ୍ୱଳନ୍ତ ଅଗ୍ନି ପିଣ୍ଡୁଳା ପରି, ଆଜି ସେ ଚକ୍ଷୁ ଦିପ୍ତୀହୀନ, ମଳିନ, ନିଷ୍ପ୍ରଭ । ତୁମ ଆଖିରେ ଆଶାର ଅଜସ୍ର ସ୍ୱପ୍ନର ସମ୍ଭାର । ମୋ' ଆଖିରେ ନିରାଶାର ନିରବଧି ନିଘଞ୍ଚ ଅନ୍ଧାର । ଯେଉଁ ତନୁର ବଳିଷ୍ଠ ଆକର୍ଷଣ ତୁମକୁ ଦିନେ ପାଗଳୀ କରିଥିଲା ସେ ଆଜି ଅସ୍ଥିକଙ୍କାଳସାର । ମୋର ଏତାଦୃଶ ପରିବର୍ତ୍ତନ ପାଇଁ ତୁମେ ହୁଏତ ମୋତେ ଭୀରୁ କହିପାର ! କିନ୍ତୁ ଏସବୁ ମୋ'ର ତୁମ ପାଇଁ ସ୍ୱାର୍ଥତ୍ୟାଗର ଚରମ ପରିଣତି ।

ମୁଁ କାଳେ କବି ପାଲଟି ଯାଇଛି । 'ହଜାଇଛି ତୁମ ପ୍ରୀତିର ଠିକଣା', 'ଦୁଷ୍ଟ ପ୍ରଜାପତି', ଭଳି ପ୍ରେମ କବିତାର ସ୍ରଷ୍ଟା କାଳେ ମୁଁ! ଦୁନିଆ ଖୋଜୁଛି ମୋର କାବ୍ୟ ନାୟିକାକୁ । ଛଳଛଳ ପ୍ରେମ ନଥିଲେ ଏଭଳି କବିତା ଲେଖିବା କ'ଣ ସମ୍ଭବ । କେହି ଜଣେ କହିଥିଲେ 'କବି ନହୋଇ କେହି ପ୍ରେମ କରିପାରେ କିନ୍ତୁ ପ୍ରେମ ନକରି କବି ହେବା ଅସମ୍ଭବ ।' ଏଇ ଦୃଢ଼ୋକ୍ତି ଆଗରେ କବିଟିଏ ନିର୍ବିକାର, ନାଚାର । ଯେଉଁ କବିତାରେ କୋଣାର୍କର ସ୍ପଷ୍ଟ ଚିତ୍ର ଉଦ୍‌ଭାସିତ । ପାଦରେ ନୂପୁରବାନ୍ଧି ମାଳିନୀ ଯଦି ବିଶୁ ମହାରଣା ଆଗରେ ଝୁମୁରୁଝୁମୁରୁ ନ ହେଉ ଥାଆନ୍ତା; ତାହେଲେ କ'ଣ ପୃଥିବୀରେ ଏ ଶ୍ରେଷ୍ଠ କଳାକୃତି ଆଜି ଦୁନିଆ ଦେଖୁଥାନ୍ତା । କହିଦେବି ଏ କବିତାର ସ୍ୱର, ଛନ୍ଦ, ତାଳ, ଲୟ ସବୁ ତୁମେ...ତୁମେ ବୋଲି । କହିଦେବି ମୁଁ କେମିତି ଫୁଲଟିଏ ଦେଖିଲେ ଉତ୍‌ଫୁଲ୍ଲିତ ହୋଇଛି । ଅନ୍ଧାରରେ କେମିତି ତୁମକୁ ସାଉଁଟିଛି, ସେମେଟିଛି ମୋର ତୃଷାର୍ତ୍ତ ଛାତିରେ । ସକାଳର କଅଁଳ କିରଣରେ କେମିତି ଅନୁଭବିଛି ତୁମର ଉଦ୍‌ଭାସିତ ହେବାର ପହିଲି ପରଶକୁ । ନା ! କିଛି କହିବିନି ! ଦୁନିଆ ଖୋଜୁଛି ଖୋଜୁ । କହିଦେଲେ କାଳେ ତୁମେ ଅଭିମାନ କରିବ, ଫୁଲେଇ ହେବ, ହଜିଯିବ ମୋ' ସ୍ମୃତିର ସୀମା ସେପାରିରେ । ନା ! ତୁମେ ଏମିତି ଆସୁଥାଅ, ଫୁଲେଇ ହେଉଥାଅ, ମୋତେ ଛୁଁ ମୋତେ ଛୁଁ କହୁଥାଅ । ଆଉ ଏଇ ଲୁଚକାଳି ଖେଳୁଖେଳୁ କେଉଁଠି ନା କେଉଁଠି ତୁମ ସାଥେ ଭେଟ ହେଉଥାଉ, ଆଉ ସେଇ ଭେଟା ଭେଟିର ଫେଣ୍ଟାଫେଣ୍ଟି ଅନୁଭବକୁ ସାଉଁଟି ଜନ୍ମ ନେଉଥାଉ ଆମ ପ୍ରୀତିର ସ୍ମାରକୀ 'ଫୁଲେଇ ଫଗୁଣ' ପରି ଆହୁରି କେତେ କେତେ ପ୍ରେମ କବିତା ।



# କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ଦାୟିତ୍ୱ ନେଲେ ଡ. ଅରବିନ୍ଦ କୁମାର ପାଢ଼ୀ

ଭୁବନେଶ୍ୱର,୦୯/୦୮ (ନି.ପ୍ର): ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଡ. ଅରବିନ୍ଦ କୁମାର ପାଢ଼ୀ ଆଜି କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଡ. ପାଢ଼ୀଙ୍କୁ ସ୍ୱାଗତ ଓ ଶୁଭେଚ୍ଛା ଜଣାଇଥିଲେ ।

ଏହି ଅବସରରେ ଡ. ପାଢ଼ୀ ବିଭାଗୀୟ ଅଧିକାରୀମାନଙ୍କଠାରୁ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସଂପର୍କରେ ପଚାରି ବୁଝିବା ସହିତ କାର୍ଯ୍ୟକ୍ରମ ରୂପାୟନରେ ସଂପୂର୍ଣ୍ଣ ସ୍ୱଚ୍ଛତା ବଜାୟ ରଖିବା ଓ ଦଳଗତ ମନୋଭାବ ନେଇ କାର୍ଯ୍ୟ ସଂପାଦନ ନିମନ୍ତେ ପରାମର୍ଶ ଦେଇଥିଲେ । କୃଷି ରାଜ୍ୟ ଅର୍ଥନୀତିର ଅନ୍ୟତମ ମୁଖ୍ୟ ସ୍ରୋତ ହୋଇଥିବା ପରିପ୍ରେକ୍ଷୀରେ କୃଷିର ଉନ୍ନତିରେ ରାଜ୍ୟର ଉନ୍ନତି ସାଧିତ ହୋଇପାରିବ ବୋଲି ଦର୍ଶାଇଥିଲେ । ରାଜ୍ୟର ଲୋକସଂଖ୍ୟାର ଏକ ବୃହତ ଭାଗ ସେମାନଙ୍କ ଜୀବିକା ନିର୍ବାହ ନିମନ୍ତେ କୃଷି ଓ ଆନୁଷଙ୍ଗିକ କୃଷି ଉପରେ ନିର୍ଭର କରୁଥିବାବେଳେ କୃଷି ଓ କୃଷକମାନଙ୍କ ସର୍ବାଙ୍ଗୀନ ଉନ୍ନତି ଓ ଆୟବୃଦ୍ଧି ନିମନ୍ତେ ରାଜ୍ୟ ସରକାର ଅନେକଗୁଡ଼ିଏ କୃଷକ କଲ୍ୟାଣକାରୀ ଯୋଜନା ପ୍ରଣୟନ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକର ସଫଳ ରୂପାୟନ କରି ଯୋଜନାର ସୁଫଳକୁ ଚାଷୀମାନଙ୍କ ନିକଟରେ ସିଧାସଳଖ ପହଂଚାଇବା ନିମନ୍ତେ ଡ. ପାଢ଼ୀ କହିଥିଲେ । କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଏବଂ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଭାବରେ କାର୍ଯ୍ୟ କରିବା ସମୟରେ ସେ କୃଷି ଓ କୃଷକମାନଙ୍କ ସହିତ ଓତଃପ୍ରୋତ ଭାବେ ଜଡ଼ିତ ଥିଲେ ବୋଲି ପ୍ରମୁଖ ଶାସନ ସଚିବ ଡ. ପାଢ଼ୀ ପ୍ରକାଶ କରିଥିଲେ । କୃଷି ଓ କୃଷକମାନଙ୍କ ଉନ୍ନତି ନିମନ୍ତେ ବିଭାଗ କାର୍ଯ୍ୟ କରୁଥିବା ପରିପ୍ରେକ୍ଷୀରେ କୃଷକର ହିତ ସାଧନ ଅଧିକାରୀ ଓ କର୍ମଚାରୀମାନଙ୍କ ମୂଳ ଲକ୍ଷ୍ୟ ହେବା ଉଚିତ । କୃଷିର ଉନ୍ନତି ଦିଗରେ ସମସ୍ତେ ସଂପୂର୍ଣ୍ଣ ନିଷ୍ଠା ଓ ସମର୍ପଣ ମନୋଭାବ ନେଇ କାର୍ଯ୍ୟ ସଂପାଦନ କରିବା ପାଇଁ ଡ. ପାଢ଼ୀ ପରାମର୍ଶ ଦେଇଥିଲେ । ରାଜ୍ୟକୁ କୃଷି କ୍ଷେତ୍ରରେ ଅଗ୍ରଣୀ କରିବା ନିମନ୍ତେ ଅଧିକାରୀ ଓ କର୍ମଚାରୀମାନେ ସେମାନଙ୍କ ବିଚାର ବ୍ୟକ୍ତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏଥି ସହିତ ରାଜ୍ୟରେ ଦ୍ୱିତୀୟ ମୁଖ୍ୟ ଜୀବିକା ହସ୍ତତନ୍ତ ହୋଇଥିବାବେଳେ ବୁଣାକାରମାନଙ୍କୁ ପ୍ରୋତ୍ସାହିତ କରିବା ଦିଗରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ସପ୍ତାହର ଗୋଟିଏ ଦିନ ହସ୍ତତନ୍ତ ନିର୍ମିତ ପୋଷାକ ପରିଧାନ କରିବା ପାଇଁ ଡ. ପାଢ଼ୀ ପରାମର୍ଶ ଦେଇଛନ୍ତି ।

# ୪ ଅପରାଧୀ ଗିରଫ : ଚୋରୀ ଜିନିଷ ଜବତ

ବଲାଙ୍ଗିର,୦୯/୦୮ (ନି.ପ୍ର): ପାଟଣାଗଡ଼ ଉପଖଣ୍ଡରେ ଦୁଇ ତିନି ବର୍ଷ ହେଲା ଅପରାଧିକ କାର୍ଯ୍ୟକଳାପ ବଢ଼ି ଚାଲିଥିବା ବେଳେ ବେଆଇନ କାରବାର ମଧ୍ୟ ବଢ଼ି ଚାଲିଛି । ପୋଲିସ କିଛି ମାମଲାରେ ସଫଳତା ପାଉଛନ୍ତି ତ କିଛି ମାମଲା କାହାଣୀ ହୋଇ ରହିଯାଇଛି । ଆଜକୁ ତିନି ମାସ ତଳେ ପାଟଣାଗଡ଼ ବ୍ଲକରେ କାର୍ଯ୍ୟରତ ଥିବା କନିଷ୍ଠ ଯନ୍ତ୍ରୀ ସୁରେଶ ଚନ୍ଦ୍ର ସାହୁଙ୍କ ହତ୍ୟା ହୋଇଥିଲା କିନ୍ତୁ ମାମଲାରେ ଆଜି ପର୍ଯ୍ୟନ୍ତ କୌଣସି ଅପରାଧୀକୁ ଧରିବାରେ ସଫଳ ହୋଇନାହିଁ ପୋଲିସ ପ୍ରଶାସନ । ସୂଚନାଯୋଗ୍ୟ ଯେ, ପାଟଣାଗଡ଼ ଉପଖଣ୍ଡ ବେଲପଡା ବ୍ଲକ କପାଣି ଗାଁ ର କ୍ଷୀତିସ ଚନ୍ଦ୍ର ବେହେରା (୨୪) ପିତା.କିର୍ତନ ବେହେରା ଆଶିର୍ବାଦ ମାଇକ୍ରୋଫାଇନାସ୍ ଲାଠୋର ବ୍ରାଂଚରେ କାମ କରନ୍ତି । ଗତ ୪.୦୮.୨୨ ଗୁରୁବାର ଦିନ ନିଜ କାମ ସାରି ଫେରିବା ବେଳେ ୪ଟା ୩୦ ସମୟରେ ପାଟଣାଗଡ଼ରୁ ଲାଠୋର ରାସ୍ତା କପସିପାଲି ଠାରେ କିଛି ଦୃର୍ବୃତ ଆସି ଡକାୟତି କରିଥିଲେ । ତାଙ୍କ ପାଖରେ ଟଙ୍କା ନଥିବାବେଳେ ମୋବାଇଲ,ବ୍ଲୁ ଟୁଥ ଏବଂ କାଗଜପତ୍ର ନେଇ ଯାଇଥିଲେ । ପରେ ବେହେରା ଖପ୍ରାଖୋଲ ଥାନା ରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତି କରି ପୋଲିସ ଥାନା ରେ କେଶ ନଂ ୯୭ତାରିଖ ୪.୦୮.୨୨ ୟୁ/ଏସ୍ ୩୯୨ ମାମଲା ରୁଜୁ କରି ଥାନା ଅଧିକାରୀ ରମାକାନ୍ତ ସାହୁ ତଦନ୍ତ ଚଳାଇଥିବା ବେଳେ ୬/୦୮/୨୨ ଦିନ ଧରିବା ରେ ସଫଳ ହୋଇଛନ୍ତି । ଗିରଫ ବ୍ୟକ୍ତିମାନେ ହେଲେ ପାଟଣାଗଡ଼ ଥାନା କୁତମୁଣ୍ଡା ଗାଁ ର ପୁରନ୍ଦର କୁମ୍ଭାର (୨୨) , ପାଟଣାଗଡ଼ ଥାନା ମୁଣ୍ଡପଲା ଗାଁ ର କେଶବ ବାରିକ (୨୭), ପାଟଣାଗଡ଼ ଥାନା ଘୁନଘୁଟିପାଲି ଗାଁ ର ଗୋବିନ୍ଦ କାଲସାଏ (୨୬), ପାଟଣାଗଡ଼ ଥାନା ଭାଲୁପିଟା ଗାଁ ର ତରଣୀ ଜଗଦଲା (୨୮) ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ତୁଷୁରା ଥାନା ଅଇଁଲାପାଲି ଗାଁ ର ପ୍ରିୟମ ସାହୁ (୧୬) କୁ ଗିରଫ କରିବା ପାଇଁ ତୁଷୁରା ଥାନାକୁ ନିର୍ଦ୍ଦେଶ ଦିଆଯାଇଥିବା ସହ ରାଉରକେଲା ପଠାଇବା ପାଇଁ ତୁରନ୍ତ ବ୍ୟବସ୍ଥା ରହିଛି ବୋଲି ଉପଖଣ୍ଡ ପୋଲିସ ଅଧିକାରୀ ଜ୍ୟୋତିର୍ମୟ ଭୁକ୍ତା ସୂଚନା ଦେଇଛନ୍ତି ।

# ଡେଙ୍ଗୁ ସଚେତନତା ଶୋଭାଯାତ୍ରା

ମାଲକାନଗିରି,୦୯/୦୮ (ନି.ପ୍ର): କୁଡୁମୁଲୁଗୁମ୍ମା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡେଙ୍ଗୁଜନିତ ଜ୍ୱର ଓ ଏହାର ନିରାକରଣ ସମ୍ବନ୍ଧରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ.ସନ୍ତୋଷ କୁମାର ଷଡଙ୍ଗୀଙ୍କ ନେତୃତ୍ୱରେ ଏକ ୫୦ ଜଣିଆ ଟିମ୍ କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ବାହାରି ଗ୍ରାମର ମୁଖ୍ୟ ବଜାର ଓ ଆଖପାଖ ସାହିରେ ଏହି ସଚେତନତା ଶୋଭାଯାତ୍ରା କରିଥିବାର ଜଣାପଡ଼ିଛି । ଘର ବା ଆଖପାଖରେ ପାଣି ଜମିବାକୁ ନଦେବା ଓ ମଶା ଦାଉରୁ ରକ୍ଷା ପାଇବା ପାଇଁ ବିଭିନ୍ନ ପଦକ୍ଷେପ ବିଷୟରେ ଲୋକଙ୍କୁ ସଚେତନ କରିଛନ୍ତି ।

# 'ମୋ ଖତ' ଯୋଗାଣ ନିମନ୍ତେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ବରାଦ ଦେଲା କୃଷି ବିଭାଗ

ଭୁବନେଶ୍ୱର,୦୯/୦୮ (ନି.ପ୍ର): ଉଦ୍ୟାନ କୃଷି ଏବଂ ମୃତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ନିମନ୍ତେ ମହାନଗର ନିଗମ, ମ୍ୟୁନିସିପାଲିଟି ଏବଂ ଏନ୍ଏସି ଦ୍ୱାରା ପ୍ରସ୍ତୁତ କରାଯାଉଥିବା କମ୍ପୋଷ୍ଟ 'ମୋ ଖତ'ର ବ୍ୟାପକ ବ୍ୟବହାର ନିମନ୍ତେ ଗୁରୁତ୍ୱ ପ୍ରଦାନ କରାଯାଉଛି । ଏହି ପରିପ୍ରେକ୍ଷୀରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅନ୍ତର୍ଗତ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ପକ୍ଷରୁ ଚଳିତ ଆର୍ଥିକ ବର୍ଷରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ନିମନ୍ତେ ୨୦୧୮.୪୭ ମେଟ୍ରିକ ଟନ 'ମୋ ଖତ' ଯୋଗାଣ ନିମନ୍ତେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ବରାଦ କରାଯାଇଛି । ସେହିପରି ମୃତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ବାବଦକୁ ଆବଶ୍ୟକ ହେଉଥିବା ୨୬୧୬.୨୦ ମେଟ୍ରିକ ଟନ 'ମୋ ଖତ' ଯୋଗାଇଦେବା ପାଇଁ ବରାଦ କରାଯାଇଛି । ସୂଚନାଯୋଗ୍ୟ ଯେ ରାଜ୍ୟର ବିଭିନ୍ନ ମହାନଗର ନିଗମ, ମ୍ୟୁନିସିପାଲିଟି ଏବଂ ବିଜ୍ଞାପିତ ଅଂଚଳ ପରିଷଦ ପକ୍ଷରୁ ବର୍ଜ୍ୟବସ୍ତୁକୁ ମାଇକ୍ରୋ କମ୍ପୋଷ୍ଟିଙ୍ଗ୍ ସେଂଟରରେ ପ୍ରକ୍ରିୟାକରଣ କରାଯାଇ 'ମୋ ଖତ' ପ୍ରସ୍ତୁତ ଓ ବିକ୍ରୟ କରାଯାଉଛି । ଉଦ୍ୟାନ କୃଷି ଓ ମୃତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ପକ୍ଷରୁ ବିଭିନ୍ନ ଜିଲ୍ଲାରେ କରାଯାଉଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମ ନିମନ୍ତେ ଆବଶ୍ୟକ ମୁତାବକ 'ମୋ ଖତ'କୁ ସଂପୃକ୍ତ ଜିଲ୍ଲାର ମହାନଗର ନିଗମ, ମ୍ୟୁନିସିପାଲିଟି ଓ ଏନ୍ଏସି ପକ୍ଷରୁ ଯୋଗାଇଦେବା ନିମନ୍ତେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ଅନୁରୋଧ କରାଯାଇଛି ।

# ଅଟୋ ଚୋରି ଅଭିଯୋଗରେ ଯୁବକ ଗିରଫ

ଗଞ୍ଜାମ,୦୯/୦୮ (ନି.ପ୍ର): ଅଟୋ ଚୋରି ଅଭିଯୋଗରେ ବ୍ରହ୍ମପୁର ଟାଉନ୍ ଥାନା ପୋଲିସ ଏମ. ୟସିନ ଓରଫ ଶାରୁଖ (୨୮)କୁ ଗିରଫ କରି କୋର୍ଟଚାଲାଣ କରିଛି । ଅଭିଯୁକ୍ତ ଠାରୁ ଏହି ଚୋରି ଅଟୋ ଜବତ କରିଛି ପୋଲିସ । ଏହାର ନମ୍ବର ହେଲା ଓଡ଼ି ୦୭-ଏବି ୫୪୪୦ । ବ୍ୟାଙ୍କ କଲୋନୀ ସପ୍ତମ ଲାଇନ୍ ର ପ୍ରମୋଦ କୁମାର ପଣ୍ଡା ଅଭିଯୋଗ କରିଥିଲେ ଯେ, ଗତ ୫ ତାରିଖ ରାତି ୧୦ଟାରେ ତାଙ୍କର ଏକ ପାସେଞ୍ଜର ଅଟୋ ନିଜ ଘର ସାମ୍ନାରେ ପାର୍କିଂ କରିଥିଲେ । ପରଦିନ ସକାଳୁ ଏହି ଅଟୋ ଚୋରି ହୋଇଥିବା ସେ ଜାଣିବାକୁ ପାଇଥିଲେ । ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଘଟଣାରେ ଅଭିଯୁକ୍ତକୁ ଗିରଫ କରିବା ସହ ତା ପାଖରେ ଥିବା ପ୍ରମୋଦଙ୍କ ପାସେଞ୍ଜର ଅଟୋକୁ ଜବତ କରାଯାଇଥିଲା । ନକଲି ଚାବି ବ୍ୟବହାର କରି ଅଭିଯୁକ୍ତ ଅଟୋକୁ ଚୋରି କରି ନେଇଥିଲା । ବ୍ୟବହୃତ ନକଲି ଚାବିକୁ ମଧ୍ୟ ପୋଲିସ ଜବତ କରିଛି ।

# ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ସହ ଭିନ୍ନକ୍ଷମ ଛାତ୍ରୀ ନିବାସ ନିର୍ମାଣ ସ୍ଥଳ ପରିଦର୍ଶନ କଲେ ନରସିଂହ

ବଲାଙ୍ଗିର,୦୯/୦୮ (ନି.ପ୍ର): ଆଜି ବଲାଙ୍ଗିର ସ୍ଥିତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ନିର୍ମାଣଧିନ ଏକ ଛାତ୍ରୀ ନିବାସର ନିର୍ମାଣ ସ୍ଥଳ ରାଜ୍ୟ ସରକାରଙ୍କର କ୍ୟାବିନେଟ ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ସହିତ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ପରିଦର୍ଶନ କରିଛନ୍ତି । ଦେଢ କୋଟିର ଉର୍ଦ୍ଧ୍ୱ ବ୍ୟୟ ବରାଦରେ ନିର୍ମାଣ ହେବାକୁ ଥିବା ଏହି ହଷ୍ଟେଲରେ କେବଳ ବିଶ୍ୱବିଦ୍ୟାଳୟର ଭିନ୍ନକ୍ଷମ ଛାତ୍ରୀମାନେ ରହି ପାଠ ପଢିବେ । ସରକାରଙ୍କ ବିଜ୍ଞାନ କାରିଗରୀ ଓ ପ୍ରଯୁକ୍ତି ବିଭାଗ ମନ୍ତ୍ରୀ ଅଶୋକ ପଣ୍ଡା, ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ନିର୍ମାଣ ସ୍ଥଳି ପରିଦର୍ଶନ ସମୟରେ ନିର୍ମାଣ ଦାୟିତ୍ୱରେ ଥିବା ରାଜ୍ୟ ପୋଲିସ ଗୃହ ନିର୍ମାଣ ନିଗମର ଯନ୍ତ୍ରୀମାନେ ଉପସ୍ଥିତ ଥିଲେ । ଉପସ୍ଥିତ ଥିବା ଯନ୍ତ୍ରୀମାନେ ହଷ୍ଟେଲରେ ଭିନ୍ନକ୍ଷମ ଛାତ୍ରୀମାନଙ୍କ ପାଇଁ ଦିଆଯାଇଥିବା ବିଭିନ୍ନ ସୁବିଧା ବାବଦରେ ମନ୍ତ୍ରୀ ଅଶୋକ ପଣ୍ଡା ଏବଂ ବିଧାୟକ ନରସିଂହ ମିଶ୍ରଙ୍କୁ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ୧୬ ଜଣ ଛାତ୍ରୀ ରହିବା ପାଇଁ ସୁବିଧା ଥିବା ଏହି ହଷ୍ଟେଲରେ କେବଳ ଲିଫ୍ଟ ର ସୁବିଧା ଦିଆଯାଇଥିବାରୁ ହଷ୍ଟେଲରେ ଲିଫ୍ଟ ବ୍ୟତିତ, ର୍ୟାମ୍ପ ର ମଧ ବ୍ୟବସ୍ଥା କରାଇବାକୁ ନିର୍ଦ୍ଦେଶ ଦେଇଥିଲେ । ୫୮୧ ବର୍ଗ ମିଟର ଅଂଚଳରେ ନିର୍ମାଣ ହେବାକୁ ଥିବା ଏହି ଛାତ୍ରୀ ନିବାସ ନିର୍ମାଣ କାର୍ଯ୍ୟ ୬ ମାସ ଭିତରେ ସମାପନ ହେବ ବୋଲି ଉପସ୍ଥିତ ଯନ୍ତ୍ରୀମାନେ ସୂଚନା ଦେଇଥିଲେ । ଏତଦ ବ୍ୟତିତ ଛାତ୍ରୀ ନିବାସରେ ଡର୍ମିଟୋରୀ, ବୈଠକ ଘର, ରନ୍ଧାଘର, ଡାଇନିଂ, ପାହାଚ, ଟୟଲେଟ ବ୍ଲକ, ଦିବ୍ୟାଙ୍ଗ ଟୟଲେଟ, ୧୦ ଜଣ କେପାସିଟି ଥିବା ଲିଫ୍ଟ, ସୁରକ୍ଷା ପାଚେରୀ, ଡ୍ରେନ ଇତ୍ୟାଦି ବ୍ୟବସ୍ଥା ଅଛି । ଆଲୋଚନା ସମୟରେ ବିଶ୍ୱବିଦ୍ୟାଳୟର ନିର୍ମାଣଧିନ ପ୍ଲାନେଟୋରିୟମ ଏବଂ ସାଇନ୍ସ ପାର୍କ ଉପରେ ମଧ ଆଲୋଚନା ହୋଇଥିଲା ।

ଆଜିର ଏହି ପରିଦର୍ଶନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁ, ପୋଲିସ ହାଉସିଂ କର୍ପୋରେସନର ବିଭାଗୀୟ ଯନ୍ତ୍ରୀ, ଛାତ୍ର ନେତା ଅଙ୍କିତ ସାହୁ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଉପସ୍ଥିତ ଥିଲେ ।

# ୫ଶହ ତଳକୁ ଖସିଲା ରାଜ୍ୟରେ ଦୈନିକ କରୋନା ସଂକ୍ରମଣ : ୮୨ ଜଣ ୧୮ ବର୍ଷରୁ କମ୍ ବୟସର

ଭୁବନେଶ୍ୱର,୦୯/୦୮ (ନି.ପ୍ର): ଆଜି ବି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ କମିଛି । ଏହା ୫ ଶହ ତଳକୁ ରହିଛି । ଗତକାଲି ୬୫୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୪୮୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୨୮୫ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୨୦୨ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରେ ୮୨ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି । ଆଜି ରାଜ୍ୟର ୨୯ଟି ଜିଲ୍ଲାରୁ ୪୮୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଆଜି ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୧୩୭ ଜଣ ଚିହ୍ନଟ ହୋଇଛନ୍ତି । ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି ।

ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧ ଜଣ, ବାଲେଶ୍ୱର ଜିଲ୍ଲାରୁ ୩ ଜଣ, ବରଗଡ଼ରୁ ୧୨, ଭଦ୍ରକରୁ ୨ ଜଣ, ବଲାଙ୍ଗୀରରୁ ୧୧ ଜଣ, ବେ ?ଦ୍ଧରୁ ୧୩ ଜଣ, କଟକରୁ ୩୧ ଜଣ, ଦେବଗଡ଼ରୁ ୩୯ ଜଣ, ଢେଙ୍କାନାଳରୁ ୨, ଗଜପତିରୁ ୬ ଜଣ, ଗଞ୍ଜାମରୁ ୭, ଜଗତସିଂହପୁରରୁ ୩, ଯାଜପୁରରୁ ୯ ଜଣ, ଝାରସୁଗୁଡ଼ାରୁ ୩ ଜଣ, କଳାହାଣ୍ଡି ଜିଲ୍ଲାରୁ ୨୧ ଜଣ, କନ୍ଧମାଳରୁ ୭ ଜଣ, କେନ୍ଦ୍ରାପଡ଼ାରୁ ୨ ଜଣ, କେଉଁଝରରୁ ୨, ଖୋର୍ଦ୍ଧା ଜିଲ୍ଲାରୁ ୭୮, କୋରାପୁଟ ଜିଲ୍ଲାରୁ ୫ ଜଣ, ମୟୂରଭଞ୍ଜରୁ ୧୫ ଜଣ, ନବରଙ୍ଗପୁରରୁ ୬ ଜଣ, ନୟାଗଡ଼ ଜିଲ୍ଲାରୁ ୧୪ ଜଣ, ନୂଆପଡ଼ାରୁ ୧୫ ଜଣ, ପୁରୀରୁ ୧ ଜଣ, ରାୟଗଡ଼ାରୁ ୯ ଜଣ, ସମ୍ବଲପୁରରୁ ୩୯ ଜଣ, ସୋନପୁରରୁ ୧୧ ଜଣ, ସୁନ୍ଦରଗଡ଼ରୁ ୧୩୭ ଜଣ ଓ ଷ୍ଟେଟପୁଲରୁ ୧୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

ଏପର୍ଯ୍ୟନ୍ତ ରାଜ୍ୟରେ ୧୩, ୨୦, ୦୧୪ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୩,୦୫, ୨୬୧ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୫୫୪୯ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର,୦୯/୦୮ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଡିଆରଡିଏ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲପାଳ ସୂର୍ଯ୍ୟନାରାୟଣ ଦାଶ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣ ଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୨୦ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୧୬ ଗୋଟି ଓ ସାମୁହିକ ଦରଖାସ୍ତ ୪ ଗୋଟି ଗ୍ରହଣ କରାଯାଇଛି । ଗ୍ରହଣ କରାଯାଇଥିବା ୨୦ ଦରଖାସ୍ତ ମଧ୍ୟରୁ ଶିବିରରେ ବିଭିନ୍ନ ମାମଲାର ୮ ଗୋଟି ଅଭିଯୋଗ ଦରଖାସ୍ତର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ୧୨ ଟି ଆପତି ଅଭିଯୋଗ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଭାରପ୍ରାପ୍ତ ବିଡିଓ, ସୋନପୁର ଶଶିଭୂଷଣ ପ୍ରଧାନଙ୍କ ତତ୍ୱାବଧାନରେ ଅଦ୍ୟ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ନିହାର ରଞ୍ଜନ କହଁର, ଉପ ଜିଲ୍ଲାପାଳ, ସୋନପୁର ଡ଼ଃ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଆରଡବ୍ଲୁଏସଏସ ଇଂ. ବିଭୁ ପ୍ରସାଦ ପଣ୍ଡା, ସିଡିଏମଓ ଡ଼ଃ. ବିଶ୍ୱରଞ୍ଜନ ପତି, ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ପୌରପରିଷଦ, ସୋନପୁର ସୂର୍ଯ୍ୟଂଶୁ ରୁଟ, ତହସିଲଦାର ସୋନପୁର ନବୀନ କିଶୋର ପାଢ଼ୀ, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲଦାର, ବ୍ଲକ ସ୍ତରୀୟ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।

# ପରୀକ୍ଷାମୂଳକ ଭାବେ ଭୁବନେଶ୍ୱରରୁ ଜୟପୁର ଚତୁର୍ଥ ଥର ବିମାନ ଉଡାଣ

ଜୟପୁର,୦୯/୦୮ (ନି.ପ୍ର): ପରୀକ୍ଷାମୂଳକ ଭାବେ ଭୁବନେଶ୍ୱରରୁ ଜୟପୁର ଚତୁର୍ଥ ଥର ପାଇଁ ବିମାନ ଉଡାଣ ଭରିଛି । ପରୀକ୍ଷାମୂଳକ ଭାବେ ୯ସିଟ ବିଶିଷ୍ଟ ବିମାନ ଭୁବନେଶ୍ୱରରୁ ଜୟପୁର ମଧ୍ୟରେ ଉଡାଣ କରିଛି । ଘରୋଇ ଇଣ୍ଡିଆ ୱାନ ଏୟାରର ଅଧିକାରୀ ମାନେ ଜୟପୁର ଏୟାରପୋର୍ଟରେ ପହଂଚି ଉଡାଣ ବେଳେ କ'ଣ ସମସ୍ୟା ରହିଛି ତାର ସମୀକ୍ଷା କରିଛନ୍ତି । ଏହା ସହ କୋରାପୁଟ ଜିଲା ଏକ ପାହାଡିଆ ଅଂଚଳ ହୋଇଥିବାରୁ ପାଇଲାଟ ମାନଙ୍କୁ ଉପର ମ୍ୟାପକୁ ଜାଣିବା ସହ ସମସ୍ତ ଦିଗକୁ ଜାଣିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି । ଭିତିଭୂମିର ସୁଧାର ପରେ ହିଁ ନିୟମିତ ଯାତ୍ରୀ ସେବା ଆରମ୍ଭ ହେବ । ବର୍ତମାନ ସୁଦ୍ଧା ଡିଜିସିଏ ଅନୁମତି ଦେଇ ନଥିବା ବେଳେ ଖୁବ ଶିଘ୍ର ଜୟପୁର ଏୟାରପୋର୍ଟରୁ ଯାତ୍ରୀବାହି ବିମାନ ଉଡିବା ଆଶା କରାଯାଉଛି ।

# ପଚାଂୟତ ସ୍ତରିୟ ଜନ ଶୁଣାଣୀ ଓ ଜନ ସଚେତନତା ଶିବିର

ଜୟପୁର,୦୯/୦୮ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଡଙ୍ଗରଛିଂଚି ଠାରେ ପଚାଂୟତ ସ୍ତରିୟ ଜନ ଶୁଣାଣୀ ଓ ଜନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିରରେ ଜୟପୁର ବିଡିଓ ସୁରଜ ପଟ୍ଟନାୟକ, ଏବିଡିଓ ମନୋଜ ନାୟକ, ଅତିରିକ୍ତ ତହସିଲଦାର ମାନସ ଘଢେଇ ସୁପରଭାଇଜର ଟୁନା ପଟ୍ଟନାୟକ, ସରପଂଚ, ସମିତି ସଭ୍ୟ ସହ ଅନ୍ୟ ପ୍ରଶାସନିକ ଅଧିକାରି ମାନେ ଉପସ୍ଥିତ ଥିଲେ ।

ଜନ ଶୁଣାଣିରେ ୭ଟି ଅଭିଯୋଗର ଶୁଣାଣି ହୋଇଛି । ୭ଟି ଅଭିଯୋଗ ମଧ୍ୟରୁ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରର ମରାମତି ଭଳି ଅଭିଯୋଗ ରହିଛି ।

# ୪୨ ବର୍ଷର ଶ୍ରୀ ସତ୍ୟସାଇ ବିଦ୍ୟାଳୟକୁ ସ୍ୱତନ୍ତ୍ର ଭାବେ ଚାଲୁ ରଖିବାକୁ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

କନ୍ଧମାଳ,୦୯/୦୮ (ନି.ପ୍ର): କନ୍ଧମାଳ ଜିଲ୍ଲାର ସତ୍ୟସାଇ ପ୍ରାଥମିକ ବିଦ୍ୟାଳୟର ୫୦ରୁ ଉର୍ଦ୍ଧ୍ୱ ଅଭିଭାବକ ଅଭିଭାବିକା ଫୁଲବାଣୀ ବିଇଓ ଫୁଲବାଣୀ କାର୍ଯ୍ୟାଳୟ ଠାରେ ପହଂଚି ଏକ ଲିଖିତ ଅଭିଯୋଗ କରିଛନ୍ତି । ଯାହା ଲିଖିତ ଅଭିଯୋଗ ରହିଛି, ଶ୍ରୀ ସତ୍ୟସାଇ ପ୍ରାଥମିକ ବିଦ୍ୟାଳୟ ୧୯୮୦-୮୧ ମସିହାରୁ ସରକାରଙ୍କ ଅନୁମତି ପ୍ରକାରେ ପ୍ରାଥମିକ ବିଦ୍ୟାଳୟର ଜାଗା ଉପରେ ଅଦ୍ୟାବଧି ଚାଲି ଆସୁଥିଲା । କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ଶ୍ରୀ ସତ୍ୟସାଇ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀମତୀ ଅନୁସୂୟା ଆଚାର୍ଯ୍ୟ ଗତ ୨୦୨୦ ମସିହାରେ ପ୍ରଥମ ଶ୍ରେଣୀ, ୨୦୨୧ ମସିହାରେ ଦ୍ୱିତୀୟ ଶ୍ରେଣୀ, ୨୦୨୨ ମସିହାରେ ତୃତୀୟ ଶ୍ରେଣୀକୁ ବିଭିନ୍ନ ଆଳ ଦେଖାଇ ବନ୍ଦ କରିଦେଇଛନ୍ତି । ଚଳିତ ବର୍ଷ ଚତୁର୍ଥ ଏବଂ ପଂଚମ ଶ୍ରେଣୀ ବନ୍ଦ କରିବାକୁ ଆମ ଅଭିଭାବକ ମାନଙ୍କୁ ଡକାଇ ଧମକ ଦେବାରୁ ଆମେ ବାଧ ହୋଇ ପୂର୍ବତନ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲୁ । ଆମ ଉପସ୍ଥିତିରେ ପୂର୍ବତନ ଜିଲ୍ଲାପାଳ ମହୋଦୟା ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଡକାଇ ପ୍ରାଥମିକ ବିଦ୍ୟାଳୟ ଯେପରି ପୂର୍ବବତ ସୁଚାରୁ ରୂପେ ଚାଲିବ ତାର ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲାପାଳ ମହୋଦୟାଙ୍କ ଆଦେଶ ଅନୁଯାୟୀ ଜିଲ୍ଲା ଶିକ୍ଷାଧିକାରୀ ମହୋଦୟ ପ୍ରାଥମିକ ବିଦ୍ୟାଳୟ ନିର୍ମିତ ଗଠନ ହୋଇଥିବା ନୂତନ କମିଟିକୁ ଅନୁମୋଦନ କରିବା ତଥା ବିଦ୍ୟାଳୟକୁ ଅନୁମତି ପ୍ରଦାନ ନିମନ୍ତେ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟରେ ଆବେଦନ କରିବା ପାଇଁ କମିଟିର ସମ୍ପାଦକ ବିଜୟ କୁମାର ମହାନ୍ତିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନୁଯାୟୀ, ଗତ ତା.୧୦,୦୫,୨୦୨୨ରିଖ ଦିନ ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ ଓ ଜିଲ୍ଲାପାଳଙ୍କୁ ଲିଖତ ଭାବେ କମିଟି ତରଫରୁ ଆବେଦନ କରାଯାଇଅଛି । ପୁନର୍ବାର ଜିଲ୍ଲାପାଳ ମହୋଦୟ ତା.୦୨.୦୬.୨୦୨୨ ରିଖ ଦିନ ଜିଲ୍ଲା ଶିକ୍ଷାଧିକାରୀଙ୍କୁ କମିଟି ଅନୁମୋଦନ ଓ ବିଦ୍ୟାଳୟକୁ ଅନୁମତି ପ୍ରଦାନ ନିମନ୍ତେ ଜଣାଇଥିଲେ । ଗତ ତା,୦୮,୦୭.୦୨୨ରିଖ ଦିନ ଶ୍ରୀ ସତ୍ୟସାଇ ପ୍ରାଥମିକ ବିଦ୍ୟାଳୟର ସମସ୍ୟା ବିଷୟରେ ପୁନର୍ବାର ନୂତନ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା । ତା.୧୫.୦୭.୨୦୨୨ ରିଖ ଦିନ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ପୁନର୍ବାର ପ୍ରାଥମିକ ବିଦ୍ୟାଳୟ ପରିଚାଳନା ନିମନ୍ତେ ନୂତନ କମିଟିକୁ ଅନୁମତି ପ୍ରଦାନ କରିବାକୁ ଅନୁରୋଧ କରାଯାଇଥିଲେ ମଧ ତାହା ବର୍ତମାନ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇନାହିଁ । ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀମତୀ ଆଚାର୍ଯ୍ୟ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ମାନଙ୍କୁ ଚାରିମାସ ହେବ ଦରମା ନଦେଇ ଧମକ ଚମକ ଦେବା ଭଳି ମାନସିକ ନିର୍ଯ୍ୟାତନା ଦେଉଛନ୍ତି । ଅଭିଭାବକ ମାନଙ୍କୁ ଡକାଇ ଗତ ତା.୦୫,୦୮.୨୦୨୨ ରିଖ ଦିନ ଧମକ ଦେବା ସହିତ ମାସିକ ଦେୟ ୨୦୦ ଟଙ୍କା ଦେବା ପାଇଁ ବାଧ ରୁଛନ୍ତି । ଜଣେ ସରକାରୀ ଅନୁଦାନ ପ୍ରାପ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ହୋଇଥିଲେ ମଧ ସେ କେଉଁ ଆଇନ୍ ଓ କାହା ଅନୁମତି ବଳରେ ଦୀର୍ଘ ବର୍ଷ ଧରି ଏକ ବେସରକାରୀ ପ୍ରାଥମିକ ବିଦ୍ୟାଳୟକୁ ତାଙ୍କ ଅଧିନରେ ରଖି ଟଙ୍କା ଆଦାୟ କରିବା କେତେଦୂର ଯୁକ୍ତିଯୁକ୍ତ ନ୍ୟାୟସଙ୍ଗତ ଓ ଆଇନ୍ ସମ୍ମତ ଆମେ ଜାଣିବାକୁ ଚାହୁଁଛୁ । ଅତ୍ୟନ୍ତ ଦୁଃଖ ତଥା ପରିତାପର ବିଷୟ ଏହି ଯେ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀମତୀ ଆଚାର୍ଯ୍ୟ ପ୍ରାଥମିକ ବିଦ୍ୟାଳୟର କୋମଳମତି ଶିଶୁମାନଙ୍କୁ ଦୁର୍ବ୍ୟବହାର କରିବା ଏବଂ ଆମକୁ ବୈଠକକୁ ଡାକି ଡରାଇ ଧମକାଇ ଅପଶବ୍ଦ ପ୍ରୟୋଗ କରି ଅନୁଚିତ୍ ବ୍ୟବହାର ଦେଖାଇବା ଜଣେ ପ୍ରଧାନଶିକ୍ଷକଙ୍କ ପକ୍ଷରେ କେତେଦୂର ଯୁକ୍ତି ଯୁକ୍ତ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ଦୀର୍ଘଦିନ ଧରି ଦରମା ନଦେଇ ଭୟଭୀତ କରାଇ ରଖିବା ସତ୍ତ୍ୱେ ସେମାନେ ମାନସିକ ଚାପରେ ରହି ମଧ ଆମ ପିଲାମାନଙ୍କୁ ଅକୁଣ୍ଠଚିତରେ ଶିକ୍ଷାଦାନ କରି ଚାଲିଛନ୍ତି ।

# ବିଜେଡ଼ି ଲିଗାଲ ସେଲ୍ ଅଧକ୍ଷ ମିଳନ କାନୁନଗୋ ଚିଟଫଣ୍ଡ କମ୍ପାନୀମାନଙ୍କ ପାଇଁ ଓକିଲାତି ବିରୋଧରେ ପ୍ରତିବାଦ ସଭା

ଭୁବନେଶ୍ୱର,୦୯/୦୮ (ନି.ପ୍ର): ବିଗତ ୧୦ରୁ ୧୨ ବର୍ଷ ଧରି ଓଡ଼ିଶାରେ ବିଭିନ୍ନ ଚିଟଫଣ୍ଡ କମ୍ପାନୀ ଦ୍ୱାରା ଲୁଣ୍ଠିତ ଜମାକାରୀମାନେ ସେମାନଙ୍କ ସଂଚିତ ଧନ ଫେରିପାଇବା ଆଶାରେ ଗ୍ରହିଁ ବସିଥିବା ସମୟରେ ଶାସକ ବିଜୁ ଜନତା ଦଳ ସେମାନଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜିବା ପାଇଁ ପ୍ରୟାସ କରିଛି । ହଜାର ହଜାର କୋଟି ଟଙ୍କା ଠକି ନେଇଥିବା ଚିଟଫଣ୍ଡ କମ୍ପାନୀଗୁଡ଼ିକ ପାଇଁ ଓକିଲାତି କରୁଛନ୍ତି, ବି.ଜେ.ଡ଼ି ଲିଗାଲ ସେଲ୍ ମୁଖ୍ୟ ମିଳନ କାନୁନ୍‌ଗୋ । ଗୋଟିଏ ପଟେ ଜମାକାରୀଙ୍କ ଟଙ୍କା ଫେରାଇବାର ମିଛି ପ୍ରତିଶ୍ରୁତି ଦେଉଛନ୍ତି ମୁଖ୍ୟମନ୍ତ୍ରୀ, ଅନ୍ୟପଟେ ତାଙ୍କର ମୁଖ୍ୟ ଆଇନ କାର୍ପଟଦାର ମିଳନଙ୍କୁ ଲଗାଇ ଚିଟଫଣ୍ଡ ଲୁଟେରାଙ୍କୁ ସୁରକ୍ଷା ଯୋଗାଇ ଦେଉଛନ୍ତି । ଏଭଳି ଅଭିଯୋଗ ଆଣି ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ 'ଜନ ଅଧିକାର ମଂଚ, ଓଡ଼ିଶା' ତରଫରୁ ଏପ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା । ଜନ ଅଧିକାର ମଂଚର ଆବାହକ ସଂଗ୍ରାମ କିଶୋରଙ୍କ ନେତୃତ୍ୱରେ ଆୟୋଜିତ ପ୍ରତିବାଦ ବିକ୍ଷୋଭରେ ଆଜି ଲୋୟର ପିଏମ୍‌ଜିଠାରେ ସଂଗଠନର ଶତାଧିକ କର୍ମକର୍ତା ଓ କ୍ଷତିଗ୍ରସ୍ତ ଚିଟଫଣ୍ଡ ଜମାକାରୀ ଉପସ୍ଥିତ ଥିଲେ । ୫ ଶହ କୋଟି ଠକିଥିବା ଏ.ଟି ଗ୍ରୁପ୍ ମୁଖ୍ୟ ପ୍ରଦୀପ ସେଠୀ, ୧୭ ହଜାର କୋଟି ଲୁଟିଥିବା ରୋଜ ଭ୍ୟାଲି ମୁଖ୍ୟ ଶ୍ରୀକାନ୍ତ ମୋହତା, ୯ ଶହ କୋଟି ଲୁଟିଥିବା ଗୋଲ୍ଡ଼େନ ଡ଼େଭଲପର୍ସ ମୁଖ୍ୟ ବିଜୟ ବର୍ମାଙ୍କୁ ବଂଚାଇବାକୁ ମିଳନ ସେମାନଙ୍କ ଓକିଲ ଭାବେ ଲଢି ତାଙ୍କ ସରକାରୀ ରକ୍ଷାକବଚ ସାଜିଥିବା ସଂଗ୍ରାମ ଅଭିଯୋଗ ଆଣିଛନ୍ତି । ବିଜେଡ଼ି ଡ଼ାହାଣୀ ହୋଇ ଲାଗି, ଗୁଣିଆ ହୋଇ ଝାଡ଼ିଲେ ଜମାକାରୀ କିଭଳି ତାଙ୍କ ଟଙ୍କା ଫେରିପାଇବେ ବୋଲି ସେ ପ୍ରଶ୍ନ କରିଛନ୍ତି । ଏହି ପ୍ରତିବାଦ ସଭାରେ କୃଷକ ନେତା ଶୁଭେନ୍ଦୁ ମଲ୍ଲିକ (ସହ ଆବାହକ) ଯୋଗଦେଇ କହିଥିଲେ ଯେ, ଚିଟଫଣ୍ଡ ଟଙ୍କା ଫେରାଇବା ପାଇଁ ସରକାର ପ୍ରଥମେ ୩୦୦ କୋଟିର କର୍ପସ ଫଣ୍ଡ ଓ ଜଷ୍ଟିସ ପାତ୍ରଙ୍କ ନେତୃତ୍ୱରେ ଏକ କମିଶନ ଗଠନ କଲେ । ଗତ ୫ ବର୍ଷ ମଧ୍ୟରେ ୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଜମାକାରୀ ମାତ୍ର ୮ କୋଟି ଟଙ୍କା ଫେରି ପାଇଛନ୍ତି । ଏଭଳି ସମୟରେ ମିଳନ କାନୁନଗୋ ଯଦି ଚିଟଫଣ୍ଡ ଲୁଟେରାଙ୍କ ଓକିଲ ହେବେ, ତେବେ ଜମାକାରୀଙ୍କ ପ୍ରତି ବିଜେଡ଼ି ଛଳନା କରୁଛି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ପ୍ରଧାନ, କାହ୍ନୁଚରଣ ବେହେରା, ସତ୍ୟପୀର ଚମ୍ପତି, ଜୟନ୍ତ ତ୍ରିପାଠୀ, ବାନମ୍ବର ଚମ୍ପତି, ପ୍ରସନ୍ନ ବରାଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚ୍ଳନା କରିବା ସହ ମିଳନ କାନୁନଗୋଙ୍କ କୁଶ ପୁତଳିକା ଦାହ କରିଥିଲେ ।

## ଏଫଏମ ୟୁନିଭର୍ସିଟିରେ କାନ୍ତକବି ଚେୟାର ସ୍ଥାପନ ଦାବି



ବାଲେଶ୍ୱର,୦୯/୦୮ (ନି.ପ୍ର): ଆଧୁନିକ ଓଡ଼ିଆ ସାହିତ୍ୟର ଯଶସ୍ୱୀ କବି, କଥାକାର, ନାଟ୍ୟକାର ତଥା ପ୍ରାବନ୍ଧିକ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଥିଲେ ଅବିଭକ୍ତ ବାଲେଶ୍ୱର ଜିଲାର ଅନ୍ୟତମ ବରପୁତ୍ର। ଭାଷା ସୁରକ୍ଷା, ପତ୍ରପତ୍ରିକା ଆନ୍ଦୋଳନ, ଜାତୀୟ ସଂଗ୍ରାମ ଆଦି ବହୁବିଧ କ୍ଷେତ୍ରରେ ଲେଖନୀ ଚାଳନା କରି ସମଗ୍ର ଉତ୍କଳକୁ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ। ତାଙ୍କ କୀର୍ତ୍ତି ଓ କୃତିତ୍ୱକୁ ସମ୍ମାନ ଜଣାଇ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ କାନ୍ତକବିଙ୍କ ପୂର୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ଓ ଓଡ଼ିଆ ଭାଷା ସାହିତ୍ୟ ବିଭାଗରେ 'କାନ୍ତକବି ଚେୟାର' ପ୍ରତିଷ୍ଠା ନିମନ୍ତେ ଦାବି ଜୋର ଧରିଛି। ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ପ୍ରତିଷ୍ଠାତା ସଭାପତି ଅଜୟ ନାୟକଙ୍କ ନେତୃତ୍ୱରେ ଭଦ୍ରକର ବିଭିନ୍ନ ସାରସ୍ୱତ, ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହିତ ବହୁ ବୁଦ୍ଧିଜୀବୀ ମଙ୍ଗଳବାର ଫକୀର ମୋହନ ବିଶ୍ୱବିଦ୍ୟାଳ କୁଳପତି ପ୍ରଫେସର ଡକ୍ଟର ସନ୍ତୋଷ କୁମାର ତ୍ରିପାଠୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କୁଳପତିଙ୍କୁ ଉକ୍ତ ଦାବିପତ୍ର ପ୍ରଦାନ ବେଳେ ଭଦ୍ରକ ସାହିତ୍ୟ ପରିଷଦର ସଭାପତି ପ୍ରଫେସର ଡକ୍ଟର ରାଧାରାଣୀ ମହାପାତ୍ର, ସମ୍ପାଦକ ବିଜୟବହଳଲୀ, ଭଦ୍ରକ ପୂଜ୍ୟପୂଜା ସଂସଦର ସଭାପତି କରୁଣାକର ବେହୁରିଆ ଓ ସମ୍ପାଦକ ରୂପକ ବିହାରୀ ରାୟ, ଚରମ୍ପା ସାହିତ୍ୟ ସାଂସ୍କୃତିକ ମଞ୍ଚ କାର୍ଯ୍ୟକାରୀ ସମ୍ପାଦକ ବାବୁଲାଲ ଦାସ, ଭଦ୍ରକ ଓକିଲ ସଂଘର ସଭାପତି ଦିଲୀପ ମହାପାତ୍ର, ସମ୍ପାଦକ ସୂର୍ଯ୍ୟକାନ୍ତ କୁଅଁର, ବରିଷ୍ଠ ନାଗରିକ ମହାସଂଘର ସମ୍ପାଦକ କୈଳାସ ମହାପାତ୍ର, କାନ୍ତକବି ସାଂସ୍କୃତିକ ମଞ୍ଚର ସମ୍ପାଦକ ଗଦାଧର ବଳ, ଇଣ୍ଡିଆନ ମେଡ଼ିକାଲ ଆସୋସିଏସନ ଜିଲା ସଭାପତି ଡାକ୍ତର ହରେକୃଷ୍ଣ ନାୟକ, ଭଦ୍ରକ ପୁସ୍ତକମେଳା ସମ୍ପାଦକ ଡକ୍ଟର ଅଭୟ କୁମାର ଦାସ, ତିହିଡ଼ି ସାହିତ୍ୟ ସଂସ୍କୃତିକ ମଞ୍ଚର ଉପଦେଷ୍ଟା ଅଧ୍ୟାପକ ବିଶ୍ୱରଂଜନ ଦାସ, ତିହିଡ଼ି ଯୁବମଞ୍ଚ ସମ୍ପାଦକ କୈଳାସ ବେହେରା, ବିମଳା ନାଟ୍ୟ ସଂସଦର ସମ୍ପାଦକ ଗୌରାଙ୍ଗ ବାରିକ, ଭଦ୍ରକ କଲେଜ ପୁରାତନ ଛାତ୍ର ସଂସଦର ସଦସ୍ୟ ଅମରେନ୍ଦ୍ର ବିଶ୍ୱାଳ, ଉତ୍କଳ ସମ୍ମିଳନୀ ଭଦ୍ରକ ଜିଲ୍ଲା ଶାଖା ସଦସ୍ୟ ଚର୍ଚ୍ଚିକା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ଅମୃତ ମହୋତ୍ସବ ପାଳିତ

ଜଳେଶ୍ୱର, ୦୯/୮(ନି.ପ୍ର): ଜଳେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅମୃତ ଉତ୍ସବ ପାଳିତ ହୋଇ ଯାଇଛି। ବିଦ୍ୟାଳୟର ପ୍ରଧାନ ଗୁରୁଜି ରାଧାରଂଜନ ବାଗ ଏଥିରେ ପୌରହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ କପିଳେଶ୍ୱର ମହାନ୍ତି, ମୁଖ୍ୟବକ୍ତାଭାବେ ମୁନିନ୍ଦ୍ର ସୁନ୍ଦର ଦାସ ଯୋଗ ଦେଇ ଅତୀତରେ ଦେଶର ବହୁ ସୁରୀ ତାଙ୍କ ଜୀବନକୁ ବାଜି ଲଗାଇ ସ୍ୱାଧିନତା ଆଣିବାଲାଗି ବଳିଦାନ ଦେଇଛନ୍ତି। ସେପରି ସ୍ମୃତି ସାଉଁଟିବା ଓ ଉତ୍ତର ପିଢୀକୁ ଜଣାଇ ସ୍ୱାଧିନତାକୁ ଅଧିକ ଋଦ୍ଧିମନ୍ତ କରିବାପାଇଁ ୭୫ବର୍ଷ ପୁର୍ତ୍ତୀ ଆଜାଦିକା ଅମୃତ ମହୋତ୍ସବ ପାଳନ ହେଉଥିବା ସଂପର୍କରେ କହିଥିଲେ। ଛାତ୍ରଛାତ୍ରୀମାନେ ସ୍ୱାତନ୍ତ୍ରତା ଆନ୍ଦୋଳନ ସମୟରେ କ୍ରାନ୍ତିକାରୀଙ୍କ ଭୂମିକା ସଂପର୍କରେ ବକ୍ତୃତା ପ୍ରଦାନ କରିଥିଲେ। ସେମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନେ କରାଯାଇଥିଲା। ବନ୍ଦେ ମାତରମ୍ ସ୍ଲୋଗାନ ପ୍ରକମ୍ପିତ ହୋଇ ଉଠିଥିଲା ବିଦ୍ୟାଳୟ।

## ପୁଅ ଝିଅଙ୍କୁ ଭଲପାଇବା ଜିଦ୍ ଆଗରେ ହାର ମାନିଲେ ଦୁଇ ବନପାଳ

ନୀଳଗିରି, ୦୯/୦୮ (ନି.ପ୍ର): ଦୁଇ ବନପାଳଙ୍କ ପୁଅ ଓ ଝିଅ ପରସ୍ପରକୁ ଭଲ ପାଇବା ଆଗରେ ହାର ମାନିଲେ ଦୁଇ ବନପାଳ। ଏନେଇ ମଙ୍ଗଳବାର ଦିନ ଉଭୟପକ୍ଷଙ୍କ ମଧ୍ୟରେ ନୀଳଗିରି ଥାନା ପରିରରେ ଏକ ଅଶାନ୍ତ ବାତାବରଣ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଉଭୟ ପୁଅ ଓ ଝିଅ ନୀଳଗିରି ଥାନାରେ ଆତ୍ମସମର୍ପଣ କଲାପରେ ଉଭୟ ପକ୍ଷ ପରିବାର ମଧ୍ୟରେ ନୀଳଗିରି ଥାନାରେ ପାଟିତୁଣ୍ଡ ହୋଇଥିବା ଦେଖିବାକୁ ମିଳିଛି। ଶେଷରେ ଝିଅର ବୟାନ ଅନୁଯାୟୀ ନିଜର ଲଭର ସହିତ ରହିବାର ନିଷ୍ପତ୍ତି ନେଲା ପରେ ଝିଅର ପରିବାର ଲୋକେ ଥାନାରେ ଫେରି ଯାଇଥିଲେ। ପ୍ରାପ୍ତ ସୂଚନା ଅନୁସାରେ ମିତ୍ରପୁର ଫରେଷ୍ଟର ସରୋଜ ପ୍ରଧାନଙ୍କ ପୁଅ ହାତୀକୁଲିଆ ଫରେଷ୍ଟର ବିଜୟ ସାହୁ ଙ୍କ ଝିଅ ସହିତ କିଛି ମାସ ପୂର୍ବରୁ ଭଲ ପାଇବାର ପାହାଡ଼ ସୃଷ୍ଟି ହୋଇଥିଲା। ଉଭୟ ପରସ୍ପରକୁ ଭଲ ପାଇ ଆସୁଥିବା ବେଳେ ଦୁଇ ପରିବାର ଏହାକୁ ଗ୍ରହଣ କରିପାରି ନ ଥିଲେ। ଶେଷରେ ପୁଅ ଝିଅ ଘରଛାଡ଼ି ପଳାଇ ଯାଇଥିଲେ। ଆଜି ପୁଅ ଝିଅ ନୀଳଗିରି ଥାନାରେ ପହଂଚିବା ପରେ ଉଭୟ ପରିବାର ଥାନାରେ ପହଂଚିଥିଲେ। ଯେହେତୁ ଝିଅଟି ସାବାଳିକା ହୋଇଥିବା ବେଳେ ତାହାର ବୟାନ ଅନୁଯାୟୀ ପୁଅ ସହିତ ଯିବବୋଲି ମତ ରଖିବା ପରେ ପୁଅ ଝିଅ ଉଭୟ ପୋଲିସ ଛାଡ଼ି ଦେବା ପରେ ପୁଅର ବାପା ମା ତାଙ୍କୁ ବିବାହ ପାଇଁ ସ୍ୱୀକୃତି ଦେବାର ଶୁଣିବାକୁ ମିଳିଥିବା ବେଳେ ପୁଅର ବାପାଙ୍କ ସହ ନିଜ ଘରକୁ ଯାଇଛନ୍ତି।

## ନବବଧୂଙ୍କ ମୃତ୍ୟୁ ସନ୍ଦେହ ଘେରରେ

ନୀଳଗିରି, ୦୯/୦୮ (ନି.ପ୍ର): ନୀଳଗିରି ଥାନା ବାଉଁଶବଣିଆ ପଂଚାୟତର ମାନଗଡ଼ ଗ୍ରାମରେ ପ୍ରଫୁଲ୍ଲ ବାରିକ (୨୫) ମୟୂରଭଂଜ ଜିଲ୍ଲା କପ୍ତିପଦା ଥାନା ଅଧୀନସ୍ଥ ଗେଣ୍ଡାଗଡ଼ିଆ ଗାଁର ଅଜୟ ବାରିକଙ୍କ ଝିଅ ମଧୁସ୍ମିତାଙ୍କୁ ଏକବର୍ଷ ପୂର୍ବରୁ ବୈଦିକ ରୀତିରେ ବିବାହ କରିଥିଲେ। ଗତ ତା.୮.୮.୨୨ରିଖ ସନ୍ଧ୍ୟାରେ ମଧୁସ୍ମିତାର ମୃତ ଦେହ ଶିଢ଼ି ପାହାଚ ତଳେ ପଡ଼ିଥିବା ବେଳେ ଏହା ହତ୍ୟା ନା ଆମହତ୍ୟା ତାହା ଏବେ ଲୋକଙ୍କ ମନରେ ଉଙ୍କି ମାରୁଛି। ଏ ନେଇ ଶ୍ୱଶୁର ଘର ପରିବାର ଲୋକେ ଛାତରୁ ପଡ଼ିଥିବା କହୁଥିବା ବେଳେ ଶାଢ଼ି ଲଗାଇ ଆତ୍ମହତ୍ୟା କରିଥିବା କଥାକୁ ବାପଘରେ ଲୋକେ ସହଜରେ ଗ୍ରହଣ କରି ପାରୁ ନ ଥିବା ବେଳେ ଝିଅକୁ ମାରିଦେଇଥିବା ନେଇ ନୀଳଗିରି ଥାନାରେ ଅଭିଯୋଗ କରିଲା ପରେ ମୃତକର ସ୍ୱାମୀ ପ୍ରଫୁଲ୍ଲ କୁ ଗିରଫ କରିଛି। ମୃତ୍ୟୁ ଘଟଣାରେ ସଂପୃକ୍ତି ଥିବା ପରିବାରର ସଦସ୍ୟମାନଙ୍କୁ ତୁରନ୍ତ ପୋଲିସ ଗିରଫ କରିବା ଓ ମୃତ ଶରୀରକୁ ଶ୍ୱଶୁର ଘର ଲୋକେ ନେଇ ଦାହ କରିବା ପ୍ରତିବାଦରେ ମିତ୍ରପୁର-ନୀଳଗିରି ରାସ୍ତାର ଥାନା ଛକ ଠାରେ କେଇଁ ଘଂଟା ପାଇଁ ରାସ୍ତା ଅବରୋଧ କରି ବସିଥିଲେ। ଆଇ.ଆଇ.ସି. ଗୋପାଳ କୃଷ୍ଣ କର୍ଣ୍ଣ ଉତ୍ୟକ୍ତ ଲୋକଙ୍କୁ ବୁଝାଇ ଥିଲେ କି ଯଦି ଝିଅ ଘର ପରିବାର ଲୋକେ ମରଶରୀରକୁ ନେବାର ଅଛି ନିଅନ୍ତୁ କିମ୍ବା ତାର ସ୍ୱାମୀର ପରିବାର ଲୋକଙ୍କୁ ଶବଦାହ ପାଇଁ ଅନୁମତି ଦେଲେ ସେ ନେଇଯିବେ ବୋଲି ବୁଝାଇଥିଲେ। ମାତ୍ର ତୁରନ୍ତ ସେମାନଙ୍କୁ ଗିରଫ ଦାବୀରେ ରାସ୍ତା ଅବରୋଧ କରିଥିଲେ। ଶେଷରେ କେଇଘଂଟା ପରେ ଆପେ ଆପେ ରାସ୍ତା ଅବରୋଧ ହଟେଇ ଦେଇଥିଲେ। ମୃତ ଶରୀରକୁ ପୋଲିସ ଶ୍ୱଶୁର ଘରର ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

## ହୃଦ୍‌ଘାତରେ ମହିୟସୀ ମହିଳାଙ୍କ ପରଲୋକ

ଜଳେଶ୍ୱର, ୦୯/୮(ନି.ପ୍ର): ଜଳେଶ୍ୱର ଅଂଚଳରେ ଜଣେ ସମାଜସେବୀ, ପରପୋକାରୀ, ମିଷ୍ଟଭାଷୀ, ଧର୍ମପରାୟଣା ନାରୀଭାବେ ନଛିମପୁର ପଂଚାୟତର ନାଙ୍ଗୁଡସାହି ଗାଁର ଶିକ୍ଷାବିତ୍ ତ୍ରିଲୋଚନ ଦାସ ଅଧିକାରୀଙ୍କ ସ୍ତ୍ରୀ ନିର୍ମଳା ଦାସ ଅଧିକାରୀ(୬୪) ବେସ୍ ପରିଚିତ। ଗତ ସୋମବାର ଅପରାହ୍ନରେ ନିଜ ଘରେ ହଠାତ୍ ହୃଦ୍‌ଘାତ ହେବାରୁ ପଡି ଯାଇଥିଲେ। ତାଙ୍କୁ ତୁରନ୍ତ ଜିକେ ଭଟ୍ଟର ହସ୍‌ପିଟାଲକୁ ନିଆଯାଇଥିଲା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗାଁ ଶ୍ମଶାନରେ ସମାଜସେବୀ ତଥା ପୁତ୍ର ଆଦିକନ୍ଦ ଦାସ ଅଧିକାରୀ ମୁଖାଗ୍ନି ଦେଇଥିବା ବେଳେ ତାଙ୍କ ଛିଅ ତଥା ଅର୍ଣ୍ଣବର ମୁଖ୍ୟ ଦୀପ୍ତି ନନ୍ଦୀ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ସହିତ କଂଗ୍ରେସ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ଶେଷ ଦର୍ଶନ କରିଥିଲେ।

## ଏଚପିସିଏଲ ବାଲେଶ୍ୱର ଡିପୋକୁ ମିଳିଲା ଅଞ୍ଚଳସ୍ତରୀୟ ହିନ୍ଦୀ ସମନ୍ୱୟ ପୁରସ୍କାର

ବାଲେଶ୍ୱର,୦୯/୦୮ (ନି.ପ୍ର): ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ଏଚପିସିଏଲ)ର ପୂର୍ବ ଆଞ୍ଚଳିକ କ୍ଷେତ୍ର ପକ୍ଷରୁ ରାଜଭାଷା ହିନ୍ଦୀ ସମ୍ମେଳନ ଗୌହାଟୀରେ ଗତ ୪ ଓ ୫ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ରାଜଭାଷା ବିଭାଗ ଉପ-ନିର୍ଦ୍ଦେଶକ ବଦ୍ରି ଯାଦବ, ପୂର୍ବାଞ୍ଚଳ ମୁଖ୍ୟ ମହାପ୍ରବନ୍ଧକ ମୋହିତ ଧବନ ଓ ହେମନ୍ତ କୁମାର ସିଂହ, ଏଲପିଜି ମହାପ୍ରବନ୍ଧକ ସଲିମ ଖାନ, ରାଜଭାଷା ପୂର୍ବାଞ୍ଚଳ କ୍ଷେତ୍ର ମହାପ୍ରବନ୍ଧକ ଅତନୁ ଚଟ୍ଟୋପାଧ୍ୟାୟ ପ୍ରମୁଖଙ୍କ ସମେତ ବହ ବରିଷ୍ଠ ଅଧିକାରୀ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ରାଜଭାଷାର ବିକାଶ ଓ ସମୃଦ୍ଧି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ତେବେ ରାଜଭାଷା ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏଚପିସିଏଲ, ବାଲେଶ୍ୱର ଡିପୋକୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ପୂର୍ବାଞ୍ଚଳ ମୁଖ୍ୟ ମହାପ୍ରବନ୍ଧକ ମୋହିତ ଧବନ ଏହି ପୁରସ୍କାର ପ୍ରଦାନ କରିଥିଲେ। ବାଲେଶ୍ୱର ଡିପୋର କ୍ଷେତ୍ରୀୟ ମୁଖ୍ୟ ପ୍ରବନ୍ଧକ ଫାଲଗୁନୀ ଚନ୍ଦ୍ର ସାହୁ ହିନ୍ଦୀ ସମନ୍ୱୟକ ପୁରସ୍କାର ଗ୍ରହଣ କରିଥିବା ବେଳେ ବାଲେଶ୍ୱର ଡିପୋ କାର୍ଯ୍ୟକର୍ତ୍ତା ମୁକେଶ କୁମାର ମଧ୍ୟ ଉପସ୍ଥିତ ଥିଲେ। ଦୁଇଦିନ ଧରି ଚାଲିଥିବା ଏହି ସମ୍ମିଳନୀରେ ବିଭିନ୍ନ ରାଜ୍ୟର ହିନ୍ଦୀ ସମନ୍ୱୟକଙ୍କ ଦ୍ୱାରା ହୋଇଥିବା ବିଭିନ୍ନ କାର୍ଯ୍ୟର ବିବରଣୀ ପୁସ୍ତିକା ପ୍ରଦର୍ଶିତ ହୋଇଥିଲା। ଏଥିରେ ଫାଲଗୁନୀ ଚନ୍ଦ୍ର ସାହୁ ମଧ୍ୟ ଉପସ୍ଥିତ ରହି ପୁରସ୍କାର ଓ ବିବରଣୀ ପୁସ୍ତିକା ପ୍ରଦର୍ଶିତ କରିଥିଲେ। ରାଜଭାଷା ହିନ୍ଦୀ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ ଯୋଗୁଁ ମିଳିଥିବା ଏହି ପୁରସ୍କାର ଓଡ଼ିଶା ପାଇଁ ଗୌରବର ବିଷୟ ହୋଇଛି। ରାଜଭାଷା ହିନ୍ଦୀ ପ୍ରତି ଓଡ଼ିଶାର ଏହା ପ୍ରକୃତ ସମ୍ମାନ ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି।

## ରାଜଧାନୀରେ ୭୦ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୦୯/୦୮ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ମଙ୍ଗଳବାର ମୋଟ ୭୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି କୁହାଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୫୬ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୩ ହଜାର ୯୮୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୬୧ ହଜାର ୬୬୪ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୬ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲା ବେଳେ ୧୧୦୫ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି। ଗତକାଲି ଭୁବନେଶ୍ୱରରେ ୬୫ ପଜିଟିଭ୍ ଚିହ୍ନଟ ହୋଇଥିଲେ।

## କ୍ରାନ୍ତି ଦିବସରୁ ଆରମ୍ଭ, ୧୪ରେ ଭୋଗରାଇରେ ଶେଷ

ନୀଳଗିରି, ୦୯/୦୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା କଂଗ୍ରେସ ଦଳ ପକ୍ଷରୁ ଅଗଷ୍ଟ ୯ ରୁ ଅଗଷ୍ଟ ୧୪ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ବ୍ଲକରେ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଜନସଚେତନତା ପଦଯାତ୍ରା ଆରମ୍ଭ କରିଛି। ପ୍ରଥମଦିନ ନୀଳଗରି ବ୍ଲକରେ ଆଜିର ଏହି ପଦଯାତ୍ରା ଆରମ୍ଭ କରାଯାଇଛି। ନୀଳଗିରି ଜଗନ୍ନାଥ ମନ୍ଦିରରୁ ପୂଜାର୍ଚ୍ଚନା କରି ଏକ ବିଶାଳ ଶୋଭାଯାତ୍ରାରେ କଂଗ୍ରେସ ନେତୃମଣ୍ଡଳୀ ସମେତ କର୍ମୀମାନେ ପଦଯାତ୍ରା ଆରମ୍ଭ କରିଥିଲେ। ନବଜ୍ୟୋତି ପଟ୍ଟନାୟକଙ୍କ ନେତୃତ୍ୱରେ ଜନସଚେତନ ପଦଯାତ୍ରା ଆରମ୍ଭ କରିଥିଲେ। ନବଜ୍ୟୋତି ପଟ୍ଟନାୟକଙ୍କ ନେତୃତ୍ୱରେ ଜନସଚେତନ ପଦଯାତ୍ରା ଆରମ୍ଭ କରାଯାଇଥିବା ବେଳେ ରାଜ୍ୟ ପର୍ଯ୍ୟବେକ୍ଷକ ଡା.ଦେବାଶିଷ ପଟ୍ଟନାୟକ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରାରେ ଜିଲ୍ଲା ସଭାପତି ସଂଜୁଗିରି ଅଧକ୍ଷତା କରିଥିବାବେଳେ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ, ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟ, ପୂର୍ବତନ ବିଧାୟକ ଚିତରଂଜନ ଷଡ଼ଙ୍ଗୀ, ରାଣୀ ମନୋଜା ମଂଜରୀ ଦେବୀ, ମଂଚାସୀନ ରହି ଉଭୟ କେନ୍ଦ୍ର ଓ ରାଜ୍ୟ ସରକରଙ୍କ ବିରୋଧରେ ବକ୍ତବ୍ୟ ରଖିଥିଲେ।

## +୩ ବିଜ୍ଞାନ ଓ +୩ କଳାରେ ନୂତନ ଅନର୍ସ ବିଷୟ ଖୋଲିବାକୁ ସଚେତନ ନାଗରିକ ମଞ୍ଚ ତରଫରୁ ଦାବି

ବାରିପଦା, ୦୯/୦୮ (ନି.ପ୍ର): ବାରିପଦା ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ୧୯୯୮-୯୯ ମସିହାରୁ ଅନୁମତି ପାଇଅଛି। ଏଥି ମଧ୍ୟରେ ଏହି ମହାବିଦ୍ୟାଳୟରେ +୩ କଳା, +୩ ବିଜ୍ଞାନ ଓ +୩ ବାଣିଜ୍ୟ ଏବଂ ଏମ.ଏ. (ପି.ଏମ.ଆଇ.ଆର) ଶ୍ରେଣୀ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତି ପାଇବା ସହିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁବନ୍ଧିତ। ଏହା ଛଡା ବିଶ୍ୱବିଦ୍ୟାଳୟ ଆୟୋଗ ଦ୍ୱାରା ୨(ଏଫ) ଏବଂ ୧୨(ବି)ରେ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ। ମହାବିଦ୍ୟାଳୟ ତରଫରୁ ୨୦୧୭-୧୮ ମସିହାରେ +୩ କଳାରେ ସଂସ୍କୃତ, ସୋସିଓଲୋଜି, ସାଇକୋଲୋଜି, ହୋମ ସାଇନସ ଏବଂ +୩ କଳାରେ ଜିଓଲୋଜି, ଗଣିତ ଏବଂ କମ୍ପ୍ୟୁଟର ସାଇନ୍ସ ବିଷୟରେ ଅନର୍ସ ( ସମ୍ମାନ) ଖୋଲିବା ନିମନ୍ତେ ଅନଲାଇନ ଆବେଦନ କରିଥିଲେ। ବାଲେଶ୍ୱରସ୍ଥିତ ରିଜିଓନାଲ ଡାଇରେକ୍ଟର ଅଫ୍ ଏଜୁକେସନ ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପ୍ରତିନିଧିଙ୍କ ଦ୍ୱାରା ଯୁଗ୍ମ ପରିଦର୍ଶନ କରାଯାଇଥିଲା କିନ୍ତୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା କୌଣସି ନିଷ୍ପତ୍ତି ନ କରିବାରୁ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ତରଫରୁ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୋର୍ଟରେ ଅପିଲ କରାଯାଇଥିଲା ଏବଂ ରାଜ୍ୟ ସରକାରଙ୍କ ତରଫରୁ ତା. ୪.୫.୨୦୨୨ରେ ପ୍ରଥମେ ଶୁଣାଣି କରାଯାଇଥିଲା। ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ମହାବିଦ୍ୟାଳୟ ତରଫରୁ ଲିଖିତ ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି କିନ୍ତୁ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ +୩ କଳା ଓ ବିଜ୍ଞାନରେ ନୂତନ ଶ୍ରେଣୀ ଖୋଲିବାକୁ ଅନୁମତି ଦେଇନାହାନ୍ତି। ଏହି ମହାବିଦ୍ୟାଳୟରେ +୩ କଳା ଓ ବିଜ୍ଞାନରେ ନୂତନ ସମ୍ମାନ ଶ୍ରେଣୀ ଖୋଲିବା ନିମନ୍ତେ ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ତଥା ବାଙ୍ଗିରିପୋଷି ବିଧାୟକ ସୁଦାମ ମାରାଣ୍ଡି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଅନୁରୋଧ ପତ୍ର ଦେବା ସହିତ ସଂପୃକ୍ତ ଅନୁରୋଧ ପତ୍ରର ନକଲ ଉଚ୍ଚଶିକ୍ଷା ଶାସନ ସଚିବଙ୍କୁ ମଧ୍ୟ ପ୍ରଦାନ କରିଥିଲେ କିନ୍ତୁ ବିଭାଗ ତରଫରୁ କୌଣସି ନିଷ୍ପତ୍ତି ଆଜି ପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ। ମୟୂରଭଞ୍ଜ ଜିଲ୍ଲା ଏକ ଆଦିବାସୀ ବହୁଳ ଜିଲ୍ଲା। ତେଣୁ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ମହାବିଦ୍ୟାଳୟରେ ନୂତନ ସମ୍ମାନ ଶ୍ରେଣୀ ଖୋଲାଯିବାର ଆବଶ୍ୟକତା ରହିଛି ବୋଲି ବାରିପଦାର ପୂର୍ବତନ ବିଧାୟକ ତଥା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପୂର୍ବତନ ସିଣ୍ଡିକେଟ ସଦସ୍ୟ କିଶୋର ଦାଶ ମତ ପ୍ରକାଶ କରିଛନ୍ତି। ତେଣୁ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ କିଶୋର ଦାଶ ଦୃଢ ଦାବୀ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ତାଇଓ୍ୱାନକୁ ଭୟ ଚୀନ ଭୂତାଣୁ !....

ଦୂର ଲକ୍ଷ୍ୟଭେଦି କ୍ଷେପଣାସ୍ତ୍ର ଚଳାଇ ତାଇଓ୍ୱାନକୁ ନାଲି ଆଖି ଦେଖାଇବାକୁ ପଛାଇନାହିଁ ପିଏଲଏ। ଏହି ଯୁଦ୍ଧାଭ୍ୟାସ ଦ୍ୱାରା ଚୀନ ନିଜ ଶକ୍ତି ପ୍ରଦର୍ଶନ କରିଛି। ଏବେ ଚୀନ୍, ଭୂତାଣୁ ସାହାଯ୍ୟରେ ତାଇଓ୍ୱାନକୁ ଆକ୍ରମଣ କରିବାକୁ ଯୋଜନା କରୁଥିବା ନେଇ ଚର୍ଚ୍ଚା ଜୋର ଧରିଛି। କୁହାଯାଉଛି 'ଜୁନୋଟିକ ଲଙ୍ଗ୍ୟା' ଭୂତାଣୁ ଦ୍ୱାରା ତାଇଓ୍ୱାନ ଉପରେ ଆକ୍ରମଣ କରି ତାଇଓ୍ୱାନକୁ ନିଜ କବଜାକୁ ନେବାକୁ ପ୍ରୟାସ କରୁଛି ଚୀନ୍। ଏପରି ଦାବି କରୁଛି ତାଇଓ୍ୱାନ। ଏନେଇ ଅନ୍ତର୍ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ତାଇଓ୍ୱାନକୁ ହାତରେ ନମାରି ଭାତରେ ମାରିବାକୁ ଚେଷ୍ଟା ଚଳାଇଛି ବେଜିଂ। ବିସ୍ତାରବାଦୀ ନୀତି ପାଇଁ ଚୀନ୍ ଏଭଳି କରୁଆସୁଥିବା ତାଇଓ୍ୱାନ କହିଛି। ୨୦୧୯ ଶେଷ ଆଡକୁ ଆରମ୍ଭ ହୋଇଥିଲା କରୋନା ସଂକ୍ରମଣ। ଚୀନ୍ ଉହାନର ଏକ ଲ୍ୟାବରୁ ବ୍ୟାପିଥିଲା କରୋନା ଭୂତାଣୁ ସଂକ୍ରମଣ। ଚୀନରୁ ସଂକ୍ରମଣ ଆରମ୍ଭ ହୋଇ ଏହା ଗୋଟିଏ ପରେ ଗୋଟିଏ ରାଷ୍ଟ୍ରକୁ ବ୍ୟାପିବାରେ ଲାଗିଥିଲା। ୨୦୧୯ରୁ ଆରମ୍ଭ ହୋଇଥିବା ଏହି କରୋନା ଭୂତାଣୁ ସଂକ୍ରମଣ ଏବେ ପର୍ଯ୍ୟନ୍ତ ସାରା ବିଶ୍ୱରେ ଲାଗିରହିଛି। କରୋନା ମହାମାରୀର ପ୍ରଳୟ ସାରା ବିଶ୍ୱକୁ ପ୍ରଭାବିତ କରିଛି। ଚୀନରେ ପ୍ରଥମକରି ଦେଖା ଦେଇଥିବା ଏହି ମାରାତ୍ମକ ଭୂତାଣୁ ଉହାନ ଲ୍ୟାବରେ ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଥିଲା।

### ବିଜେପି ନେତା ଶ୍ରୀକାନ୍ତ ତ୍ୟାଗୀ....

ପଚରାଉଚରା କରିଥିଲା। ଏହାପୂର୍ବରୁ ଉତ୍ତରପ୍ରଦେଶ ପୁଲିସ ଶ୍ରୀକାନ୍ତଙ୍କ ସଂପର୍କରେ ଯିଏ ସୂଚନା ଦେବ ତାଙ୍କୁ ୨୫ ହଜାର ଟଙ୍କା ପୁରସ୍କାର ରାଶି ଦେବାକୁ ଘୋଷଣା ମଧ୍ୟ କରିଥିଲା। ଶ୍ରୀକାନ୍ତଙ୍କୁ ଖୋଜିବା ପାଇଁ ନଏଡା ପୁଲିସ ୮ଟି ଟିମ୍ କରି ୩ଟି ରାଜ୍ୟରେ ତଲାସି ଚଲାଇଥିଲା। ପୁଲିସର ସୂଚନା ଅନୁସାରେ ଶ୍ରୀକାନ୍ତ ତ୍ୟାଗୀଙ୍କ ବିରୋଧରେ ପୂର୍ବରୁ ଅନେକ ଅପରାଧିକ ମାମଲା ରୁଜୁ ହୋଇଛି। ଧାରା ୩୦୭ ସମେତ ଅନେକ ଗୁରୁତର ଦଫାରେ ମୋଟ ୯ଟି ମାମଲା ରୁଜୁ ହୋଇଛି। ଉଲ୍ଲେଖଯୋଗ୍ୟ, ନଏଡାର ଏକ ସୋସାଇଟିରେ ଜଣେ ମହିଳାଙ୍କ ଗଛ ଲଗାଇବାକୁ ନେଇ ଶ୍ରୀକାନ୍ତ ତ୍ୟାଗୀ ତାଙ୍କ ସହ ଅଭଦ୍ରାମୀ କରିଥିଲେ। ନିଜକୁ ଦବଙ୍ଗ ନେତା କହୁଥିବା ଏହି ଶ୍ରୀକାନ୍ତ ସେହି ମହିଳାଙ୍କୁ ଗାଳିଗୁଲଜ କରିଥିଲେ। ଏଥିସହ ମାରପିଟ୍ କରିବାକୁ ମଧ୍ୟ ଉଦ୍ୟମ କରିଥିଲେ। ଅନ୍ୟପକ୍ଷରେ ଶ୍ରୀକାନ୍ତ ନିଜ ଫ୍ଲାଟ ଆଖପାଖଟରେ ଜବରଦଖଲ କରି ରଖିବା ସହ ସୋସାଇଟିର ମେଣ୍ଟେନାନ୍ସ ଚାର୍ଜ ମଧ୍ୟ ଦେଇ ନଥିଲେ। ଏହି ପୂରା ଘଟଣାର ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହୋଇଥିଲା। ଏହାପରେ ଆକ୍ସନ ମୁଡ୍ ?କୁ ଆସିଥିଲେ ଯୋଗୀ ସରକାର।

### ଡୋନାଲ୍ଡ ଟ୍ରମ୍ପଙ୍କ ଘର ସିଜ୍....

ହୋଇଥିଲା, ଯାହାକି ଅନେକ ଘଣ୍ଟା ଧରି ଚାଲିଥିଲା। ଚଢ଼ାଉ ବେଳେ ଉକ୍ତ ଘରେ ଟ୍ରମ୍ପଙ୍କ ସମେତ ତାଙ୍କର ଦୁଇ ଜଣ ଓକିଲ ମଧ୍ୟ ଉପସ୍ଥିତ ଥିଲେ। ତେବେ ଟ୍ରମ୍ପଙ୍କ ବାସଭବନରେ ହୋଇଥିବା ଚଢ଼ାଉ ସମ୍ପର୍କରେ ଆମେରିକା ନ୍ୟାୟ ବିଭାଗ କୌଣସି ମନ୍ତବ୍ୟ ଦେବାକୁ ମନା କରି ଦେଇଛି। ଦି ନ୍ୟୁୟର୍କ ଟାଇମ୍ସ ଏବଂ ରଏଟର୍ସ ରିପୋର୍ଟ ଅନୁଯାୟୀ ଟ୍ରମ୍ପ କହିଛନ୍ତି ଯେ ବହୁ ସଂଖ୍ୟକ ଏଫବିଆଇ ଏଜେଣ୍ଟ ତାଙ୍କ ମାର-ଏ-ଲାଗୋ ଘରେ ଚଢ଼ାଉ କରିଛନ୍ତି। ତେବେ ଏହି ଘଟଣାରେ ଏଫବିଆଇ ମୁଖ୍ୟାଳୟ ଏବଂ ମିଆମି ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ନିରବତା ଅବଲମ୍ବନ କରାଯାଇଛି। ନ୍ୟୁୟର୍କ ଟାଇମ୍ସ ଏହି ଘଟଣାରେ ଚଢ଼ାଉରେ ସମ୍ପୃକ୍ତ ଦୁଇଜଣ ଅଜ୍ଞାତ ବ୍ୟକ୍ତିଙ୍କ ସୂଚନାରୁ ଜଣାଯାଇଛି ଯେ କାର୍ଯ୍ୟକାଳ ଶେଷ ହେବା ପରେ ଟ୍ରମ୍ପ ହ୍ୱାଇଟ୍ ହାଉସରୁ ଫ୍ଲୋରିଡା ଘରକୁ ନେଇଥିବା ଡକ୍ୟୁମେଣ୍ଟ ବାକ୍ସ ଖୋଜା ଚାଲିଛି। ଏହାକୁ ନେଇ ଟ୍ରମ୍ପ କହିଛନ୍ତି, ୨୦୨୪ରେ ରାଷ୍ଟ୍ରପତି ନିର୍ବାଚନରେ ସେ ଯେପରି ପ୍ରାର୍ଥୀ ନ ହୁଅନ୍ତି, ସେଥିଲାଗି ଏହି ଚଢ଼ାଉ କରାଯାଉଛି। ଏହା ଆମ ଦେଶ ପାଇଁ ଅନ୍ଧକାର ସମୟ। ଏହା ପୂର୍ବରୁ ଆମେରିକାର କୌଣସି ବି ରାଷ୍ଟ୍ରପତିଙ୍କ ସହ ଏଭଳି ହୋଇନଥିଲା। ସରକାରୀ ତଦନ୍ତକାରୀ ସଂସ୍ଥା ସହଯୋଗ କରିବା ବଦଳରେ ମୋ ଘରେ ବିନା ସୂଚନାରେ ଚଢ଼ାଉ କରିବା ଅନୁଚିତ ବୋଲି ଟ୍ରମ୍ପ କହିଛନ୍ତି।

### ଅବପାତର ରୂପ ନେଲା ଲଘୁଚାପ ....

ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ବରଗଡ, ସମ୍ବଲପୁର, ଅନୁଗୁଳ ଓ କେନ୍ଦୁଝର ଜିଲ୍ଲାର କିଛି ସ୍ଥାନରେ ଭୀଷଣ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡିକୁ ରେଡ୍ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ସୋନପୁର, ବଲାଙ୍ଗିର, ବୌଦ୍ଧ, କଳାହାଣ୍ଡି, ନୂଆପଡା, ନବରଙ୍ଗପୁର, ଦେବଗଡ, ସୁନ୍ଦରଗଡ, ଝାରସୁଗୁଡା, ଢେଙ୍କାନାଳ, ମୟୁରଭଂଜ, ବାଲେଶ୍ୱର, ଭଦ୍ରକ , ଯାଜପୁର, କେନ୍ଦ୍ରାପଡା, କଟକ ଓ ଜଗତସିଂହପୁର ଜିଲ୍ଲାରେ ପ୍ରବଳ ବର୍ଷା ପାଇଁ ଅରେଂଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଗଜପତି, ଗଂଜାମ, କନ୍ଧମାଳ , ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ନୟାଗଡ, ପୁରୀ ଓ ରାୟଗଡା ଜିଲ୍ଲାକୁ ପ୍ରବଳ ବର୍ଷା ପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି।

### ୪୦ ଦିନ ପରେ ଗଠନହେଲା....

ମନ୍ତ୍ରିମଣ୍ଡଳରେ ଆହୁରି ୨୫ ସିଟ୍ ଫାଙ୍କା ପଡିଥିବାରୁ ବିଜେପି-ସିନ୍ଦେଙ୍କ ମଧ୍ୟରେ ଠିକ୍ ଭାବେ ବୁଝାମଣା ହୋଇନଥିବା ନେଇ ଚର୍ଚ୍ଚା ହେଉଛି। ହେଲେ ସୁପ୍ରିମକୋର୍ଟରେ ଶିବସେନା ବିବାଦ ମାମଲାର ଶୁଣାଣି ଶେଷ ହୋଇନଥିବାରୁ ମନ୍ତ୍ରିମଣ୍ଡଳରେ ଅଧିକ ମନ୍ତ୍ରୀଙ୍କୁ ସାମିଲ କରାଯାଇନଥିବା ରାଜନୈତିକ ରଣନୀତିକାରମାନେ ମତପ୍ରକାଶ କରିଛନ୍ତି।

## ବିଶ୍ୱ ଆଦିବାସୀ ଦିବସରେ ମାନବ ଶୃଙ୍ଖଳ

ଭୁବନେଶ୍ୱର,୦୯/୦୮ (ନି.ପ୍ର): ଓଡ଼ିଶା ଆଦିବାସୀ ଅଧିକାର ମଂଚ, ସାଲିଆ ସାହି ଆଂଚଳିକ କମିଟି ଏବଂ ଆଦିବାସୀ ଗ୍ରାମ୍ୟ ଉନ୍ନୟନ କମିଟି ତରଫରୁ ଭୁବନେଶ୍ୱର ସାଲିଆସାହିସ୍ଥିତ ଆଦିବାସୀ ଗାଁ ଫୁଟବଲ୍ ପଡ଼ିଆ ନିକଟସ୍ଥ ରାସ୍ତାରେ ବିଶ୍ୱ ଆଦିବାସୀ ଦିବସ ପାଳନ ଅବସରରେ ଏକ ମାନବ ଶୃଙ୍ଖଳ କାର୍ଯ୍ୟକ୍ରମ ସଂଗଠିତ କରାଯାଇଛି। ଆଦିବାସୀ ଏବଂ ପାରମ୍ପରିକ ଜଙ୍ଗଲ ଅଧିବାସୀଙ୍କୁ ଅଧିକାର ଦେବା ପାଇଁ ସହରାଞ୍ଚଳରେ ଜଙ୍ଗଲ ଅଧିକାର ଆଇନ ୨୦୦୬କୁ ଲାଗୁ କରିବା, ରାସ୍ତା ନାମରେ ଜଙ୍ଗଲ ଜମିରୁ ବସ୍ତି ଉଚ୍ଛେଦ ସମ୍ପୂର୍ଣ୍ଣ ବନ୍ଦ କରିବା, ଜଙ୍ଗଲ ସଂରକ୍ଷଣ ନିୟମ ୨୦୨୨କୁ ବାତିଲ କରିବା, ପଞ୍ଚମ ଅନୁସୂଚୀର ପେସା ଆଇନ ୧୯୯୬ର ନିୟମ ପ୍ରଣୟନ କରି ସଠିକ୍ କାର୍ଯ୍ୟକାରୀ କରିବା ପ୍ରମୁଖ ଦାବିକରି ମାନବ ଶୃଙ୍ଖଳରେ ବ୍ୟାନର, ପ୍ଲାକାର୍ଡ଼ ପ୍ରଦର୍ଶନ କରିବା ସହିତ ଏକ ଆଲୋଚନା ସଭା ଆୟୋଜନ କରାଯାଇ ଦାବିଗୁଡ଼ିକ ପୂରଣ କରିବା ପାଇଁ ଆଗାମୀ ଦିନରେ ଦୃଢ଼ ମେଳି ତିଆରି କରାଯାଇ ଦାବି ହାସଲ କରିବା ପର୍ଯ୍ୟନ୍ତ ସଂଘର୍ଷ ଜାରି ରହିବ ବୋଲି ସାଲ ମାର୍ଣ୍ଡି ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ମାନବ ଶୃଙ୍ଖଳ ଏବଂ ସଭା କାର୍ଯ୍ୟରେ ଆଦିବାସୀ ଅଧିକାର ମଂଚର ଉପସଭାପତି ଚାମ୍ପୁରୁ ସୋରେନ୍, ସାଲିଆ ସାହି ଆଂଚଳିକ କମିଟିର ଆବାହକ ମଣ୍ଡଳି ସଭାପତି ଜୟଦେବ ନାୟକ, ସଭ୍ୟ ଅନାଦି ପାତ୍ର, ଶିବଶଙ୍କର ସୋରେନ, ବଂଶୀଧର ପରିଡ଼ା, ସୁଶାନ୍ତ ମହାକୁଡ଼, ଫୁଲମଣି ପାତ୍ର, ଆଦିବାସୀ ଗାଁର ଜୟନ୍ତୀ ସୋରେନ, ଦାଉଦ ଦିଗାଲ, ସନାତନ ମାର୍ଣ୍ଡି, ଫୁଲମଣି ସୋରେନ, ପ୍ରମୁଖ ସାମିଲ ହୋଇଥିଲେ।

## ଦୁଇ ଘରୋଇ ବସ୍ ମାଲିକ ଲାଇନକୁ ନେଇ ମୁହାଁମୁହିଁ : ୬ଘଂଟା ଧରି ବସ୍ ଚଳାଚଳ ବନ୍ଦ, ଯାତ୍ରୀ ହନ୍ତସନ୍ତ



ନୀଳଗିରି, ୦୯/୦୮ (ନି.ପ୍ର): ଦୁଇ ଘରୋଇ ବସ ମାଲିକଙ୍କ ପରମିଟ୍ ଓ ଲାଇନ ବିଷୟକୁ ନେଇ ମୁହଁମୁହିଁ। ନୀଳଗିରି ସଜନାଗଡ଼ ବଜାରରେ ୬ଘଂଟା ଧରି ବସ ଚଳାଚଳ ବନ୍ଦ ହୋଇଥିଲା। ଏ ନେଇ ଶହ ଶହ ଯାତ୍ରୀ ହନ୍ତସନ୍ତ ହୋଇଥିଲେ। ସୂଚନା ମୁତାବକ ଓମକାର ନାମକ ଏକ ଘରୋଇ ଯାତ୍ରୀବାହୀ ବସ ଓଡି୦୨ଏସି୨୭୫୭ କଟକ ପରିବହନ କାର୍ଯ୍ୟାଳୟରୁ ଉକ୍ତ ବସର ମାଲିକ ପରମିଟ୍ ଆଣି ଗତ ସୋମବାର ଠାରୁ ଉଦଳାରୁ ଉଦୟପୁର ଭାୟା ବାଲେଶ୍ୱର, ଜଳେଶ୍ୱର ଚଳାଚଳ ଆରମ୍ଭ କରିଥିଲା ଭଳି ଗତକାଲି ଭଳି ମଙ୍ଗଳବାର ପୂର୍ବାହ୍ନରେ ଉଦଳାରୁ ବାହାରି ବାଲେଶ୍ୱର ବସ୍ ଷ୍ଟାଣ୍ଡ ରେ ଯାତ୍ରୀ ଉଠାଉ ଥିବା ବେଳେ ସେହି ଲାଇନରେ ଚାଲୁଥିବା ଏହେସାନ ନାମକ ଏକ ଘରୋଇ ବସର ମାଲିକ ଓ ତାଙ୍କର କିଛି ସାଥୀ ସହଯୋଗୀ ବସକୁ ଅଟକାଇ ଧମକଚମକ ଦେବା ସହ ବସର ପରମିଟ୍‌କୁ ଚିରିଦେଇଥିବା ସହଦେବଖୁଂଟା ଥାନାରେ ଓମ୍‌କାର ବସ୍‌ର କର୍ମଚାରୀ ବିକାଶ କୁମାର ବେହେରା ଲିଖିତ ଅଭିଯୋଗ କରିଥିଲେ। ଏହାକୁ ନେଇ ଓମକାର ବସର ମାଲିକ ନୀଳଗିରି ଥାନା ଅଧିନ ସଜନାଗଡ଼ ବଜାରରେ ବାଲେଶ୍ୱରରୁ ଆସୁଥିବା ଘରୋଇ ମାଲିକ ଙ୍କ ବସକୁ ଅଟକ ରଖିଥିଲେ। ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଂଚି ବୁଝାଶୁଝା କରିଥିବା ବେଳେ ଫଳ କିଛି ମିଳି ନ ଥିଲା। ଆମ୍ଭ ଗାଡ଼ିକୁ ଛାଡ଼ିଲେ ଆମ୍ଭେ ତାଙ୍କ ଗାଡ଼ିକୁ ଛାଡ଼ିଦେବୁ ବୋଲି କହିଥିଲେ ଓମକାର ବସର ମାଲିକ। ପରେ ଏହି ଘଟଣାକୁ ନେଇ ବାଲେଶ୍ୱର ବସ ମାଲିକ ସଂଘ ପକ୍ଷରୁ ଓମ୍‌କାର ବସର ମାଲିକଙ୍କୁ ରବିବାର ଏହି ବିଷୟକୁ ବସ ମାଲିକ ସଂଘ କାର୍ଯ୍ୟାଳୟରେ ସମାଧାନ କରାଯିବାର ପ୍ରତିଶ୍ରୁତି ପରେ ଗାଡ଼ି ଚଳାଚଳ ଆରମ୍ଭ ହୋଇଥିଲା।

# ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସ୍ୱାଧୀନତାର ଗୌରବ ଯାତ୍ରା ଆରମ୍ଭ

ଭୁବନେଶ୍ୱର,୦୯/୦୮ (ନି.ପ୍ର): ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତି ଉପଲକ୍ଷେ ଅଖିଳ ଭାରତ କଂଗ୍ରେସ କମିଟି ଅଗଷ୍ଟ ୯ କ୍ରାନ୍ତି ଦିବସ ଠାରୁ ଅଗଷ୍ଟ ୧୪ ପର୍ଯ୍ୟନ୍ତ ଦେଶବ୍ୟାପି ୭୫ କିଲୋମିଟର ସ୍ୱାଧୀନତା ଗୌରବ ଯାତ୍ରା ଅନୁଷ୍ଠିତ କରିବାପାଇଁ ନିଷ୍ପତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଭୁବନେଶ୍ୱର ସ୍ଥିତ ନାଲକୋ ଛକ ମହାତ୍ମା ଗାନ୍ଧୀ ପାର୍କ ଠାରୁ ଏହି ଯାତ୍ରା ଆରମ୍ଭ ହୋଇଛି। ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତିରେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ, ଏଆଇସିସି ସଂପାଦକ, ଓଡ଼ିଶା ସହ ପ୍ରଭାରୀ ଜି. ରୁଦ୍ର ରାଜୁ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ, ଅଖିଳ ଭାରତ ମଜଦୁର କଂଗ୍ରେସ ସଭାପତି ରାମଚନ୍ଦ୍ର ଖୁଂଟିଆ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ ଓ ବହୁ ମାନ୍ୟଗଣ୍ୟ କଂଗ୍ରେସ ନେତୃବର୍ଗ ପଦାଧିକାରୀ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ସ୍ୱାଧୀନତା ଗୌରବ ପଦଯାତ୍ରା ଆରମ୍ଭ ହୋଇଥିଲା। ଏହି ପଦଯାତ୍ରା ଜାଭିୟର ଇନଷ୍ଟିଚ୍ୟୁଟ ଅଫ ମେନେଜମେଂଟ, ମୁଣ୍ଡାସାହି, ସାଲିଆ ସାହି ମଧ ଦେଇ ନୟାପଲ୍ଲୀ ଏନ-୫ ହନୁମାନ ମନ୍ଦିର ପାଖରେ ସମାପ୍ତ ହୋଇଥିଲା। ରାମଧୁନ, ମହାତ୍ମା ଗାନ୍ଧୀ, ପଣ୍ଡିତ ନେହେରୁ, ଶ୍ରଦ୍ଧାର ବଲ୍ଲଭାଇ ପଟେଲ, ସୁବାଷ ବୋଷ, ଗାନ୍ଧୀ, ଗୋପବନ୍ଧୁ, ମାଳତି ଚୌଧୁରୀ,ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ଜୟଧ୍ୱନୀ ଦେଇ ୫ କି.ମିରୁ ଅଧିକ ରାସ୍ତା ଅତିକ୍ରମ କରିଥିଲେ। ଏହି ପଦଯାତ୍ରାରେ ହଜାର ହଜାର କଂଗ୍ରେସ କର୍ମୀ ମହିଳା ସଭାନେତ୍ରୀ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ସେବାଦଳ ଏବଂ ବିଭିନ୍ନ ପ୍ରକୋଷ୍ଠ ଓ ବିଭାଗର କାର୍ଯ୍ୟକର୍ତା ସହିତ ଶହ ଶହ ସାଧାରଣ ଜନତା ସାମିଲ ହୋଇଥିଲେ। ଏହି ଅବସରରେ ପ୍ରଦଶେ କଂଗ୍ରେସ ସଭାପତି ସମସ୍ତ ସହଯାତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ ଏହି ପଦଯାତ୍ରାର ସହଯାତ୍ରୀ ମାନଙ୍କୁ ଭାରତ ଗୌରବ ଯାତ୍ରାର ଉଦ୍ଦେଶ୍ୟ ସଂପର୍କରେ ବୁଝାଇଥିଲେ।

## ଯୋଗେନ୍ଦ୍ର ଆଞ୍ଚଳିକ ମହାବିଦ୍ୟାଳୟର ୫୩୫ ନମ୍ବର ରଖି ଶୁଚିସ୍ମିତା ଜେନା ଟପର



ଭୁବନେଶ୍ୱର,୦୯/୦୮ (ନି.ପ୍ର): ଯୁକ୍ତ ୨ କଳା ବାର୍ଷିକ ସିଏଚ୍‌ଏସ୍‌ଇ ପରୀକ୍ଷାରେ କୁମାରୀ ଶୁଚିସ୍ମିତା ଜେନା ୫୩୫ ନମ୍ବର ରଖି ଟପର ହୋଇଛନ୍ତି। ଯୋଗେନ୍ଦ୍ର କଲେଜରେ ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ସହିତ ଶତ ପ୍ରତିଶତ ସଫଳତା ମିଳିଛି। ସମଗ୍ର ଓଡିଶାରେ ରେକର୍ଡ ସଂଖ୍ୟକ ଛାତ୍ରଛାତ୍ରୀ ଉକ୍ତ ମହାବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ମହାବିଦ୍ୟାଳୟର ଅଧକ୍ଷା ମିନତୀ ରାଣୀ ବେହେରା କୃତି ଛାତ୍ରୀ ଶୁଚିସ୍ମିତା ଜେନା ଓ ୫୦୦ ରୁ ଅଧିକ ନମ୍ବର ରଖିଥିବା ୧୦ ଜଣ ଛାତ୍ରଛାତ୍ରୀଙ୍କୁ ଉପଢୌକନ ସହ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ମାନଙ୍କୁ ସାଧୁବାଦ ଜଣାଇଛନ୍ତି। ଆଗାମୀ ଦିନରେ ଓଡିଶା ପ୍ରଶାସନ ସେବାରେ ଯୋଗଦାନ କରିବେ ବୋଲି କୁମାରୀ ଶୁଚିସ୍ମିତା ଜେନା ମତବ୍ୟକ୍ତ କରିଥିଲେ।

## ନଳକୂପ ମିସ୍ତ୍ରୀଙ୍କ ଝିଅ ବ୍ଲକ ଟପର



ବାଲିଆପାଳ, ୦୯/୦୮ (ନି.ପ୍ର): ଚଳିତବର୍ଷ ଯୁକ୍ତ ଦୁଇ କଳା ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ପରିକ୍ଷାରେ ଜଣେ ନଳକୂପ ମିସ୍ତ୍ରୀଙ୍କ ଝିଅ ବାଲିଆପାଳ ବ୍ଲକର ସର୍ବାଧିକ ନମ୍ବର ରଖି ଟପର ହୋଇଛନ୍ତି। ବାଲିଆପାଳ ବ୍ଲକ କୃଷ୍ଣ ଚନ୍ଦ୍ର ପିପିଲି ମହାବିଦ୍ୟାଳୟ ଜଗାଇର ଛାତ୍ରୀ ପାକୁଳିଆ ଗ୍ରାମର ନିରଞ୍ଜନ ବେହେରାଙ୍କ ଝିଅ ମଧୁସ୍ମିତା ୫୫୨ ନମ୍ବର ରଖି ବ୍ଲକର ଟପର ହୋଇଛନ୍ତି।ମଧୁସ୍ମିତାଙ୍କ ମା ଅଞ୍ଜଳି ମଧ ନଳକୂପ ମରାମତି କାଯ୍ୟରେ ନିୟୋଜିତ।ମଧୁସ୍ମିତା ତାଙ୍କ ସଫଳତାର ଶ୍ରେୟ ପିତା ମାତାଙ୍କ ସହିତ ମହାବିଦ୍ୟାଳୟର ଅଧକ୍ଷା ଡ:ହରପ୍ରିୟା ଦାସ ଏବଂ ସମସ୍ତ ଅଧାପକ ଓ ଅଧାପକଙ୍କ ଦେଇଛନ୍ତି। ମଧୁସ୍ମିତା ଜଣେ ଅଧାପିକା ହେବାର ଲକ୍ଷ ରଖିଥିବା କହିଛନ୍ତି।

## ସସ୍ମିତ ପାତ୍ର କୋଇଲା ଓ ଖଣି ମନ୍ତ୍ରଣାଳୟର ପରାମର୍ଶଦାତା କମିଟିର ସଦସ୍ୟ

ଭୁବନେଶ୍ୱର,୦୯/୦୮ (ନି.ପ୍ର): ବିଜେଡିର ରାଜ୍ୟ ସଭା ସାଂସଦ ସସ୍ମିତ ପାତ୍ର କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରଣାଳୟର ପରାମର୍ଶଦାତା ସମିତିର ସଦସ୍ୟ ଭାବେ ନିଯୁକ୍ତ ହୋଇଛନ୍ତି। ଏହା ପୂର୍ବରୁ ସେ ଆଇନ ମନ୍ତ୍ରଣାଳୟର ପରାମର୍ଶଦାତା ସମିତିର ସଦସ୍ୟ ଥିଲେ।

# ସଦର ବିଜେପିର 'ହର ଘର ତ୍ରିରଙ୍ଗା ବାଇକ ଶୋଭାଯାତ୍ରା'



ବାଲେଶ୍ୱର,୦୯/୦୮ (ନି.ପ୍ର): ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ ସଭାପତି ତଥା ସଦର ନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଅଛି। ବାଲେଶ୍ୱର ସଦର ବିଜେପି ପକ୍ଷରୁ ଆୟୋଜିତ ବାଇକ ଶୋଭାଯାତ୍ରାରେ ଶହ ଶହ କାର୍ଯ୍ୟକର୍ତ୍ତା ଓ ସମର୍ଥକ ସାମିଲ ହୋଇଥିଲେ। ଏହି ବାଇକ ରାଲି ସହରର ଗାନ୍ଧୀସ୍ମୃତି ଭବନଠାରୁ ବାହାରି ସହର ପରିକ୍ରମା ସହ ବାରବାଟୀ ସ୍ଥିତ ସ୍ୱାଧୀନତା ସଂଗ୍ରାମୀ ବାଘାଯତୀନ ପୀଠରେ ସମାପ୍ତ ହୋଇଥିଲା। ସେଠାରେ ଥିବା ସହିଦ ସ୍ୱାଧୀନତା ସଂଗ୍ରାମୀ ବାଘାଜତୀନ ଓ ତାଙ୍କ ସାଥୀମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଜାତି, ଧର୍ମ ଓ ଦଳ ମତ ନିର୍ବିଶେଷରେ ଆସନ୍ତା ଅଗଷ୍ଟ ମାସ ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ହର ଘର ତ୍ରିରଙ୍ଗା ଅଭିଯାନ ଏବେ ଆରମ୍ଭ ହୋଇଛି।ଏଥିରେ ହର୍ଷ ଉଲ୍ଲାସର ସହ ସାମିଲ ହେବାକୁ ବିଜେପି ପକ୍ଷରୁ ସଦର ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ନିଜ ନିଜ ଘରେ ଜାତୀୟ ପତାକା ଲଗାଇବା ଏବଂ ଜାତୀୟ ଏକତା, ଶାନ୍ତି ଓ ସାମାଜିକ ସୌହାର୍ଦ୍ଦ୍ୟର ବାର୍ତ୍ତା ବାଣ୍ଟିବା ସହ ଅଭିଯାନକୁ ସଫଳ କରିବା ପାଇଁ ସଦର ନେତା ଶ୍ରୀ ଦତ୍ତ ନିବେଦନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ରାଜ୍ୟ ମହିଳା ମୋର୍ଚ୍ଚା ଉପ ସଭାନେତ୍ରୀ ସୁଷମା ବିଶ୍ୱାଳ, ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ବରିଷ୍ଠ ନେତା ରବିନାରାୟଣ ମହାପାତ୍ର ଓ ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ସୁଜିତ ଦେବ, କାଉନସିଲର ରୋଜାଲିନ ପାଣି ଓ ସସ୍ମିତା ନାଥ, ବରିଷ୍ଠ ଆଇନଜୀବୀ ବିଜୟ ପାଣିଗ୍ରାହୀ, ଅନନ୍ତ ନାୟକ, ଲୋକନାଥ ଭୂୟାଁ, ପ୍ରବୀର ଶଙ୍କର ଦାଶ, ଲକ୍ଷ୍ମୀଧର ବେହେରା, ଉମେଶ ବେହେରା, ଶୈଳେନ୍ଦ୍ର ପ୍ରସାଦ ନନ୍ଦ, ବଳରାମ ପାତ୍ର, ସର୍ବେଶ୍ୱର ପାତ୍ର, ବିକାଶ ପାଢୀ, ରାଜେନ୍ଦ୍ର ଚାଟାର୍ଜୀ, ଅରୂପ ଜେନା, ବିଜୟ ପୃଷ୍ଟି, ପବନ କମିଳା, ନୀତିନ ଦାସ, ମନ୍ମୟ ଦାସ, ମୁନା ମହନ୍ତ, ଦୁର୍ଗା ପ୍ରଧାନ, ସୌଭାଗ୍ୟମାନସ ନାୟକ, ଚିତ୍ତରଞ୍ଜନ ଦତ୍ତ, ଅନନ୍ତ ଚାନ୍ଦ, ସଂଯୁକ୍ତା ମହାପାତ୍ର, ଶ୍ରୀୟା ଦାସ, ସୁସ୍ମିତା ସୁକ୍ଳା, ସୁସ୍ମିତା ପଣ୍ଡା, ସସ୍ମିତା ଦାଶ, ମଧୁଶ୍ରୀ ପଣ୍ଡା, ଝରଣା ଦାସ, ମନ୍ମଥ ପାତ୍ର, ଦିଲ୍ଲିପ ମାଝୀ, କୌଶିକ ଚାନ୍ଦ, ହୃଷିକେଶ ପାତ୍ର, ମାନସ ସାହୁ, ଜୀବନ ପାଣି, ଅନିମେଶ ଦେ, ଗଣେଶ ସେନ, ପ୍ରଶାନ୍ତ ପରିଡା, ସଞ୍ଜୀବ ପ୍ରଧାନ, ଅଶୋକ ଦାସ, ରାଜୁ ହେମ୍ବ୍ରମ, ପ୍ରହଲ୍ଲାଦ ଦାସ, ଅନିଲ ମହାନ୍ତି, ଅଭିରାମ ଅଧିକାରୀ, ସେଖ ମିରାଜ, ଶକ୍ତିଶଙ୍କର ପାଣିଗ୍ରାହୀ ପ୍ରମୁଖ ଆଜିର ଶୋଭାଯାତ୍ରା ଆୟୋଜନ ଓ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ କ୍ରାନ୍ତି ଦିବସ ପାଳିତ



ବାଲିଆପାଳ, ୦୯/୦୮ (ନି.ପ୍ର): ଐତିହାସିକ ଭାରତ ଛାଡ ଆନ୍ଦୋଳନର ୮୦ବର୍ଷ ପୂର୍ତି ଅବସରରେ ଉପକୂଳ ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ଆଜି ସନ୍ଧ୍ୟାରେ ଡଗରାଠାରେ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ଡଗରା ବଡ ଗୁମୁଟି ଛକକ ନିକଟସ୍ଥ ମାଉସୀମା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଆଜିର ଏହି ବୈଠକରେ କମିଟିର ଆବାହକ ଅରୁଣ ଜେନା ପୌରହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବରେ ସିପିଆଇ(ଏମ)ରାଜ୍ୟ ନେତା ଶିଶିର ହୁଇ ,ମୁଖ୍ୟବକ୍ତା ଭାବରେ ସିପିଆଇର ରାଜ୍ୟ ସଦସ୍ୟ ଜୟନ୍ତ ଦାସ,ସମ୍ମାନୀତ ଅତିଥି ଭାବରେ କଂଗ୍ରେସ ନେତା ବିଜନ ନାୟକ, ବ୍ଲକ ଉପାଧକ୍ଷ ରାଜେଶ ଚୌଧୁରୀ,୨୪ ନଂ ଜୋନର ଜିଲାପରିଷଦ ସଦସ୍ୟ ବାବାଜୀ ଦେହୁରୀ ପ୍ରମୁଖ ବକ୍ତବ୍ୟ ଦେଇ ଆଗାମୀ ଦିନରେ ଭିଟାମାଟି ସୁରକ୍ଷା ବନ୍ଦର ଓ ପେଟ୍ରୋକେମିକାଲ କମ୍ପାନୀଙ୍କୁ ହଟାଇବା ପାଇଁ ଆନ୍ଦୋଳନକୁ ଅଧିକ ସକ୍ରୀୟ ଓ କ୍ରିୟା ଶୀଳ କରିବା ଲାଗି ଉପସ୍ଥିତ ଲୋକମାନଙ୍କୁ ଆହ୍ୱାନ ଦେଇଥିଲେ। ରାଜ୍ୟରେ ଏକ ବହୁ ଫସଲୀ କୃଷି ସମୃଦ୍ଧ ଅଂଚଳକୁ ଶିଳ୍ପାୟନ ନାମରେ କମ୍ପାନୀ ହାତକୁ ଟେକିଦେବାକୁ ସରକାରଙ୍କ ଚକ୍ରାନ୍ତକୁ ସଫଳ କରିବା ଦିଆଯିବ ନାହିଁ ବୋଲି କହିଥିଲେ। ସରକାର ଓ ଅଗଣତାନ୍ତ୍ରିକ ଭାବେ ୬ଟି ପଂଚାୟତର ୬୦ ହଜାର ଲୋକଙ୍କୁ ଉଦବାସ୍ତୁ କରିବାର ଯେଉଁ ଚକ୍ରାନ୍ତ କରୁଛନ୍ତି। ତାହାକୁ ବରଦାସ୍ତ କରାଯିବ ନାହିଁ। ବନ୍ଦର ପାଇଁ ହେବାକୁ ଥିବା ସୁଚରେଳପଥ ଯୋଗୁଁ ବ୍ୟାପକ ଚାଷ ଜମି ନଷ୍ଟ ହେବାର ଯଥେଷ୍ଟ ସମ୍ଭାବନ ରହିଛି। ସରକାର ପ୍ରକଳ୍ପ ପ୍ରସ୍ତାବ ଅଂଚଳରେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଜନଶୁଣାଣୀ କରିବା ପାଇଁ ଦାବି କରିଛନ୍ତି। ଆଗାମୀ ଦିନରେ ଭିଟାମାଟି ବଂଚାଉ ଆନ୍ଦୋଳନକୁ ଗାନ୍ଧୀ ମହାତ୍ମାଙ୍କ ଅହିଂସା ଓ ସତ୍ୟାଗ୍ରହ ଆନ୍ଦୋଳନ ଜରିଆରେ ବ୍ୟାପକ କରାଯିବାକୁ ଆଜିର ବୈଠକରେ ନିଷ୍ପତି ନିଆଯାଇଛି। ଲଘୁଚାପ ଜନିତ ପ୍ରବଳ ବର୍ଷା ଏବଂ ପ୍ରତିକୂଳ ପାଗ ସତ୍ତ୍ୱେ ଏହି ବୈଠକରେ ୬ଟି ପଂଚାୟତର ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ।

# ବିଜୁ ଭବନ ଠାରେ ବିଶ୍ୱ ଆଦିବାସୀ ଦିବସ ପାଳିତ

ବାରିପଦା, ୦୯/୦୮ (ନି.ପ୍ର): ଆଜି ସ୍ଥାନୀୟ ବିଜୁ ଜନତା ଦଳ ମୁଖ୍ୟ କାର୍ଯ୍ୟାଳୟ ବିଜୁ ଭବନ ଠାରେ ବିଶ୍ୱ ଆଦିବାସୀ ଦିବସ ପାଳନ ହୋଇଯାଇଛି। ସର୍ବ ପ୍ରଥମେ ବିଜୁ ଭବନଠାରୁ ଆଦିବାସୀ ନେତାମାନଙ୍କର ଏକ ଦଳ ବାହାରି ବାରିପଦାଠାରେ ସ୍ଥାପିତ ହୋଇଥିବା ଆଦିବାସୀ ମହାପୁରୁଷମାନଙ୍କର ପ୍ରତିମୂର୍ତୀରେ ମାଲ୍ୟାର୍ପଣ କରାଯାଇଥିଲା। ତତ୍‌ପରେ ବିଜୁ ଭବନଠାରେ ଏକ ସଭାର ଆୟୋଜନ ହୋଇଥିଲା। ପ୍ରଥମେ ମହାପୁରୁଷମାନଙ୍କର ତୈଳଚିତ୍ରରେ ଶ୍ରଦ୍ଧା ସୁମନ ପୁଷ୍ପ ଅର୍ପଣ ଓ ପ୍ରଦୀପ ପ୍ରଜ୍ଜଳନ କରି ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଆଜିର କାର୍ଯ୍ୟକ୍ରମକୁ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସୁଦାମ ମାର୍ଣ୍ଡିଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବରେ ମୟୂରଭଞ୍ଜ ଜିଲ୍ଲା ବି.ଜେ.ଡି. ସହପର୍ଯ୍ୟବେକ୍ଷକ ଶ୍ରୀଯୁକ୍ତ ଜନ୍ମେଜୟ ଲେଙ୍କା ଏବଂ ସମ୍ମାନୀୟ ଅତିଥି ଭାବେ ସହପର୍ଯ୍ୟବେକ୍ଷକ ସୁବ୍ରତ ଛୋଟାଇ, ଅମରେଶ ପତ୍ରି ଉପସ୍ଥିତ ରହି ମହାପୁରୁଷ ମାନଙ୍କ ସ୍ମୃତି ରଣ କରିଥିଲେ। ପୂର୍ବତନ ବିଧାୟକ ତଥା ଆଦିବାସୀ ନେତା ଭାଦବ ହାଁସଦାଃଙ୍କ ସଭାପତିତ୍ୱରେ ମୟୂରଭଞ୍ଜ ଜିଲ୍ଲା ପରିଷଦର ସଭାପତି ଭାରତୀ ହାଁସଦାଃ, ପୂର୍ବତନ ଉପ-ବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ଉନ୍ନୟନ ପରିଷଦର ଅଧକ୍ଷ ତଥା ରାଜ୍ୟ ବି.ଜେ.ଡି. ସାଧାରଣ ସମ୍ପାଦକ ଡ.ଦେବାଶିଷ ମାର୍ଣ୍ଡି, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପ-ନଗରପାଳ ସୀମା ଦାସ, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ବି.ଜେ.ଡି. ମହିଳା ସଭାପତି ଦିପ୍ତୀଲତା ମିଶ୍ର, ମିଶନ ଶକ୍ତି ସଭାପତି ବିଷ୍ଣୁପ୍ରିୟା ଦାସ, ସମାଜ ସେବି ତଥା ବରିଷ୍ଠ ନେତା ଅମର ସେଠୀ ଏବଂ ବାରିପଦା ନିର୍ବାଚନ ମଣ୍ଡଳୀର ବହୁ ଆଦିବାସୀ ନେତା ଉପସ୍ଥିତ ରହି ରାଜ୍ୟ ସରକାର ଆଦିବାସୀମାନଙ୍କ ବିକାଶ ପାଇଁ ନେଇଥିବା ବିଭୀନ୍ନ ପଦକ୍ଷେପକୁ ଭୂୟସି ପ୍ରସଂଶା କରିଥିଲେ ଏବଂ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ଚାଷୀଙ୍କ ଝିଅ ହେଲେ ମହାବିଦ୍ୟାଳୟର ଟପର



ବାଲିଆପାଳ, ୦୯/୦୮ (ନି.ପ୍ର): ଚଳିତବର୍ଷ ଯୁକ୍ତ ଦୁଇ କଳା ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। ପରୀକ୍ଷାରେ ଜଣେ ଗରିବ ଚାଷୀଙ୍କ ଝିଅ ସମସ୍ତଙ୍କୁ ପଛରେ ପକାଇ ସର୍ବାଧିକ ନମ୍ବର ରଖି ମହାବିଦ୍ୟାଳୟର ଟପର ହୋଇଛି। ବାଲିଆପାଳ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଚଳିତ ବର୍ଷ ଯୁକ୍ତ ଦୁଇ କଳା ପରୀକ୍ଷାରେ କଟିସାହି ଗ୍ରାମର ଚାଷୀ ନବକିଶୋର ଜେନା ଓ ଆରତୀ ଜେନାଙ୍କ ସାନ ଝିଅ ଅଞ୍ଜନା ମୋଟ ୫୨୯ ନମ୍ବର ରଖି ମହାବିଦ୍ୟାଳୟର ଟପର ହୋଇଛନ୍ତି।ତାଙ୍କର ଏହି ସଫଳତା ପାଇଁ ସେ ତାଙ୍କର ପିତାମାତା ତଥା ମହାବିଦ୍ୟାଳୟର ସମସ୍ତ ଅଧାପକ ଓ ଅଧାପକଙ୍କ ଶ୍ରେୟ ଦେଇଛନ୍ତି। ଭବିଷ୍ୟତରେ ସେ ଜଣେ ପ୍ରଶାସନିକ ଅଧିକାରୀ ହେବେ ବୋଲି କହିଛନ୍ତି।

# ବି.ବି.ମହାବିଦ୍ୟାଳୟ ବାଇଗଣବାଡିଆରେ ବିଶ୍ୱ ଆଦିବାସୀ ଦିବସ ପାଳିତ



ବାରିପଦା,୦୯/୦୮ (ନି.ପ୍ର): ବି.ବି.ମହାବିଦ୍ୟାଳୟ, ବାଇଗଣବାଡିଆ ମହାବିଦ୍ୟାଳୟରେ ବିଶ୍ୱ ଆଦିବାସୀ ଦିବସ ଉପଲକ୍ଷେ ଏକ ସ୍ୱତନ୍ତ୍ର ସଭାର ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟର ଅଧକ୍ଷ ଡ. ଯତିନ୍ଦ୍ରନାଥ ସିଂହଦେବ ସଚ୍ଚାନଙ୍କ ଅଧକ୍ଷତାରେ ଏହା ପାଳିତ ହୋଇଯାଇଛି। ଏହି ସଭାରେ ଶତାଧିକ ସାନ୍ତାଳୀ ସମ୍ପ୍ରଦାୟର ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ। ସଭାରେ ଅବସର ପ୍ରାପ୍ତ ଶିକ୍ଷକ ତଥା ଆଦିବାସୀ ସାନ୍ତାଳୀ ଶିକ୍ଷାର ପ୍ରସାର ନିମନ୍ତେ କାର୍ଯ୍ୟକରୁଥିବା ଶ୍ରୀଯୁକ୍ତ ସନେର ସିଂ ହାଁସଦାଃ, ମୁଖ୍ୟ ଅତିଥି ଏମ.ପି.ସି. ସ୍ୱଂୟ ଶାସିତ ମହାବିଦ୍ୟାଳୟ ସାନ୍ତାଳୀ ଅଧାପକ ଶ୍ରୀଯୁକ୍ତ ସଞ୍ଜୟ କୁମାର ହେମ୍ବ୍ରମ, ମୁଖ୍ୟ ବକ୍ତା ଓ ମହାବିଦ୍ୟାଳୟର ସାନ୍ତାଳୀ ଅଧାପକ ଶ୍ରୀଯୁକ୍ତ ଭାଦବ ଟୁଡୁ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଗଣିତ ବିଭାଗର ପ୍ରାଧାପକ ଡ.କେଦାର ଚନ୍ଦ୍ର ପରିଡା ଯୋଗଦାନ କରିଥିଲେ। ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ଶ୍ରୀ ତାରାସ ମାର୍ଣ୍ଡି, ରାମ ଟୁଡୁ, ଧାନାୟ ମୁର୍ମୁ, ନବକୃଷ୍ଣ ସୋରେନ୍, ସୁମତୀ ମୁର୍ମୁ, ମିନା ମାର୍ଣ୍ଡି, ଜୁଆନା ମୁର୍ମୁ ପ୍ରମୁଖ ସଭାକାର୍ଯ୍ୟ ପରିଚାଳନାରେ ମୂଖ୍ୟ ଭୂମିକା ଗ୍ରହଣ କରିଥିଲେ। ମହାବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଆଦିବାସୀ ସମ୍ପ୍ରଦାୟର ଆକର୍ଷଣୀୟ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ମହାବିଦ୍ୟାଳୟର କର୍ମଚାରୀ ପ୍ରଶାନ୍ତ ମହାପାତ୍ର, ଶୁକଦେବ ଗିରି, ଶୁକଦେବ ଘୋଷ, ଭଳାନାଥ ଦଳେଇ ଓ ଶଶାଙ୍କ ଶେଖର ଘୋଷ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶ୍ରି ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅସ୍ତ୍ରୋପଚାର ପରେ ବି ଯନ୍ତ୍ରଣାରୁ ମୁକ୍ତି ମିଳିଲାନି : ବେକରେ ରଶି ଲଗାଇ ମହିଳାଙ୍କ ଆତ୍ମହତ୍ୟା

ଖଇରା, ୦୯/୦୮ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଗଣ୍ଡିବେଡ ଗ୍ରାମ ରାଉଳସାହି ର ମିନାକ୍ଷୀ ରାଉଳ ରବିବାର ରାତିରେ ରୋଷେଇ ଘର ଫ୍ୟାନରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଖନ୍ତାପଡାଞ୍ଚଅଞ୍ଚଳର ମିନାକ୍ଷୀ ଅନ୍ୟୁନ ୮ବର୍ଷ ତଳେ ଗଣ୍ଡିବେଡର ସଞ୍ଜୟ ରାଉଳଙ୍କୁ ବିବାହ କରିଥିଲେ।କ୍ରମାଗତ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ଚାପିବା ପାଇଁ ପ୍ରଥମେ ଔଷଧ ଖାଇଥିଲେ। ନ କମିବାରୁ ଅସ୍ତ୍ରୋପଚାର କରାଯାଇଥିଲା। ହେଲେ କିଛି ଉପସମ ନମିଳିବାରୁ ଶେଷରେ ଆତ୍ମହତ୍ୟା ପଥ ବାଛିଥିବାର ତାଙ୍କ ହାତଲେଖା ଡାଇରିରୁ ଜଣାପଡିଛି। ଖଇରା ପୋଲିସ ଏକ ଅପମୃତ୍ୟୁ ମାମଲା(୩୨/୨୨) ରୁଜୁ କରିବା ସହ ସୁଇସାଇଡ ନୋଟକୁ ଜବତ କରିଛି। ମୋ ମୃତ୍ୟୁ ପାଇଁ କରହି ଦାୟୀ ନିହଁନ୍ତି। ଯନ୍ତ୍ରଣା ପାଇଁ ଆଉ କେତେ ଔଷଧ ଖାଇବି। ମୁଁ ଆତ୍ମହତ୍ୟା କରୁଛି। ମୋ ଝିଅର ଦାୟିତ୍ୱ ସମସ୍ତଙ୍କୁ ଲାଗିଲା ବୋଲି ସୁଇସାଇଡ ନୋଟରେ ଉଲ୍ଲେଖ କରିଛନ୍ତି। ମୀନାକ୍ଷୀଙ୍କ ସ୍ୱାମୀ ଆର୍ମୀରେ କାର୍ଯରତ ଥିବା ବେଳେ ମିନାକ୍ଷି ସୋରରେ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ପାଠ ପଢାଉଥିଲେ। ରବିବାର ଦିନ ଶ୍ୱଶୁର ଘରକୁ ଆସିଥିଲେ।

# ଖୋର୍ଦ୍ଧା ପେନସନ ଭୋଗି କର୍ମଚାରୀ ରାଜ୍ୟ ମହାସଙ୍ଘକୁ ସମ୍ବର୍ଦ୍ଧନା

ଖୋର୍ଦ୍ଧା, ୦୯/୦୮ (ନି.ପ୍ର): ପେନସନ ଭୋଗୀ ସଂଘ ମେମ୍ବରମାନେ ରାଜ୍ୟ ମହାସଂଘକୁ ସମର୍ଥନ କରି ଆସନ୍ତା ଅଗଷ୍ଟ ୯ରୁ ପ୍ରତିବାଦ କରିବେ। ରାଜ୍ୟ ସରକାର ପେନସନଭୋଗୀ ଙ୍କ ପାଇଁ ଅବିଚାର କରୁଛନ୍ତି। ବହୁ ଦାବିପରେ ଚିକିତ୍ସା ଭତା ଆଜି ପର୍ଯ୍ୟନ୍ତ ମିଳିଲାନାହିଁ। କେନ୍ଦ୍ର ସରକାର ପେନସନ ଭୋଗୀଙ୍କୁ ଚିକିତ୍ସା ଭତା ଆଦି ସବୁ ସୁବିଧା ଦେଉଛନ୍ତି। ମାତ୍ର ଓଡ଼ିଶା ରାଜ୍ୟ ସରକାର ଗତ ଜାନୁଆରୀ ୨୦୨୨ରୁ ୩ ପର୍ସେଣ୍ଟ ମାହାଙ୍ଗା ଭତା ଆଜି ପର୍ଯ୍ୟନ୍ତ ଦେଇନାହାନ୍ତି। ଆଉ ମଧ ଜାନୁଆରୀ ୨୦୨୦ରୁ ୨୦୨୧ ଜୁଲାଇ ମାସ ପର୍ଯ୍ୟନ୍ତ ୧୮ ମାସର ଏରିଅର ଡିଏ ଏପର୍ଯ୍ୟନ୍ତ ମିଳିନାହିଁ। ଖୋର୍ଦ୍ଧା ଜିଲ୍ଲା ପେନସନ ଭୋଗୀ ସଙ୍ଘର (ଖୋର୍ଦ୍ଧା ବ୍ରାଞ୍ଚ) ସଂପାଦକ ହଜୀ ,ନାସିରୁଦ୍ଦିନ ଖାଁ ଆଜି ପ୍ରକାଶ କରିଛନ୍ତି କି ଖୋର୍ଦ୍ଧା ବ୍ରାଞ୍ଚ ରାଜ୍ୟ ସଂଘ ଖୁବ୍ ଶୀଘ୍ର ଏକ ସଭା ଡକାଇ ଏହାର ବିଚାର କରି ରାଜ୍ୟ ମହାସଂଘକୁ ଦୃଢ ସହଯୋଗ କରିବେ।

# ନାଳରେ ପଡି ବୃଦ୍ଧଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା : ହତ୍ୟାକାରୀକୁ ଧରିବା ଦାବିରେ ଗ୍ରାମବାସୀଙ୍କ ବିକ୍ଷୋଭ



ଖଇରା, ୦୯/୦୮ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଗଡପୋଖରି ଗ୍ରାମ ପଞ୍ଚାୟତ ଅଧୀନ ଜୟିଗଡ ଗ୍ରାମର ମହେନ୍ଦ୍ର ସେଠୀଙ୍କ ଶବ ବ୍ୟବଛେଦ ରିପୋର୍ଟରେ ହତ୍ୟାର ସୁରାକ ମିଳିବା ପରେ ଗ୍ରାମବାସୀ ମାନେ ଅଭିଯୁକ୍ତ ଭାବେ ଗ୍ରାମରେ ମଦ ବ୍ୟବସାୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବୀରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସୋମବାର ସକାଳେ ମହେନ୍ଦ୍ରଙ୍କ ପୁଅ ନିରଞ୍ଜନ ଙ୍କ ସହ ଶତାଧିକ ଗ୍ରାମବାସୀ ଖଇରା ଥାନାକୁ ଆସି ଶବବ୍ୟବଛେଦ ରିପୋର୍ଟ ଦେଖାଇ ହତ୍ୟା ପଛରେ ସାମିଲ ଥିବା ଶ୍ୟାମ ସାହୁ ନାମକ ମଦ ବ୍ୟବସାୟୀ ନାମ ଉଠାଇ ତାଙ୍କୁ ଗିରଫ କରିବାକୁ ଦାବୀ କରିଥିଲେ। ହେଲେ ତଦନ୍ତକାରୀ ଅଧିକାରୀ ଙ୍କ ସମେତ ଅନ୍ୟ କୌଣସି କର୍ମଚାରୀ ସେମାନଙ୍କ କଥାକୁ ଶୁଣି ନଥିଲେ। ଏହାକୁ ବିରୋଧ କରି ଗ୍ରାମର ମହିଳା ପୁରୁଷ ପ୍ରଥମେ ଥାନା ଆଗରେ ଧାରଣା ଦେବା ପରେ ଅପରାହ୍ନରେ ସୋର-କୁପାରୀ ରାସ୍ତାକୁ ଅବରୋଧ କରିଥିଲେ। ଭଦ୍ରକ ମହରମ ପର୍ବ ପାଳନ ଦାୟିତ୍ୱରେ ଥିବା ଖଇରା ଥାନା ଆଇଆଇସି ଗଣେଶ୍ୱର ପ୍ରଧାନ ଫୋନ ଯୋଗେ ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଇ ସେ ୧୧ତାରିଖରେ ଖଇରା ପହଞ୍ଚିବା ପରେ ନିଜେ ଘଟଣାର ତଦନ୍ତ କରି ଅଭଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିବା ପରେ ଗ୍ରାମବାସୀ ଅବରୋଧ ପ୍ରତ୍ୟାହାର କରିଥିଲେ। ୪ତାରିଖ ସକାଳେ ମହେନ୍ଦ୍ର ଙ୍କ ଶବ ସଂପୃକ୍ତ ମଦ ବ୍ୟବସାୟୀଙ୍କ ଘର ନିକଟସ୍ଥ ନାଳରୁ ଉଦ୍ଧାର କରାଯାଇଥିଲା। ପରିବାର ଲୋକେ ଏହାକୁ ହତ୍ୟା କରାଯାଇଥିବା ନେଇ ଲିଖିତ ଅଭିଯୋଗ ଧରି ଖଇରା ଥାନାକୁ ଆସିଥିବା ବେଳେ ପୋଲିସ ଏହାକୁ ଅପମୃତ୍ୟୁ ମାମଲା ଭାବେ ବିବେଚନା କରିଥିଲା। ଏବଂ ଶବ ବ୍ୟବଛେଦ ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନେବ ବୋଲି କହିଥିବାରୁ ଏବେ ଗ୍ରାମବାସୀ ମାନେ ହତ୍ୟା ମାମଲା ରୁଜୁ କରିବା ଜିଦରେ ଅଟଳ ଅଛନ୍ତି। ସଂପୃକ୍ତ ମଦବ୍ୟବସାୟୀ ଙ୍କ ମଦକାରବାର ଯୋଗୁଁ କେବଳ ବୃଦ୍ଧ ବା ଯୁବକ ନୁହଁନ୍ତି। ଛୋଟ ଛୋଟ ପିଲାମାନେ ମଧ୍ୟ ନିଶାଖାଇ ରାସ୍ତାରେ ଗଡୁଛନ୍ତି। ଏହି ମଦପିଆ ଏବଂ ପଇସା ଦିଆନିଆକୁ ନେଇ ପ୍ରତ୍ୟେକଦିନ ଛୋଟବଡ ଦୁର୍ଘଟଣା ଘଟୁଥିବାରୁ ତୁରନ୍ତ ଏହାକୁ ବନ୍ଦ କରିବାକୁ ଗ୍ରାମର ଜୟନ୍ତ ସେଠୀ ଦାବୀ କରିଛନ୍ତି।

# ଗୋଟିଏ ଦିନରେ ୪୮୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୯/୦୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୪୮୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୨୦୦୧୪ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ ୮୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୦୫୨୬୧ ହୋଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୫୪୯ ରହିଛି। ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୨୮୫ ଜଣ ସଂଗରୋଧରୁ ଓ ୨୦୨ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୧, ବାଲେଶ୍ୱର ଜିଲ୍ଲାରେ ୩, ବରଗଡ ଜିଲ୍ଲାରେ ୧୨, ଭଦ୍ରକ ଜିଲ୍ଲାରେ ୨, ବଲାଙ୍ଗୀର ଜିଲ୍ଲାରେ ୧୧ ବୌଦ୍ଧ ଜିଲ୍ଲାରେ ୧୩, କଟକ ଜିଲ୍ଲାରେ ୩୧ . ଦେବଗଡ, ଜିଲ୍ଲାରେ ୩, ଢେଙ୍କାନାଳ ଜିଲ୍ଲାରେ ୨ ,ଗଜପତି ଜିଲ୍ଲାରେ ୬, ଗଂଜାମ ଜିଲ୍ଲାରେ ୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

# ପ୍ରବଳ ବର୍ଷା ସତ୍ତ୍ୱେ ପାଳନ ହେଲା ବିଶ୍ୱ ଆଦିବାସୀ ଦିବସ

ନୀଳଗିରି, ୦୯/୦୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି କେ.ସି. ହାଇସ୍କୁଲ ପଡ଼ିଆରେ ମଙ୍ଗଳବାର ନୀଳଗିରି ଆଦିବାସୀ ବିକାଶ ପରିଷଦ ପକ୍ଷରୁ ୨୮ତମ ବିଶ୍ୱ ଆଦିବାସୀ ଦିବସ ବେଶ୍ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଲଘୁଚାପ ଜନିତ ଲଗାଣ ବର୍ଷା ସତ୍ତ୍ୱେ ଆଖାପାଖ ବିଭିନ୍ନ ପଂଚାୟତରୁ ୧୦୦ରୁ ଅଧିକ ଆଦିବାସୀ ପୁରୁଷ ଓ ମହିଳା ପାରମ୍ପାରିକ ବେଷରେ ସଜ୍ଜିତ ହୋଇ ମଂଚ ସ୍ଥଳରେ ପହଂଚିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ନୀଳଗିରି ବ୍ଲକର ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ମୁଖ୍ୟବକ୍ତା ଭାବେ ମଦନମୋହନ ମାଝୀ, ବାଗରାୟ ସରେନ, ସମ୍ମାନୀୟ ଅତିଥି ଭାବେ ରାଜ୍ୟ ମହିଳା ବିଜେଡିର ସାଧାରଣ ସମ୍ପାଦିକା ସୁନିତୀ ସିଂ, ପ୍ରତୀକ୍ଷା ସିଂ, ଚାନ୍ଦମଣି ମୁର୍ମୁ, ସଂଜୟ ସିଂ, ରଘୁନାଥ ସିଂ, ଲମ୍ବୁଧର ମାଝୀ, ପ୍ରମୁଖ ମଂଚରେ ଉପସ୍ଥିତ ରହି ଆଦିବାସୀ ବିକାଶ ସମ୍ବନ୍ଧରେ ନିଜନିଜର ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜନଜାତି ସମ୍ପ୍ରଦାୟର ସାନ୍ତାଳୀ, ମୁଣ୍ଡା, ହୋ, କୋହ୍ଲ, ଭୂମିଜ, ସମ୍ପ୍ରଦାୟର ୧ହଜାରରୁ ଉର୍ଦ୍ଧ୍ୱ ଭାଇ ଭଉଣୀ, ବୟସ୍କ, ମା, ମାଉସୀ ଉପସ୍ଥିତ ରହିଥିଲେ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo